## ଓଡ଼ିଶା ବିଧାନସଭା

### ଷଷ୍ଠ ଅଧିବେଶନ

### ଲିଖିତ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ
### ୧୦ ମାର୍ଚ୍ଚ ୨୦୨୬

----

[ପଞ୍ଚାୟତିରାଜ ଓ ପାନୀୟ ଜଳ - ଗୃହ ନିର୍ମାଣ ଓ ନଗର ଉନ୍ନୟନ - ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ - ଗ୍ରାମ୍ୟ ଉନ୍ନୟନ - ସରକାରୀ ଉଦ୍ୟୋଗ - ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା ].

ମୋଟ ପ୍ରଶ୍ନର ସଂଖ୍ୟା - 313

----

**Outsourcing ଦ୍ୱାରା ନିଯୁକ୍ତି**

2275 **ଶ୍ରୀ ସନାତନ ବିଜୁଳି (ବଡସାହି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଡସାହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଡସାହି ଓ ବେତନଟୀ ବ୍ଲକରେ କେଉଁ Company Out Sourcing ରେ ନିଯୁକ୍ତି ଦେଉଛନ୍ତି, କେଉଁ ସଂସ୍ଥାରେ କେତେ ସଂଖ୍ୟାରେ ନିଯୁକ୍ତି ଦେଇଛନ୍ତି, ବର୍ତ୍ତମାନ କେଉଁ ସଂସ୍ଥାରେ କେତେ ସଂଖ୍ୟାରେ ପଦବୀ ନୂଆ ନିଯୁକ୍ତି ପାଇଁ ଅଛି ତାହାର ବିବରଣୀ ଦେବେ କି, Out Sourcing Company ମାନେ ଯେଉଁ ଆର୍ଥିକ ଦୁର୍ନିତୀ କରିଛନ୍ତି ତାହାର ଏକ ଉଚ୍ଚ ସ୍ତରିୟ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବେ କି ?

----

**ମହାନଗର ନିଗମର ଗଠନରେ Guideline**

2276 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମହାନଗର ନିଗମ ଗଠନ ହେବାର କଣ ସବୁ ଗାଇଡଲାଇନ୍ ରହିଛି ; ଏହାର ତଥ୍ୟ ଦେବେ କି ; ଗତ ଆର୍ଥିକ ବର୍ଷରେ ରାଜ୍ୟ ସରକାର କେଉଁ ପୌରସଂସ୍ଥାକୁ କେତେ ପରିମାଣର ଆର୍ଥିକ ସହାୟତା ଯୋଗାଇ ଦେଇଥିଲେ ଓ ସମ୍ପୃକ୍ତ ସଂସ୍ଥାମାନେ ବର୍ତ୍ତମାନ ସୁଦ୍ଧା ଏଥିରୁ କେତେ ପରିମାଣର ଅର୍ଥ ଖର୍ଚ୍ଚ କରିଛନ୍ତି ତାହାର ଏକ ପୌରସଂସ୍ଥାୱାରୀ ତାଲିକା ପ୍ରଦାନ କରିବେ କି?

----

**ରାଜ୍ୟରେ ଖାଲିପଡିଥିବା RO ପଦବୀ**

2277 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିନରେ ମୋଟ କେତେ ଆରଓ ରହିଛନ୍ତି ଓ କେତୋଟି ପଦବୀ ଖାଲିପଡିଛି ; ବର୍ତ୍ତମାନ ନିଯୁକ୍ତି ହୋଇଥିବା ଆରଓ ମାନେ ଗୋଟିଏ ସ୍ଥାନରେ କେତେ ବର୍ଷ ଧରି ରହିଛନ୍ତି ; ସେମାନଙ୍କ ନାମ ଓ ଗୋଟିଏ ସ୍ଥାନରେ କାର୍ଯ୍ୟ ଅବଧିର ସୂଚନା ଦେବା ସହିତ ଆରଓ ମାନଙ୍କର ବଦଳି ପାଇଁ କଣ ସବୁ ନିୟମ ରହିଛି?

----

**Swerage Treatment Plant ନିର୍ମାଣ**

2278 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଡ୍ରେନ୍ ଯୋଗେ ସହରାଞ୍ଚଳରୁ ନିର୍ଗତ ହେଉଥିବା ଦୂଷିତ ଜଳକୁ ନଦୀକୁ ଛାଡିବା ପୂର୍ବରୁ ବିଶୋଧନ କରିବା ପାଇଁ Swerage Treatment ପ୍ଲାଣ୍ଟ ନିମନ୍ତେ ସରକାରଙ୍କ କଣ ଯୋଜନା ରହିଛି ; କେବେ ଭଦ୍ରକର ଜୀବନରେଖା ବୋଲାଉଥିବା ସାଳନ୍ଦୀ ନଦୀକୁ ପ୍ରଦୂଷଣମୁକ୍ତ କରିବା ନିମନ୍ତେ Treatment Plant ସ୍ଥାପନ କରିବାର ବ୍ୟବସ୍ଥା କରିଛନ୍ତି କି ; ଯଦି ହଁ, ତେବେ ତାହା କେବେ ସୁଦ୍ଧା master plan ପ୍ରସ୍ତୁତ କରିବାର ଯୋଜନା ରହିଛି?

----

**ସବୁଦିନିଆ ରାସ୍ତା ନିର୍ମାଣ ପାଇଁ ଲକ୍ଷ୍ୟଧାର୍ଯ୍ୟ**

2279 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପଞ୍ଚାୟତିରାଜ ବିଭାଗ 26/27 ଆର୍ଥିକ ବର୍ଷରେ କେତେ କି.ମି. ସବୁଦିନିଆ ରାସ୍ତା ନିର୍ମାଣ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି ତାହାର ବ୍ଲକୱାରୀ ତଥ୍ୟ ଓ କେଉଁ କେଉଁ ଯୋଜନାରେ କେତେ ରାସ୍ତା କରିବେ?

----

**ESI ରେ ଅର୍ଥ ଜମା**

2280 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବିଗତ ଦୁଇବର୍ଷରେ ଆମ ରାଜ୍ୟରେ ESI ରେ ଅର୍ଥ ଜମା କରିନଥିବା କମ୍ପାନୀଙ୍କ ସଂଖ୍ୟା ଓ ବକେୟା ଅର୍ଥର ପରିମାଣ କେତେ ; ଏହି ବକେୟା ଅର୍ଥ ଆଦାୟ କରିବା ସହିତ ଭବିଷ୍ୟତରେ ଏହାକୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ କଣ ସବୁ ପଦକ୍ଷେପ ନିଆଯାଉଛି ; (ଖ) ଏଥି ସହିତ ଓଡିଶାରେ ESI ସମ୍ବନ୍ଧୀୟ ଅଭିଯୋଗ ପାଇଁ CPGRAMS (Centralized Public Grievance Redress and Monitoring System) ୱେବସାଇଟରେ ଗତ ଦୁଇବର୍ଷରେ ବାଲେଶ୍ୱର ଜିଲ୍ଲାର କେତୋଟି ଅଭିଯୋଗ ପଞ୍ଜିକୃତ ଏବଂ ସମାଧାନ ହୋଇଛି ଓ ସମାଧାନ ପାଇଁ ହାରାହାରି କେତେଦିନ ସମୟ ଲାଗୁଛି?

----

**ହେନ୍ତାଳ ବଣ ସୃଷ୍ଟି**

2281 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର ପ୍ରାୟ ୩୪% ଭୌଗୋଳିକ ଅଞ୍ଚଳରେ ଜଙ୍ଗଲ କ୍ଷୟ(Deforestation) ଓ ଜଙ୍ଗଲ ଅବକ୍ଷୟ (Forest Degradation) ହୋଇଥିବା ବେଳେ ତାହାର ସମାଧାନ ପାଇଁ ସରକାର କଣ କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ଜଣାଇବେ କି ; (ଖ) ଜଳବାୟୁ ପରିବର୍ତ୍ତନର ମୁକାବିଲା ଏବଂ ବାଲେଶ୍ୱର ଭଳି ଉପକୂଳବର୍ତ୍ତୀ ଜିଲ୍ଲାରେ ବାତ୍ୟାର ପ୍ରଭାବ କମାଇବାକୁ ଗତ ଦୁଇ ବର୍ଷରେ ସରକାର ହେନ୍ତାଳବଣ (Mangrove) ସୃଷ୍ଟି ପାଇଁ କଣ ସବୁ ପଦକ୍ଷେପ ନେଇଛନ୍ତି ଏବଂ କେତେ ହେକ୍ଟର ପରିମିତ ଅଞ୍ଚଳରେ ଝାଉଁ ଜଙ୍ଗଲ ସୃଷ୍ଟି କରାଯାଇଛି?

----

**Environmental clearance granted for 15 MTPA**

2282 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- With environmental clearances granted for the 15 MTPA Baitarni-West coal mine, what is the projected revenue to the state, and what is the projected ecological loss quantified in hectares and biodiversity impact studies; Has the Environmental Impact Assessment report been placed in the public domain?

----

**Completed Mega Water Supply**

2283 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 25 Mega Piped Water Supply Projects have been completed over five years while over 200 were sanctioned, what is the exact number of projects sanctioned, completed, pending, and delayed district-wise as of January 2026; What are the cost escalations incurred due to delays, and who is accountable for non-completion within deadlines?

----

**Forest loss & preventive measures**

2284 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Government data shows 4,609 hectares of forest were lost to wildfires; What is the district-wise breakup of forest loss, what preventive measures were in place prior to the fires, and how much budget was spent on fire prevention versus post-fire restoration?

----

**ଚାନ୍ଦବାଲି ନିର୍ବାଚନ ମଣ୍ଡଳୀକୁ ଆସିଥିବା PMAY ଘର**

2285 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶାରେ କେତେ ଯୋଗ୍ୟ ହିତାଧିକାରୀ PMAY ଘର ପାଇବାରୁ ବଞ୍ଚିତ ଅଛନ୍ତି ; 2024-25 ଏବଂ 2025-26 ରେ କେତେ ଘର (PMAY) ଆସିଛି ; ସେହିଭଳି ଚାନ୍ଦବାଲି ନିର୍ବାଚନ ମଣ୍ଡଳୀର ଚାନ୍ଦବାଲି ବ୍ଲକ ଓ ତିହିଡି ବ୍ଲକକୁ କେତେ PMAY ଘର ଆସିଛି ; କେତେ ହିତାଧିକାରୀ ଘର ପାଇବାରୁ ବଞ୍ଚିତ ଅଛନ୍ତି?

----

**ଚାନ୍ଦବାଲି NAC କୁ ଆସିଥିବା ଘର**

2286 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚାନ୍ଦବାଲି NAC ରେ କେତେ ଯୋଗ୍ୟ ହିତାଧିକାରୀ ଘର ପାଇବାରୁ ବଞ୍ଚିତ ଅଛନ୍ତି, ୨୦୨୪-୨୫ ଏବଂ ୨୦୨୫-୨୬ କେତେ ଘର ଚାନ୍ଦବାଲି NAC କୁ ଆସିଛି, ଏବଂ କେଉଁ କେଉଁ ମାନେ ଏହି ଘର ପାଇଛନ୍ତି ?

----

**ପରିବେଶ ପର୍ଯ୍ୟଟନ ଯୋଜନାରେ ସାମିଲ୍**

2287 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦେବଗଡ଼ ଜିଲ୍ଲାରେ କେଉଁ କେଉଁ ସ୍ଥାନକୁ ପରିବେଶ ପର୍ଯ୍ୟଟନ ଯୋଜନାରେ ସାମିଲ୍ କରାଯାଇ ତାହାର ବିକାଶ ନିମନ୍ତେ କି ପଦକ୍ଷେପ ଗ୍ରହଣ କରାଯାଇଛି?

----

**ବୃକ୍ଷରୋପଣ ପାଇଁ ଅର୍ଥ ବିନିଯୋଗ**

2288 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦେବଗଡ଼ ଜିଲ୍ଲାରେ ବିଗତ ଦୁଇବର୍ଷରେ ରକ୍ଷଣା ବେକ୍ଷଣ ଓ ବୃକ୍ଷରୋପଣ ପାଇଁ କେତେ ଅର୍ଥ ଆସିଥିବାବେଳେ ତାହା କିପରି ବିନିଯୋଗ ହୋଇଛି?

----

**ପ୍ରଦୂଷଣ ପ୍ରମାଣ ପତ୍ର**

2289 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁନ୍ଦରଗଡ଼ ଜିଲ୍ଲାରେ ଖଣିଖନନ, ପ୍ରକ୍ରିୟାକରଣ ଓ ଶିଳ୍ପ କାର୍ଯ୍ୟକଳାପରେ ସରକାରୀ ଓ ବେସରକାରୀ କମ୍ପାନୀମାନେ — ରାଜ୍ୟ ସରକାର ସହିତ ଚୁକ୍ତି (MoU) କରି କାର୍ଯ୍ୟ କରୁଛନ୍ତି କି, (କ) ସମସ୍ତ ସଂସ୍ଥା ପରିବେଶ ପ୍ରଦୁଷଣ ନିୟନ୍ତ୍ରଣ ସମ୍ପର୍କିତ ଆବଶ୍ୟକ "Consent to establish" ଓ "Consent to Operate" ପ୍ରମାଣପତ୍ର ପ୍ରାପ୍ତ କରିଛନ୍ତି କି, ଯଦି ହଁ ସେଥିର ଅବଧି ଓ ନବୀକରଣ ସ୍ଥିତି କେମିତି; (ଖ) ବିଗତ ଦୁଇ ବର୍ଷ ମଧ୍ୟରେ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଦ୍ୱାରା ପ୍ରତ୍ୟେକ ସଂସ୍ଥା ଉପରେ କେତେଥର ନିରୀକ୍ଷଣ କରାଯାଇଛି, ନିରୀକ୍ଷଣ ରିପୋର୍ଟରେ କେଉଁ କେଉଁ ଅନିୟମିତତା ଚିହ୍ନଟ ହୋଇଛି, ସମସ୍ତ ସଂସ୍ଥା ପରିବେଶ ସୁରକ୍ଷା ଆଇନ ଓ ପ୍ରଦୂଷଣ ନିୟନ୍ତ୍ରଣ ନିୟମାବଳୀ ଅନୁସାରେ କାର୍ଯ୍ୟ କରୁଛନ୍ତି କି, ଯଦି କେହି ଉଲଂଘନ କରିଥାନ୍ତି, ସେମାନଙ୍କ ବିରୁଦ୍ଧରେ କେମିତି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି?

----

**ବିଷାକ୍ତ ଜଳ ନିଷ୍କାସନ**

2290 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସାଉଥ କାଳିଆପାଣି କ୍ରୋମାଇଟ ଖଣିର ପରିଚାଳନା ଦାୟିତ୍ୱ Odisha Mining Corporation Limited (OMC) କୁ ରାଜ୍ୟ ସରକାର ପ୍ରଦାନ କରିଥିବା ସତ୍ତ୍ୱେ ଖଣି ଚାଳନା ସମ୍ବନ୍ଧୀୟ ପ୍ରଦୂଷଣ ନିୟନ୍ତ୍ରଣର କଠୋର ନିୟମମାନଙ୍କ ଅନୁପାଳନ ହେଉନଥିବା ନେଇ ଗଭୀର ଅଭିଯୋଗ ଉଠିଛି, କ୍ରୋମାଇଟ ଖଣିରୁ ନିର୍ଗତ ବିଷାକ୍ତ ପୃଷ୍ଟଜଳକୁ ନିୟମାନୁସାରେ ଶୋଧନ କରିବା ବିନା ନିଷ୍କାସନ କରାଯାଉଥିବାରୁ ସାଉଥ କାଳିଆପାଣି କ୍ରୋମାଇଟ ଖଣିର ପରିଚାଳନା ଦାୟିତ୍ୱ Odisha Mining Corporation Limited (OMC) କୁ ରାଜ୍ୟ ସରକାର ପ୍ରଦାନ କରିଥିବା ସତ୍ତ୍ୱେ ଖଣି ଚାଳନା ସମ୍ବନ୍ଧୀୟ ପ୍ରଦୂଷଣ ନିୟନ୍ତ୍ରଣର କଠୋର ନିୟମମାନଙ୍କ ଅନୁପାଳନ ହେଉନଥିବା ସତ୍ୟ କି, କ୍ରୋମାଇଟ ଖଣିରୁ ନିର୍ଗତ ବିଷାକ୍ତ ପୃଷ୍ଟଜଳକୁ ନିୟମାନୁସାରେ ଶୋଧନ କରିବା ବିନା ନିଷ୍କାସନ କରାଯାଉଥିବାରୁ — ଆସପାସର ଚାଷଜମି, ନାଳ ଓ ଜଳସ୍ରୋତ ଓ ନଦୀ ପ୍ରବାହ ପ୍ରଣାଳୀ ଗୁରୁତର ପଦୂଷଣର ସମ୍ମୁଖୀନ ହେଉଛି, (କ) ଖଣିରୁ ନିଷ୍କାସିତ ପୃଷ୍ଟଜଳକୁ ନିୟମାନୁସାରେ ଶୋଧନ କରିବା ବାବଦରେ OMC କର୍ତ୍ତୃପକ୍ଷ ପ୍ରକୃତରେ ସମସ୍ତ ପରିବେଶ ନିୟମ ଅନୁସରଣ କରୁଛନ୍ତି କି?

----

**ଦୂଷିତ ପାଣି ପ୍ରବେଶ**

2291 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କ ଦ୍ୱାରା 02.୦୨.2025 ରେ କରାଯାଇଥିବା ପରିଦର୍ଶନ ସମୟରେ ସାଉଥ କାଳିଆପାଣି କ୍ରୋମାଇଟ ଖଣିରେ ପୃଷ୍ଠ ଜଳ ପରିଚାଳନା ଓ ନିଷ୍କାସିତ ପାଣିର ମାନଦଣ୍ଡ ସମ୍ବନ୍ଧରେ ଗୁରୁତର ଅନୁପାଳନ ନହେବା ଚିହ୍ନଟ ହୋଇଥିବା ସତ୍ୟ କି, (ଖ) ପରୀକ୍ଷା ରିପୋର୍ଟରେ ସେଟଲିଂ ପିଟ, ବନ୍ଧ ଓ ନିଷ୍କାସନ ସ୍ଥଳରୁ ସଂଗ୍ରହ କରାଯାଇଥିବା ପାଣିରେ TSS ଓ Cr6+ ର ଘନତା ବୋର୍ଡ ନିର୍ଦ୍ଦିଷ୍ଟ ମାନକୁ ଅତିକ୍ରମ କରିଥିବା ପ୍ରମାଣ ମିଳିଛି କି, ଓର୍ ପ୍ଲଟ୍ ନିକଟରେ ଥିବା ସେଟଲିଂ ଟ୍ୟାଙ୍କ ଓଭରଫ୍ଲୋ ହୋଇ ଦୂଷିତ ପାଣି ମାଇନିଂ ଲିଜ୍ ଅଞ୍ଚଳର ବାହାରକୁ ପ୍ରବାହିତ ହେବା, DECO ଦାନ ପାର୍କିଂ ନିକଟରେ ସେଟଲିଂ ପିଟ ଭାଙ୍ଗିଯାଇ କୃଷି ଜମିକୁ ଦୂଷିତ ପାଣି ପ୍ରବେଶ କରିବା, ଏବଂ କୋଇପାସି ସେତୁ ନିକଟରୁ ଡାମସାଲା ନାଳାକୁ ଯାଉଥିବା ପାଣି ନିର୍ଦ୍ଦିଷ୍ଟ ମାନଦଣ୍ଡ ପୂରଣ ନକରିବା ବିଷୟରେ ବୋର୍ଡ ଅବଗତ ଅଛନ୍ତି କି, ଉକ୍ତ ଅନୁପାଳନ ନହେବା ସମ୍ବନ୍ଧରେ ଖଣି ପ୍ରଶାସନକୁ ଦିଆଯାଇଥିବା ସୁଧାରମୂଳକ ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟଯୋଜନା ଦାଖଲ କରାଯାଇଛି କି?

----

**ହାତୀ ମୃତ୍ୟୁ ସଂଖ୍ୟା**

2292 **ଡା. ଫକୀର ମୋହନ ନାଏକ (ତେଲକୋଇ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତେଲକୋଇ ନିର୍ବାଚନ ମଣ୍ଡଳୀରେ ବିଗତ ପାଞ୍ଚ ବର୍ଷ ମଧ୍ୟରେ ହାତୀ ମୃତ୍ୟୁ ସଂଖ୍ୟା କେତେ ଅଟେ ଓ ଏହି ଅଞ୍ଚଳରେ ଜୀବଜନ୍ତୁଙ୍କ ଦ୍ୱାରା କେତେ ଲୋକ ମୃତ୍ୟୁ ବରଣ କରିଛନ୍ତି ?

----

**ତେଲକୋଇରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ**

2293 **ଡା. ଫକୀର ମୋହନ ନାଏକ (ତେଲକୋଇ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତେଲକୋଇ ନିର୍ବାଚନ ମଣ୍ଡଳୀରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ନାଁରେ ଅନେକ ଗ୍ରାମରେ କଂକ୍ରିଟ ରାସ୍ତାକୁ ଖୋଳି ପାଇପ ବିଛା ଯାଇଥିଲେ ମଧ୍ୟ ଆଜି ସୁଦ୍ଧା ବିଶୁଦ୍ଧ ପାନୀୟ ଜଳ ଲୋକଙ୍କ ପାଖରେ ପହଞ୍ଚି ପାରିନଥିବା କଥା ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଯଦି ଉତ୍ତର ହଁ ହୁଏ ତେବେ କେବେ ସୁଦ୍ଧା ପ୍ରତ୍ୟେକ ଗ୍ରାମକୁ ପାଇପ ଦ୍ୱାରା ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବେ, (ଖ) ପାନୀୟ ଜଳ ଯୋଗାଇ ଦେବା ନାଁରେ ଯେଉଁ ରାସ୍ତାକୁ ଖୋଳି ନଷ୍ଟ କରାଯାଇଛି ତାହାର ମରାମତି କାର୍ଯ୍ୟ କରିବା ପାଇଁ ସରକାର ସମ୍ପୃକ୍ତ Agencyକୁ ନିର୍ଦ୍ଦେଶ ଦେବେ କି ?

----

## R.D ରାସ୍ତା ଉନ୍ନତିକରଣ

2294 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସହିତ ଜିଲ୍ଲାର କେତେଗୋଟି ପଞ୍ଚାୟତ ରାସ୍ତାକୁ 2023-2024, 2024-2025 ଓ 2025-2026 ରେ ପଞ୍ଚାୟତ ରାସ୍ତାରୁ R.D ରାସ୍ତାକୁ ପରିବର୍ତ୍ତନ କରା ଯାଇଅଛି, ସେହି ରାସ୍ତା ଗୁଡିକ ମଧ୍ୟରୁ R.D ବିଭାଗ ଦ୍ୱାରା କେତେ ଗୋଟି ରାସ୍ତାକୁ ଉନ୍ନତି କରଣ କରିବା ନିମନ୍ତେ କେତେ ଅର୍ଥ ବରାଦ କରିଛନ୍ତି ସେହି ବରାଦ ଅର୍ଥରେ କେଉଁ କେଉଁ ରାସ୍ତା କେତେ କି:ମି. କାର୍ଯ୍ୟକାରୀ କରିଛନ୍ତି ଏବଂ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଇଛନ୍ତି ?

----

## ବିଶୁଦ୍ଧ ପାନୀୟ ଜଳ ଯୋଗାଇବା

2295 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବୃହତ ପାନୀୟ ଜଳ ଯୋଜନାରେ କେନ୍ଦୁଝର କେଉଁ କେଉଁ ଠାରେ ପ୍ରକଳ୍ପ ନିର୍ମାଣ ହୋଇଅଛି ଓ କେତେ ଗୋଟି ପ୍ରକଳ୍ପ ନିର୍ମାଣ ହେଉଅଛି, ସେହି ନିର୍ମାଣଧୀନ ପ୍ରକଳ୍ପ ମାଧ୍ୟମରେ କେତେ ଗୋଟି ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଗଲାଣି ଏବଂ କେତେ ଗୋଟି ଗ୍ରାମକୁ ପାନୀୟ ଜଳ ଯୋଗାଇ ଦିଆଯାଇ ପାରି ନାହିଁ ତାହାର କାରଣ କଣ, ଯେହେତୁ ଗ୍ରୀଷ୍ମ ଋତୁ ଆରମ୍ଭ ହେବାକୁ ଗଲାଣି ପାନୀୟ ଜଳର ଘୋର ଅଭାବ ଦେଖାଜୀବ, ସେହି ଆଧାରରେ ପ୍ରକଳ୍ପ ଗୁଡିକୁ ତ୍ୱରିତ କାର୍ଯ୍ୟକାରୀ କରି ବିଶୁଦ୍ଧ ପାନୀୟ ଜଳ ଜନ ସାଧାରଣଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା କରିବେ କି ?

----

## ପୌରପାଳିକାର ଉନ୍ନୟନ ମୂଳକ କାର୍ଯ୍ୟ

2296 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାର ବଡବିଲ ପୌରାଞ୍ଚଳ, ଯୋଡା ପୌରାଞ୍ଚଳ କେନ୍ଦୁଝର ପୌରାଞ୍ଚଳ, ଆନନ୍ଦ ପୁର ପୌରାଞ୍ଚଳ ଓ ଯୋଡା ବିଜ୍ଞାପିତ ଅଞ୍ଚଳକୁ 2023-2024, 2024-2025 ଓ 2025-2026 ରୁ ବର୍ତ୍ତମାନ ସୁଦ୍ଧା ରାଜ୍ୟ ଓ କେନ୍ଦ୍ରୀୟ ଯୋଜନାରେ କେତେ ଅର୍ଥ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଦେଇଛନ୍ତି ଓ ସେହି ଅର୍ଥରେ କଣ' କଣ' କାମ ହୋଇଛି କେଉଁ କେଉଁ ୱାର୍ଡରେ କାର୍ଯ୍ୟ ହୋଇଛି ଏବଂ କାର୍ଯ୍ୟ ଚାଲୁ ରହିଛି ଓ କୌଣସି ଅସୁବିଧା ବଶତଃ କିମ୍ବା କେଉଁ କାମ ହୋଇ ପାରି ନାହିଁ ?

----

## ମେଗା ପାନୀୟଜଳ ପ୍ରକଳ୍ପ ଦ୍ୱାରା ପାନୀୟ ଜଳ ଯୋଗାଣ

2297 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ ନିର୍ବାଚନ ମଣ୍ଡଳୀର କେଉଁ ବ୍ଲକ ଅଧୀନରେ ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପ ମାଧ୍ୟମରେ କେତୋଟି ଗ୍ରାମ ପଞ୍ଚାୟତର ପ୍ରତ୍ୟେକ ଅଞ୍ଚଳକୁ ପାଇପଯୋଗେ ପାନୀୟ ଜଳଯୋଗାଣ ପାଇଁ ବ୍ୟବସ୍ଥା କରାଯାଇଛି, ତନ୍ମଧ୍ୟରୁ କେଉଁ କେଉଁ ଗ୍ରାମ ପଞ୍ଚାୟତ ସାମିଲ ହୋଇନାହିଁ ପ୍ରକାଶ କରି ଏହି ଗ୍ରାମ ପଞ୍ଚାୟତ ଅଧିନସ୍ଥ ଗ୍ରାମଗୁଡ଼ିକୁ ଏଥିରେ ସାମିଲ କରି ପାନୀୟଜଳ ଯୋଗାଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ?

----

## ସହରୀ ଭିତ୍ତିଭୂମି ବିକଶିତ

2298 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ ନିର୍ବାଚନ ମଣ୍ଡଳୀର ବାରଙ୍ଗ ବ୍ଲକର ୮ ଗୋଟି ଗ୍ରାମପଞ୍ଚାୟତ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପରିସରଭୁକ୍ତ ହେବା ସହ ଏହି ଅଞ୍ଚଳରେ ସହରୀ ଭିତ୍ତିଭୂମୀ ବିକଶିତ ହୋଇ ବ୍ୟବସାୟିକ ଆବାସ, ଆପାର୍ଟମେଣ୍ଟ ଆଦି ନିର୍ମାଣ ହୋଇ ଏହା ସହର ରୂପ ନେଇଥିବାବେଳେ ଏହି ନିର୍ମାଣ ପୂର୍ବରୁ ଜଳସେଚନ ଓ ଜଳନିଷ୍କାସନ ବ୍ୟବସ୍ଥା ଅତୁଟ ସହ ପ୍ରତ୍ୟେକ ଚାଷଜମି ଅଞ୍ଚଳକୁ ନେଇ ସହରୀ ଯୋଜନା ପ୍ରଣୟନ ପୁର୍ବକ ଯେପରି ନିର୍ମାଣ ଯୋଗୁଁ କୌଣସି କ୍ଷୁଦ୍ରାୟତନ ଜମିର ଚାଷଜମି ଯେପରି ଅବରୋଧ ନହୁଏ ସେଥିପ୍ରତି ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବେ କି ?

----

## Supply of Drinking Piped Water

2299 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) Whether the Government is aware of recent reports of drinking water scarcity and disruption of piped water supply in several Gram Panchayats under Patnagarh Block of Balangir district; (b) The number of villages and households in the said block still without functional tap water connections & the reasons for delay in ongoing drinking water projects; The time-bound steps proposed to ensure safe and adequate drinking water in all GPs of Patnagarh Block during 2026 ?

----

## Funds Sanction in Rural Development Project

2300 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The details of recent rural development projects, including funds sanctioned and targets fixed, for enhancing village Infrastructure and livelihoods; (b) The progress on priority works such as rural roads, shelters, employment generation and community assets in left-behind areas & Whether any areas or blocks are lagging behind their targets and the reasons therefor and the time-bound action plan proposed to accelerate rural development outcomes across Odisha in 2026?

----

## Progress of Urban infrastructure improvements

2301 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) The status of ward delimitation and reservation exercises in newly formed urban bodies across Odisha to strengthen civic governance; (b) The measures taken to ensure that urban housing allotments are issued transparently to eligible beneficiaries & the progress on urban infrastructure improvements and maintenance of public spaces, including parks and amenities in cities and towns; & any plans and timelines to enhance affordable housing, planned urban growth, and basic services for residents in Odisha's urban local bodies in 2026 ?

----

## ବୃକ୍ଷ ରୋପଣ ପାଇଁ ବ୍ୟୟବରାଦ

2302 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ଜିଲ୍ଲାରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ୨୦୨୪-୨୫ ଓ ୨୦୨୫ - ୨୬ ଆର୍ଥିକ ବର୍ଷରେ ସମୁଦାୟ କେତେ ଆର୍ଥିକ ବ୍ୟୟବରାଦ କରାଯାଇଛି, କେଉଁ ନିର୍ବାଚନ ମଣ୍ଡଳୀ ପାଇଁ କେତେ ଆର୍ଥିକ ବ୍ୟୟବରାଦ ହୋଇଛି, ସମୁଦାୟ କେତୋଟି ବୃକ୍ଷରୋପଣ କରାଯାଇଛି ଏବଂ ଆଜି ସୁଦ୍ଧା କେତେ ବୃକ୍ଷ ଜୀବିତ ଅଛି ଓ କେତେ Hector Cover କରାଯାଇଛି?

----

## ପୁରୀ ମହାନଗର ନିଗମର ୱାର୍ଡ଼ ପୁନଃଗଠନ

2303 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ମହାନଗର ନିଗମ ପାଇଁ ୱାର୍ଡ଼ ଗୁଡ଼ିକର ସୀମା ନିର୍ଦ୍ଧାରଣ ପ୍ରସ୍ତାବରେ ୩୨ ଟି ୱାର୍ଡ଼ ଓ ୯ ଟି ପଞ୍ଚାୟତ ମିଶି ସମୁଦାୟ ୩୯ ଟି ୱାର୍ଡ଼ର ପ୍ରସ୍ତାବ ରଖାଯାଇଛି, ଯେଉଁଠି ସବୁଠୁ ଛୋଟ ୱାର୍ଡ଼ର ଜନସଂଖ୍ୟା ୩୭୬୮ ଥିବା ବେଳେ ସବୁଠୁ ବଡ଼ ୱାର୍ଡ଼ର ଜନସଂଖ୍ୟା ୧୨୩୨୧ ରଖାଯାଇଛି, ତେଣୁ ସରକାର ଜନସଂଖ୍ୟାର ସମାନତା ରଖି ୱାର୍ଡ଼ ଗୁଡ଼ିକର ପୁର୍ନଃଗଠନ କରିବାର ବ୍ୟବସ୍ଥା କରିବେ କି; କିମ୍ବା ବଡ଼ ୱାର୍ଡ଼କୁ ଛୋଟ ୱାର୍ଡ଼ରେ ଭାଙ୍ଗି ସମୁଦାୟ ୱାର୍ଡ଼ର ସଂଖ୍ୟାକୁ ବୃଦ୍ଧି କରିବେ କି ?

----

## ସମୃଦ୍ଧ ସହର ଯୋଜନାରେ ସାମିଲ

2304 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସମୃଦ୍ଧ ସହର ଯୋଜନାରେ କେତେ ଅର୍ଥ କେଉଁ କାର୍ଯ୍ୟ ପାଇଁ ଆବଣ୍ଟିତ ହେବ ପାଇଁ ପ୍ରସ୍ତାବ ଅଛି ; ଉକ୍ତ ଯୋଜନା ପାଇଁ ସହର ଚୟନର ମାପଦଣ୍ଡ କଣ ; କେଉଁ ସବୁ ସହର ଚୟନ ହୋଇଛି ; ଉକ୍ତ ମାପଦଣ୍ଡ ଅନୁସାରେ ବାଲେଶ୍ୱର ସହର କେଉଁ ମାନଦଣ୍ଡରେ ଅଯୋଗ୍ୟ କହିବେ କି ; ଲୋକଙ୍କ ଦାବୀ ଏବଂ ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବାଲେଶ୍ୱର ସହରକୁ ଉକ୍ତ ଯୋଜନାରେ ସାମିଲ କରିବା ପାଇଁ ବିଭାଗ ବିଚାର କରିବେ କି ?

----

**ନିର୍ମାଣଧିନ ଡ୍ରେନେଜର Master Plan ର ସ୍ଥିତାବସ୍ଥା**

2305 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶାର ସମସ୍ତ ସହରରେ Drainage Master ପ୍ଲାନ୍ ପ୍ରସ୍ତୁତିର ଅଗ୍ରଗତି କଣ ; ଅଦ୍ୟାବଧି କେଉଁ ସହରରେ ସର୍ଭେ ସମାପ୍ତ ହୋଇ DPR Tender କୁ ଯାଇଅଛି କହିବେ କି ; Agency ମାନଙ୍କ ଦ୍ୱାରା ୨ବର୍ଷରୁ ଉର୍ଦ୍ଧ୍ୱ ସମୟ ହେବ ସର୍ଭେ ପରେ ମଧ୍ୟ ଅଧିକାଂଶ ସହରରେ DPR ନହେବାର କାରଣ କଣ ; ଏହା ପାଇଁ କେତେ ଅର୍ଥ ବ୍ୟୟ ବରାଦ କରାଯାଇଛି ; (ଖ) ବାଲେଶ୍ୱର ସହରରେ ଯେଉଁ Agency ଦ୍ୱାରା ଡ୍ରେନେଜ Master plan କାର୍ଯ୍ୟକାରୀ ହୋଇଛି ତାହାର ସ୍ଥିତାବସ୍ଥା କଣ ; କେବେ ସୁଦ୍ଧା DPR ପେଠ କରି କାର୍ଯ୍ୟାରମ୍ଭ ହେବ ଏବଂ କେତେ ଅର୍ଥ ଲାଗିବ ?

----

**ନିର୍ମାଣଧିନ Multi-purpose Hall ରେ ପାଚେରୀ ନିର୍ମାଣ**

2306 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳେଶ୍ୱର ପୌରପାଳିକାରେ ନୂଆକରି ନିର୍ମାଣ ହୋଇଥିବା ତିନିଗୋଟି Multi-purpose Hall ରେ ପାଚେରୀ ନିର୍ମାଣ ଓ ବିଦ୍ୟୁତ୍ ଯୋଗାଣ ସହିତ A/C, ଫ୍ୟାନ୍, ଲାଇଟ୍, Furniture ବ୍ୟବସ୍ଥା ହୋଇନଥିବାରୁ ବ୍ୟବହାର ଉପଯୋଗୀ ହୋଇପାରୁନଥିବା ସରକାର ଅବଗତ ଅଛନ୍ତି କି, ଉତ୍ତର ହଁ ହେଲେ, ଉପରୋକ୍ତ କାର୍ଯ୍ୟପାଇଁ କେବେ ପାଣ୍ଠି ଯୋଗାଇଦେବେ ଏବଂ କେବେ କାର୍ଯ୍ୟ ସମାପ୍ତ ହେବ ?

----

**ପାନୀୟ ଜଳର ଅଭାବ**

2307 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ ଜିଲ୍ଲା, ବ୍ଲକ ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳର ଅଭାବ ଦେଖାଯାଇଛି ଓ ଏହାର କାରଣ କଣ ସରକାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି, ଏହି ଅଭାବକୁ ଦୂର କରିବାକୁ କେଉଁ ଜ୍ଞାନ, କୌଶଳ ପ୍ରୟୋଗ କରାଯାଇଛି, କେଉଁ ଅଞ୍ଚଳରେ ୨୦୨୪-୨୫ ଓ ଚଳିତ ବର୍ଷରେ ସୁଧାର ଅଣାଗଲାଣି ଏବଂ ଭବିଷ୍ୟତ ଯୋଜନା କ'ଣ ?

----

**ପ୍ରକଳ୍ପକୁ ପରିବେଶ ଅନୁମୋଦନ**

2308 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବଡ଼ ବଡ଼ ଖଣିଜ ଓ ଶିଳ୍ପ ପ୍ରକଳ୍ପଗୁଡ଼ିକୁ ପରିବେଶ ଅନୁମୋଦନ ଦେବା ସମୟରେ ନିୟମ ଉଲଂଘନ ଓ ଜନ ଶୁଣାଣିରେ ଅନିୟମ ହୋଇଥିବା ସତ୍ୟ କି, ବିଗତ ୫ ବର୍ଷରେ କେତେ ପ୍ରକଳ୍ପକୁ ପରିବେଶ ଅନୁମୋଦନ ଦିଆଯାଇଛି, ସେଥିରୁ କେତେ ପ୍ରକଳ୍ପରେ ସର୍ତ୍ତ ଉଲ୍ଲଂଘନ ଚିହ୍ନଟ ହୋଇଛି ଏବଂ କେତେ ପ୍ରକଳ୍ପ ବିରୋଧରେ ଜରିମାନା/କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ?

----

**ଜଳବାୟୁ ପରିବର୍ତ୍ତନ ଯୋଗୁଁ ପରିବେଶ ଉପରେ ପ୍ରଭାବ**

2309 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳବାୟୁ ପରିବର୍ତ୍ତନ ଯୋଗୁଁ ରାଜ୍ୟରେ ଅସାମାନ୍ୟ ବର୍ଷା, ଖରା, ବନ୍ୟା ଓ ତାପମାତ୍ରା ବୃଦ୍ଧି ଘଟୁଥିବାରୁ କୃଷି, ଜୀବିକା ଓ ପରିବେଶ ଗୁରୁତର ଭାବେ ପ୍ରଭାବିତ ହେଉଛି, ରାଜ୍ୟ ସରକାରଙ୍କ Climate Action Plan ଅନୁସାରେ କେତେ ଅର୍ଥ ମଞ୍ଜୁର ଓ ବ୍ୟୟ ହୋଇଛି, କେତେ ଜିଲ୍ଲାକୁ ଜଳବାୟୁ ସମ୍ବେଦନଶୀଳ (climate vulnerable) ଭାବେ ଚିହ୍ନଟ କରାଯାଇଛି ଏବଂ ସେଠାରେ କେଉଁ ପ୍ରାକ୍-ପ୍ରତିରୋଧମୂଳକ ଓ ଅନୁକୂଳନମୂଳକ (mitigation & adaptation) ପଦକ୍ଷେପ ଗ୍ରହଣ କରାଯାଇଛି ?

----

**ପାଇପ ଜଳ ଯୋଗାଣରେ ରକ୍ଷଣାବେକ୍ଷଣ**

2310 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପାଇପ ଜଳ ଯୋଗାଣ ଯୋଜନା ସ୍ଥାପନ ପରେ ତାହାର ରକ୍ଷାବେକ୍ଷଣ ଅଭାବ ଓ ଠିକା ପ୍ରଦାନରେ ଅନିୟମିତତା ହୋଇଥିବା ସତ୍ୟ କି, ଏହାଦ୍ୱାରା ଅନେକ ଯୋଜନା କ୍ଷତିଗ୍ରସ୍ତ କିମ୍ବା ଅଚଳ ଅବସ୍ଥାରେ ରହିଛି, ବିଗତ ୫ ବର୍ଷରେ ପାଇପ୍ ଜଳ ଯୋଜନାର ରକ୍ଷାବେକ୍ଷଣ ପାଇଁ କେତେ ଅର୍ଥ ବ୍ୟୟ ହୋଇଛି, କେତେ ଯୋଜନା ଅଚଳ ଘୋଷିତ ହୋଇଛି ଓ କେତେ ଠିକାଦାର/ଅଧିକାରୀଙ୍କ ବିରୋଧରେ ଅନୟମିତତା ପାଇଁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ?

----

**Deployed under AMRUT, BASUDHA Scheme**

2311 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) how many urban infrastructure projects under AMRUT, BASUDHA and State schemes are delayed beyond their original timelines, ULB-wise; (b) the original and revised cost and completion dates for each major project & whether any projects shown as "completed" are non-functional or partially functional and the details thereof; whether any third-party quality or performance audits have been conducted and their findings and (what action has been taken against defaulting agencies and responsible officials to ensure outcome- based delivery?

----

**Status of the Mahanadi Riverfront Project**

2312 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) the present status of the Mahanadi Riverfront Project; (b) the amount sanctioned, released and spent so far, phase-wise; whether all statutory clearances and tendering have been completed and if not, the reasons therefor; the firm timeline for commencement and completion and the responsibility fixed on officers or agencies for the delay and the action taken ?

----

**କୋଠା ବାଡ଼ି ମରାମତି**

2313 **ଶ୍ରୀ ମାଧବ ଧଡା (ସୋରୋ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ ) ଓଡିଶା ର ଗ୍ରାମ୍ୟ ଉନ୍ନୟନ ବିଭାଗ ର 2025-26 ଆର୍ଥିକ ବର୍ଷ ରେ ବଜେଟ ରେ NON Plan scheme ରେ କୋଠା ବାଡ଼ି ମରାମତି ପାଇଁ 300 କୋଟି ଟଙ୍କା ର ବ୍ୟୟ ବରାଦ ଥିଲା ବେଳେ କେଉଁ କେଉଁ ନିର୍ବାଚନ ମଣ୍ଡଳୀ କୁ କେତେ ଅର୍ଥ ରାଶି ପ୍ରଦାନ କରାଯାଇଛି ତାହାର ସବିଶେଷ ବିବରଣୀ ପ୍ରଦାନ କରିବେ କି, ବିଶେଷକରି ସୋରୋ ନିର୍ବାଚନ ମଣ୍ଡଳୀ କୁ କେତେ ଅର୍ଥ ରାଶି ପ୍ରଦାନ କରାଯାଇଛି ତାହା ବଜେଟ ରାଶି ର କେତେ ପ୍ରତିଶତ କେଉଁ କାମ ରେ ଖର୍ଚ୍ଚ ହୋଇଅଛି ତାହାର ସବିଶେଷ ବିବରଣୀ ପ୍ରଦାନ କରିବେ କି, (ଖ) ସୋରୋ କେଦାରପୁର ଭାୟା ଘାସୁଆ ରାସ୍ତା ଟି ର ଦୁରାବସ୍ଥା ବିଷୟରେ ବିଭାଗ ଅବଗତ ଅଛି କି, ଯଦି ହଁ, ଉକ୍ତ ରାସ୍ତା ଟି ବନ୍ୟା ଜଳ ଦ୍ୱାରା ରାସ୍ତା ନିଷ୍ଟ ହେଉଥିବାର ସାଧାରଣ ଲୋକଙ୍କ ଯାତାୟାତ ରେ ବହୁତ ବାଧା ସୃଷ୍ଟି ହେଇଅଛି, ଉକ୍ତ ରାସ୍ତା ସୋରୋ ଓ ସିମୁଳିଆ ନିର୍ବାଚନ ମଣ୍ଡଳୀ କୁ ସଂଯୋଗ କରୁଥିବାରୁ ଉକ୍ତ ରସ୍ତା କୁ ବନ୍ୟା ପ୍ରତିରୋଧକ ରାସ୍ତା (DRR ) scheme ରେ ଆଗାମୀ ଆର୍ଥିକ ବର୍ଷ ରେ କାର୍ଯ୍ୟ ଆରମ୍ଭ ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----

**ସୋରୋ ସହରରେ ଏକ ଜଙ୍ଗଲ ବିଭାଗର କାର୍ଯ୍ୟାଳୟ ପ୍ରତିଷ୍ଠା**

2314 **ଶ୍ରୀ ମାଧବ ଧଡା (ସୋରୋ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବିଧାନସଭା ଅଣତାରକା ପ୍ରଶ୍ନ ସଂଖ୍ୟା.1005, ତାରିଖ 02.12.2025 ର ଉତ୍ତର ଅନୁଯାୟୀ ସୋରୋ ନିର୍ବାଚନ ମଣ୍ଡଳୀ ର ସିନ୍ଧୁଆ ର ଉନ୍ନତିକରଣ ପାଇଁ ବାଧକ ସାଜିଥିବା ବନ କିସମ ଅଂଚଳ କୁ ଅଣ ବନ କିସମ କାର୍ଯ୍ୟ ସମ୍ପାଦନା ପାଇଁ ଦୁଇ ଗୋଟି ସର୍ତ୍ତ ପୂରଣ କରି କାର୍ଯ୍ୟ ଆରମ୍ଭ ପାଇଁ ଆବଶକୀୟ ପଦକ୍ଷେପ ଗ୍ରହଣ କରାଯିବ କି, ତେବେ କେବେ ସୁଦ୍ଧା କାର୍ଯ୍ୟ ଆରମ୍ଭ କରାଯିବ, (ଖ ) ସୋରୋ ସହର ରେ ଏକ ଜଙ୍ଗଲ ବିଭାଗ ର କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ପଦକ୍ଷେପ ଗ୍ରହଣ କରିବେ କି ?

----

**Implementation of Centre Scheme**

2315 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- For years, the 'Har Ghar Jal' dream of the Central Government was stalled in Odisha due to the previous regime's obsession with rebranding central schemes rather than implementing them, since the formation of the government, what is the percentage increase in Functional Household Tap Connections (FHTC) in the saline-affected zones of Satyabadi and what steps are being taken to fix the defunct tube wells inherited from the previous administration ?

----

**100% Har Ghar Jal coverage**

2316 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- Odisha has received over 82,421 crore for JJM as of January 2025, with the present government accelerating utilisation to cover 80% of households nationally by early 2025, a marked improvement over the present government stalled progress that left over 20 lakh families without taps despite 25 years in power, what is the fund allocation and utilisation for Puri district and Satyabadi block under JJM for FY 2024-25 and 2025-26, how many additional households in Satyabadi have received functional tap connections since June 2024 and what is the revised timeline for 100% Har Ghar Jal coverage ?

----

**Block-wise fund release**

2317 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ)ଃ**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- State government's schemes like Setu Bandhana Yojana (Rs 2,000 cr bridges), MMSY (Rs 3,470 cr roads) are transforming rural Odisha, including Satyabadi's Sakshi Gopal growth potential, will the govt. provide Block-wise fund release/utilisation under these schemes, Fiscal roadmap for NAC status to Sakshi Gopal, unlocking higher devolution and Integrated timelines for roads-water-power convergence, showcasing ground-level delivery ?

----

**construction of roads connect those villages**

2318 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- How many Revenue and Hamlet villages in the State have still remained unconnected by all-weather roads, will the Govt. indicate the Block and District wise name of those villages and total length of roads for construction; whether Govt. have any plan of action to connect those left out villages with all-weather roads, if so by what time?

----

**ଦାଦନ ମୁକ୍ତ ଓଡିଶା**

2319 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା)ଃ**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଅଦ୍ୟାବଧି କେଉଁ ଜିଲ୍ଲାରୁ କେତେ ସଂଖ୍ୟକ ପୁରୁଷ ଓ ମହିଳା ଦାଦନ ଖଟିବା ପାଇଁ ବାହାର ରାଜ୍ୟକୁ ଯାଉଛନ୍ତି, ସେମାନଙ୍କ ମଧ୍ୟରୁ ଯୁବକ ଓ ଯୁବତୀଙ୍କ ସଂଖ୍ୟା କେତେ; କେବେଶୁଦ୍ଧା ଓଡ଼ିଶା ଦାଦନ ମୁକ୍ତ ହେବ ?

----

**ଗ୍ରାମକୁ ରାସ୍ତା ସଂଯୋଗ**

2320 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ଃ**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟ ସରକାର 2027 ସୁଦ୍ଧା 150 ଜନସଂଖ୍ୟା ବିଶିଷ୍ଟ ସବୁ ଗ୍ରାମ କୁ ରାସ୍ତା ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଥିବା ବେଳେ କେତେ କିମି ରାସ୍ତା, କେତୋଟି ରାସ୍ତା କରିବେ ଓ ଏଥିପାଇଁ କେତେ ଟଙ୍କାର ବ୍ୟୟ ବରାଦ କରାଯାଇଛି, ସେହିପରି ଯେଉଁ ସବୁ ରାସ୍ତା ଗୁଡ଼ିକର କାମ ସରିବାର ୬ ମାସ ନ ଯାଉଣୁ ପିଚୁ ଉଠି ଯାଇ ନଷ୍ଟ ହେଇଯାଉଛି, ଖାଲ ଖମା ହୋଇ ଯାତାୟାତ କଷ୍ଟକର ହେଉଛି ସେ ନିର୍ମାଣ ଦାୟିତ୍ୱରେ ଥିବା JE, AEE, SDO,SE ଓ ଠିକାଦାର ମାନଙ୍କୁ ଉତ୍ତର ଦାୟୀ କରିବେ କି, ଏତଦ୍ ବ୍ୟତୀତ କେଉଁ କେଉଁ ବ୍ରିଜ କେତୋଟି ବ୍ରିଜ ପାଇଁ ଅପ୍ରୋଚ ରୋଡ ସମସ୍ୟା ଅଛି ଓ ଏହାର ସମାଧାନ ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି ?

----

**ରାସ୍ତା ନିର୍ମାଣ ପାଇଁ ଅର୍ଥ ଖର୍ଚ୍ଚ**

2321 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ଃ**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଗ୍ରାମ୍ୟ ନିର୍ମାଣ ବିଭାଗ ଅଧିନରେ ୨୦୨୩-୨୪ ମସିହାରୁ ଆଜି ପର୍ଯ୍ୟନ୍ତ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ଗ୍ରାମରେ କେଉଁ କେଉଁ କାମ (Road & Bridges) କେତେ ଟଙ୍କା ବିନିମୟରେ ସମ୍ପୂର୍ଣ୍ଣ ହୋଇ ବିଭାଗକୁ ହସ୍ତାନ୍ତର ହେଇଛି, ଉକ୍ତ କାର୍ଯ୍ୟକୁ କେଉଁ ଠିକା ସଂସ୍ଥା ସମ୍ପାଦନ କରିଛନ୍ତି, ଏବଂ କେଉଁ କେଉଁ କାମ ବର୍ତ୍ତମାନ ପର୍ଯ୍ୟନ୍ତ ଆରମ୍ଭ ହେଇନାହିଁ ତାହାର ବିସ୍ତୃତ ବିବରଣୀ ପ୍ରଦାନ କରିବା ସହିତ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ କଣ କଣ ଯୋଜନାର ପ୍ରସ୍ତାବ ସରକାରଙ୍କ ପାଖରେ ହସ୍ତଗତ ହେଇଛି ତାହାର ସମ୍ପୂର୍ଣ ବିବରଣୀ ପ୍ରଦାନ କରିବେ କି, (ଖ) ୨୦୨୦ ମସିହାରୁ ଆଜି ପର୍ଯ୍ୟନ୍ତ କେତେ ରାସ୍ତାର Routine Maintenance and Periodic Maintenance କରାଯାଇଛି ଓ ଉକ୍ତ କାମ ପାଇଁ କେତେ ଟଙ୍କା ଖର୍ଚ୍ଚ କରାଯାଇଛି ତାହାର ବିସ୍ତୃତ ବିବରଣୀ ପ୍ରଦାନ କରିବେ କି ?

----

**ଜଗନ୍ନାଥ ସାଗରର ପୁନଃରୁଦ୍ଧାର**

2322 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କୋରାପୁଟ ଜିଲ୍ଲାର ଜୟପୁରସ୍ଥିତ ଜଗନ୍ନାଥ ସାଗର ପୁନଃଉଦ୍ଧାର ପାଇଁ ସରକାର ଘୋଷଣା କରିଥିଲେ ମଧ୍ୟ ଏହି କାର୍ଯ୍ୟ ଅଧପନ୍ତରିଆ ହୋଇ ରହିଥିବା ଘଟଣା ସରକାରଙ୍କ ଅବଗତ ଅଛନ୍ତି କି, ଏହା କେବେ ସୁଦ୍ଧା କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବ ?

----

**କୋରାପୁଟ ଜିଲ୍ଲାରେ ଅଚଳ ଥିବା ନଳକୂପ**

2323 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ କେତେ ଜଳ କ୍ଲିଷ୍ଟ ଅଞ୍ଚଳ ରହିଛି, କେତେଟା ପଞ୍ଚାୟତରେ ପାନୀୟ ଜଳ ର ସମସ୍ୟା ରହିଛି, କେଉଁ କେଉଁ ପଞ୍ଚାୟତର କେତୋଟି ନଳକୂପ କେବେ ଠାରୁ ଅଚଳ ଅବସ୍ଥାରେ ରହିଛି, ଅବିଭକ୍ତ କୋରାପୁଟ ଜିଲ୍ଲାର ସ୍ଥିତି କଣ ?

----

**ଗୃହ ନିର୍ମାଣ ଓ ଆପାର୍ଟମେଣ୍ଟ ନିର୍ମାଣ ପାଇଁ Plan ଅନୁମୋଦନ**

2324 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ଃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ଭୁବନେଶ୍ୱର-କଟକ ସହିତ ବିଭିନ୍ନ ସହରାଞ୍ଚଳ ଓ ସହର ଉପକଣ୍ଠ ଅଞ୍ଚଳ ଓ ବିକଶିତ ବଜାର ଅଞ୍ଚଳରେ ଚାଷ ଜମି ଉପରେ ବ୍ୟାପକ ଭାବରେ ବ୍ୟବସାୟିକ ଗୃହ ନିର୍ମାଣ, ଆପାର୍ଟମେଣ୍ଟ, ଡୁପ୍ଲେକ୍ସ, ବ୍ୟବସାୟିକ ପ୍ରତିଷ୍ଠାନ ନିର୍ମାଣ କରାଯାଉଥିବା ବେଳେ ଏହାର ପ୍ଲାନ୍ ଅନୁମୋଦନ ସମୟରେ ଚାଷ ଜମିର ପଛପାଖ ଜମିକୁ ବାଟ ବ୍ୟବସ୍ଥା ନ କରି ଜଳସେଚନ, ଜଳ ନିଷ୍କାସନ ପାଇଁ ଦୃଷ୍ଟି ନ ଦେଇ ନିର୍ମାଣ ଯୋଗୁଁ ବହୁ ଚାଷ ଜମି ପଡ଼ିଆ ପଡୁଥିବା କଥା ସତ୍ୟ କି ?

----

**ପୂର୍ଣ୍ଣାଙ୍ଗ ହୋଇଥିବା ପାନୀୟ ଜଳ ପ୍ରକଳ୍ପ**

2325 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ଜିଲ୍ଲାରେ ପାନୀୟ ଜଳର ଆବଶ୍ୟକତା ମେଣ୍ଟାଇବା ପାଇଁ କେଉଁ ବ୍ଲକରେ କେତେଗୋଟି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇଥିଲା ବେଳେ ତନ୍ମଧ୍ୟରୁ କେତେଗୋଟି ପୂର୍ଣ୍ଣାଙ୍ଗ ହୋଇଛି, ଏହି ପ୍ରକଳ୍ପରୁ ପ୍ରତ୍ୟେକ ଘରକୁ ପାଇପ୍ ଯୋଗେ ପାନୀୟଜଳ ଯୋଗାଣ ତ୍ୱରାନ୍ୱିତ ହୋଇଛି କି, ଯଦି ନ ହୋଇଥାଏ, ତାହା କେବେ ସୁଦ୍ଧା ସମ୍ପାଦନ କରାଯିବ ଏବଂ ଅନ୍ୟାନ୍ୟ ପ୍ରକଳ୍ପଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ କରାଯାଇ ଚଳିତ ଗ୍ରୀଷ୍ମଋତୁରେ ପାନୀୟ ଜଳ କଷ୍ଟରୁ ଲୋକଙ୍କୁ ସୁରକ୍ଷା ଦେବାପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

**ରାସ୍ତା ମରାମତି**

2326 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲିଗୁଡା ନିର୍ବାଚନ ମଣ୍ଡଳୀରେ June 1, 2024 ରୁ ଆଜିଯାଏ କେତୋଟି ରାସ୍ତା, Culvert (କଲଭଟ) ବ୍ରିଜ କରିବା ପାଇଁ Sanction ହୋଇଛି Approval ପାଇଛି ଓ Tender ହୋଇଛି ଜଣାଇବା ସହ କେତୋଟି ରାସ୍ତା Culvert ଓ ବ୍ରିଜ କାମ ସହିତ ବ୍ଲକୱାରି ତଥ୍ୟ ଦେବେ କି ସେହିଭଳି ପୁରୁଣା ରାସ୍ତାଗୁଡିକ ମରାମତି ପାଇଁ ଉକ୍ତ ସମୟ ମଧ୍ୟରେ କେତେ କାମ ହତକୁ ନିଆଯାଇଛି ?

----

**ବ୍ୟୟ ବରାଦ ବୃଦ୍ଧି କରିବା ପାଇଁ ପଦକ୍ଷେପ**

2327 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ମୋଗା ୱାଟର ସପ୍ଲାଇ କାମ Nuagam ଏବଂ ବାଲିଗୁଡା ବ୍ଲକରେ ହେବା ପାଇଁ ମୋଟ୍ କେତେ ଟଙ୍କାର Approval ହୋଇଥିଲା ଏଥିରୁ ମୋଟ କେତେ ଟଙ୍କା ଖର୍ଚ୍ଚ ହୋଇଛି ଆଉ କେତେ ଟଙ୍କା ବାକିଅଛି ଚାଲିଥିବା କାମ କେବେ ସୁଦ୍ଧା ସରିବ ଓ ଜନସାଧାରଣ କେବେ ତାର Benefit (ଲାଭ) ପାଇବେ ବିଳମ୍ବ ହେବାର କାରଣ କଣ ଓ ଏବେ ଏହାର ସ୍ଥିତି କଣ ଓ Mega Water କାମ କଲାବେଳେ Road ଖୋଳି ପକାଉଥିବାରୁ ସେହି Road ଗୁଡିକର Maintenance କରିବା, (ଖ) ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀକୁ ଦିଆ ଯାଇଥିବା ଘର ଗୁଡିକର ବ୍ୟୟବରାଦ 1 ଲକ୍ଷ 30 ହଜାରକୁ ବୃଦ୍ଧି କରି 5 ଲକ୍ଷ ଟଙ୍କା କରିବେ କି ?

----

**ବିବରଣୀ ପ୍ରଦାନ**

2328 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲିଗୁଡା ନିର୍ବାଚନ ମଣ୍ଡଳୀରେ 4ଟି ଯାକ ବ୍ଲକ୍ରେ କେତୋଟି Forest Range ଅଛି ଓ କେତେ Ranger ଅଛନ୍ତି June 1, 2024 ରୁ ଆଜିପର୍ଯ୍ୟନ୍ତ କେଉଁ କେଉଁ Scheme ରେ କି କି କାମ ପାଇଁ କେତେ ଅର୍ଥ ବିଭାଗ ପକ୍ଷରୁ ଖର୍ଚ୍ଚ କରାଯାଇଛି Scheme ପାଇବାରେ କାମ ଗୁଡିକ Tender ରେ ଦିଆଯାଇଛି ନା ବିନା Tender ରେ ଦିଆଯାଇଛି ଯଦି ବିନା Tender ରେ ଦିଆଯାଇଛି ତେବେ କେଉଁ ଆଧାରରେ ହୋଇଛି କେଉଁ କେଉଁ Material ଓ କେତେ ପରିମାଣର କେଉଁ ଭେଣ୍ଡରଠାରୁ କିଣାଯାଇଛି ?

----

**ପୋଖରୀ ପୁନଃରୁଦ୍ଧାର**

2329 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡା ଜିଲ୍ଲାରେ ଗତ ସରକାର ପୌର ପାଳିକା ଗୁଡିକରେ ମୁକ୍ତା ଯୋଜନାରେ ପୋଖରୀ ପୁନଃ ଉଦ୍ଧାର କାର୍ଯ୍ୟରେ ଦୁର୍ନୀତି ବିରୋଧରେ ସରକାର କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ଗୁଣପୁର ପୌର ପାଳିକାରେ 2023ରୁ 2025 ମଧ୍ୟରେ କେତୋଟି ଏବଂ କୋଉଠି ପୋଖରୀ ପୁନଃରୁଦ୍ଧାର କାର୍ଯ୍ୟ ହୋଇଛି, କେଉଁ ମାନଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା ଓ ପ୍ରତ୍ୟେକ ପୋଖରୀ ପାଇଁ କେତେ କେତେ ଟଙ୍କା ଖର୍ଚ୍ଚ ହୋଇଛି, ପୋଖରୀ ପ୍ରକଳ୍ପ କାର୍ଯ୍ୟ ସରିଛି କି, ସମସ୍ତ ତଥ୍ୟ ଓ ବିବରଣୀ ପ୍ରଦାନ କରିବେ କି, ପୌର ପାଳିକା ପକ୍ଷରୁ ଗୁଣପୁର ସହରରେ କେବେ ଓ କେତୋଟି ସିସି କ୍ୟାମେରା ଲଗାଯାଇଛି, ଏଥିପାଇଁ ଟେଣ୍ଡର ହୋଇଥିଲା କି, କେତେ ଟଙ୍କା ଖର୍ଚ୍ଚ କରାଯାଇ କେଉଁ ସଂସ୍ଥାକୁ ଦିଆଯାଇଥିଲା, ରକ୍ଷଣାବେକ୍ଷଣ ପାଇଁ ସଂସ୍ଥା ସହ କଣ ଚୁକ୍ତି ହୋଇଥିଲା, ବର୍ତ୍ତମାନ ସହରେ କେତୋଟି ସିସି କ୍ୟାମେରା କାର୍ଯ୍ୟକ୍ଷମ ଅବସ୍ଥାରେ ଅଛି ?

----

**ପରିମଳ ବ୍ୟବସ୍ଥା ପାଇଁ ବ୍ୟୟ ବରାଦ**

2330 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡା ଜିଲ୍ଲାର ଗୁଣପୁର ଓ ଗୁଡାରି ପୌର ସଂସ୍ଥାରେ ବର୍ଷ 2024-2025 ଓ ୨୦୨୫-୨୦୨୬ରେ ପରିମଳ ଟେଣ୍ଡର କରାଯାଇଛି କି, ଏଥିପାଇଁ ଆଇନରେ କଣ ବ୍ୟବସ୍ଥା ରହିଛି, ସେହିପରି ଗତ 2020 ରୁ 2024 ବର୍ଷ ମଧ୍ୟରେ ପରିମଳ ପାଇଁ ଗୁଣପୁର ଓ ଗୁଡାରି ପୌର ସଂସ୍ଥାରେ କେଉଁ ବର୍ଷ କେତେ ଟଙ୍କା ବିନିଯୋଗ କରାଯାଇ କେତେ ଜଣ ଶ୍ରମିକଙ୍କୁ ନିୟୋଜିତ ହୋଇଛନ୍ତି EPF number ସହ ବିବରଣୀ ପ୍ରଦାନ କରାଯାଉ, ସେହିପରି ଦୈନିକ ବଜାରର ଦୋକାନରୁ ଟିକସ ଆଦାୟ ପାଇଁ କେବେ ଠାରୁ ଟେଣ୍ଡର ହୋଇନାହିଁ, ବାର୍ଷିକ କେତେ ଟିକସ ଆଦାୟ କରାଯାଇଛି ?

----

**ହୋଲସେଲ Market ପାଇଁ ଭୂମୀ ପୂଜନ ହୋଇ କାର୍ଯ୍ୟ ନହେବା**

2331 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Rourkela one ପ୍ରକଳ୍ପ କାର୍ଯ୍ୟ କେବେ ସରିବ ଏବଂ ଏହା ଲୋକଙ୍କ ସେବାରେ କେବେ ନିୟୋଜିତ ହେବ ଏବଂ ଉକ୍ତ Rourkela ମହାନଗର ନିଗମ ନିର୍ବାଚନ କେବେ ହେବ ଏବଂ ଏଥିପାଇଁ ସରକାର କି ପଦକ୍ଷେପ ନେଉଛନ୍ତି ରାଉରକେଲା ମହାନଗର ନିଗମ ଦ୍ୱାରା ମହାନଗର ନିଗମର କେଉଁ ଅଞ୍ଚଳରେ ଗୋ ମାଂସ, ଗାଇ ଚମଡା, ଗାଇ ହାଡ ବିକ୍ରି ପାଇଁ କେତେ ଜଣଙ୍କୁ ଏବଂ କେଉଁ କେଉଁ ମାନଙ୍କୁ Licence ପ୍ରଦାନ କରାଯାଇଛି କି ଯଦି ହଁ ତେବେ ସେମାନଙ୍କର ସମ୍ପୂର୍ଣ୍ଣ ତାଲିକା ଦେବେ, ଏବଂ ବାଲୁଘାଟ ଅଞ୍ଚଳରେ ଦୀର୍ଘ ବର୍ଷ ତଳେ ପ୍ରସ୍ତାବିତ ହୋଇ ସେହି Market ପାଇଁ ଭୂମି ପୂଜନ ହୋଇଥିଲା ତେବେ ଆଜି ପର୍ଯ୍ୟନ୍ତ ଏହାର କାର୍ଯ୍ୟ ସରିନଥିବା ତେବେ ଏହାର କାର୍ଯ୍ୟ କେବେ ସୁଦ୍ଧା ସରିବ?

----

**ଆବାସ ଯୋଜନାର ଘର ନିର୍ମାଣ**

2332 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ 15 ବର୍ଷ ହେବ ରାଉରକେଲା ଏବଂ ରଘୁନାଥପାଲି ନିର୍ବାଚନ ମଣ୍ଡଳୀରେ ଗୋଟିଏ ମଧ୍ୟ ସରକାରୀ ଆବାସ ଯୋଜନା କାର୍ଯ୍ୟକାରୀ ହୋଇନାହିଁ ଫଳରେ ଲୋକମାନେ ବାସଗୃହଟିଏ ପାଇଁ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉ ଥିବା କଥା ଜାଣନ୍ତି କି ଯଦି ହଁ ତେଣୁ ଉକ୍ତ ନିର୍ବାଚନ ମଣ୍ଡଳୀରେ ସରକାରଙ୍କ ଦ୍ୱାରା ଆବାସ ଯୋଜନାରେ ଘର ନିର୍ମାଣ କରି ସାଧାରଣ ଲୋକଙ୍କୁ ଯୋଗାଇ ଦେବା ପାଇଁ ପଦକ୍ଷେପ ନେବେ କି ?

----

**କମ୍ପାନୀ ମାନଙ୍କର ସ୍ଥାନୀୟ ମାନଙ୍କୁ ନିଯୁକ୍ତି ଦେବା**

2333 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ଚଳାଯାଉଥିବା ଏକାଧିକ ଆଧୁନିକୀ କରଣ ଏବଂ ସଂପ୍ରସାରଣ କକ୍ଷରେ ଅନେକ ବଡ ବଡ Company ମାନଙ୍କୁ ନିଯୁକ୍ତି ଦିଆ ଯାଇଛି ତେବେ ଏହି ସବୁ Company ମାନେ ରାଜ୍ୟ ସରକାରଙ୍କ ନୀତି ନିୟମକୁ ନ ମାନି ସ୍ଥାନୀୟ Employment Exchange ର ମାଧ୍ୟମରେ ଶ୍ରମିକ ନିଯୁକ୍ତି ଦେବା ବଦଳରେ ନିଜ ଇଚ୍ଛାନୁସାରେ ସ୍ଥାନୀୟ ବେକାର ଯୁବକ ମାନଙ୍କୁ ନିଯୁକ୍ତି ଦେଉଛନ୍ତି ତେଣୁ ସ୍ଥାନୀୟ ବେକାର ମାନଙ୍କୁ ନିଯୁକ୍ତି ଦେବାର ପ୍ରାଥମିକଥା ଦେବା ପାଇଁ ପଦକ୍ଷେପ ନେବେ କି ଏବଂ ଆର.ଏସ୍.ପି ର ଆଧୁନିକୀକରଣ ଓ ସଂପ୍ରସାରଣ କାର୍ଯ୍ୟରେ ସ୍ଥାନୀୟ ଠିକାଦାର ମାନଙ୍କୁ ନିଯୁକ୍ତି ଦେବା ବଦଳରେ ବାହାର ରାଜ୍ୟର ଠିକା କମ୍ପାନୀ ମାନଙ୍କୁ ପ୍ରାଥମିକତା ଦିଆଯାଉଛି ଥିବା କଥା ଜଣନ୍ତିକି ଯଦି ହଁ ତେବେ ତେବେ ସ୍ଥାନୀୟ ଅଞ୍ଚଳର ଠିକାଦାର ମାନଙ୍କୁ ନିଯୁକ୍ତି ଦେବାର ପ୍ରାଥମିକତା ଦେବେ କି ?

----

**RDF ଉଠାଇବା ପାଇଁ ସିମେଣ୍ଟ କମ୍ପାନୀ ସହ ଚୁକ୍ତିନାମା**

2334 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 2023 ମସିହାରେ ରାଜଧାନୀରୁ RDF ଉଠାଇବା ପାଇଁ କେଉଁ ସିମେଣ୍ଟ କମ୍ପାନୀ ସହ ଚୁକ୍ତି ହୋଇଥିଲା ଏବଂ ସେହି ଚୁକ୍ତିନାମାର ଅବଧି କେତେ ସମାପ୍ତ ହୋଇଥିଲା ଅବଧି ସମାପ୍ତପରେ ପୁନଶ୍ଚ ଟେଣ୍ଡର ଡକାଯାଇ ଅନ୍ୟ କେଉଁ ସିମେଣ୍ଟ କମ୍ପାନୀକୁ ଦିଆଯାଇଛି କିମ୍ୱା ସେହି ପୁରୁଣା କମ୍ପାନୀ କେବେଠାରୁ RDF ଉଠାଉଛନ୍ତି RDF ଉଠାଣ ବାବଦରେ ପ୍ରଥମ ଚୁକ୍ତିନାମା ଅବଧି ଶେଷଠାରୁ ଏପର୍ଯ୍ୟନ୍ତ ମାସିକ କେତେ ଟନ୍ ହିସାବରେ ସର୍ବମୋଟ ଉଠାଣ ପରିମାଣ କେତେ ?

----

**UHWC କୁ ଘରଭଡା ବାବଦ ଅର୍ଥ ଦେବା**

2335 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସ୍ୱାସ୍ଥ୍ୟ ବିଭାଗ ଭଡାଘରେ ଚାଲୁଥିବା UHWC କୁ ଘରଭଡା ବାବଦ ଅର୍ଥ ନଦେବା ପରିପ୍ରେକ୍ଷୀରେ BMC ସଂପୃକ୍ତ ୱାର୍ଡ ମାନଙ୍କରେ ନୂତନ ଗୃହ ନିର୍ମାଣ କରିବା ପାଇଁ କିଛି ପଦକ୍ଷେପ ଗ୍ରହଣ କରୁଛି କିମ୍ୱା ସେହିଭଳି ଭଡାଘରେ ଚାଲୁରଖିବେ ନିଜସ୍ୱ ଗୃହ ନିର୍ମାଣ ନକଲେ ମାସିକ ଭଡା ପାଇଁ କେତେଟଙ୍କା ଦେୟ ପଡିବ, କେବେଠାରୁ ଏହି UHWC ଗୁଡିକ ଭଡାଘର ଚାଲିଛି UHWC ରୁ ସାଧାରଣ ଲୋକେ ଉପକୃତ ହେଉଥିବା ଯୋଗୁଁ ଅର୍ଥ ଓ ଜମି ଯୋଗାଇ ଦେବାପାଇଁ BMC କିଛି ପଦକ୍ଷେପ ନେଇଛି କି ?

----

**ମା ପାଇଁ ଗଛଟିଏ ଯୋଜନାରେ ଅର୍ଥ ବିନିମୟ**

2336 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କେନ୍ଦୁଝର ଜିଲ୍ଲାରେ ୨୦୧୪ ମସିହାରୁ ଆଜି ପର୍ଯ୍ୟନ୍ତ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ କେତେ ଜଣ ହିତାଧିକାରୀଙ୍କୁ ପାଇଖାନା ଯୋଗାଇ ଦିଆଯାଇଛି ତା'ର ବର୍ଷୱାରୀ ଓ ପଞ୍ଚାୟତୱାରୀ ତାଲିକା ପ୍ରଦାନ କରିବେ କି, ଆଗାମୀ ଦିନରେ ଜିଲ୍ଲାରେ କେତେ ହିତାଧିକାରୀଙ୍କୁ ପାଇଖାନା ଯୋଗାଇଦେବାକୁ ବିଭାଗ ଲକ୍ଷ ରଖିଛି, (ଖ) କେନ୍ଦୁଝର ଜିଲ୍ଲାର ୨୦୨୦ ମସିହାରୁ ଆଜି ପର୍ଯ୍ୟନ୍ତ କେତୋଟି ଅମୃତସରୋବର କେଉଁ ସ୍ଥାନରେ ଖନନ କରାଯାଇଛି ଓ ଆଗାମୀ ଦିନରେ କେତୋଟି ଖନନ ନିମନ୍ତେ ପ୍ରସ୍ତାବ ରହିଛି, ଖନନ ହୋଇଥିବା ଅମୃତସରୋବର ଗୁଡ଼ିକରେ କେଉଁ କେଉଁ ଉସରୁ କେତେ ଅର୍ଥ ବ୍ୟୟ କରାଯାଇଛି, ଖନନ ହୋଇଥିବା ଅମୃତ ସରୋବର ଗୁଡ଼ିକ ମଧ୍ୟରୁ କେତୋଟି ନୂତନ ଭାବେ ଖନନ କରାଯାଇଛି ଓ କେତୋଟିକୁ ପୁନରୁଦ୍ଧାର କରାଯାଇଛି ?

----

**ରାସ୍ତା ମରାମତି କାର୍ଯ୍ୟ ତୁରନ୍ତ କରାଯିବା**

2337 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପାଟଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାଟଣାରୁ ଠାକୁରମୁଣ୍ଡା ଭାୟା ବନବୀର ରାସ୍ତାର ମିରିଗିଖୋଜି ପଞ୍ଚାୟତ ଭାଲିଆଡାଳଠାରୁ କୁଣ୍ଡଳା ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାର ମରାମତି କାର୍ଯ୍ୟ କେବେଠାରୁ ଆରମ୍ଭ ହେବ ଓ କେବେ ସୁଦ୍ଧା ସାରିବା ପାଇଁ ବିଭାଗ ନିକଟରେ ପ୍ରସ୍ତାବ ରହିଛି, ଏହା ସହ ରାସ୍ତାର ମରାମତି ପାଇଁ କେତେ ଟଙ୍କା ବ୍ୟୟ ଅଟକଳ କରାଯାଇଛି ଓ କେଉଁ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି ତାର ସବିଶେଷ ତଥ୍ୟ ପ୍ରଦାନ କରିବେ କି, ଉକ୍ତ ରାସ୍ତାର ମରାମତି କାର୍ଯ୍ୟ ଶେଷ କରିବା ପାଇଁ ବିଭାଗ ବିହିତ ପଦକ୍ଷେପ ଗ୍ରହଣ କରିବ କି ?

----

**କେନ୍ଦୁଝର ଜିଲ୍ଲାରେ ପ୍ରକଳ୍ପ ପାଇଁ ଟଙ୍କା ଖର୍ଚ୍ଚ**

2338 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାରେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ୨୦୨୦ ମସିହାରୁ ଆଜି ପର୍ଯ୍ୟନ୍ତ କେଉଁ କେଉଁ ପ୍ରକଳ୍ପରେ କେତେ ଟଙ୍କା ଖର୍ଚ୍ଚ ହୋଇଛି, ଏହାର ବର୍ତ୍ତମାନ ସ୍ଥିତି କଣ, ଏ ସମ୍ପର୍କରେ ବନାଞ୍ଚଳ / ବ୍ଲକ୍ ୱାରୀ ତାଲିକା ପ୍ରଦାନ କରିବେ କି ?

----

**ପାନୀୟ ଜଳର ଗୁଣବତ୍ତା ରକ୍ଷା ପାଇଁ ପଦକ୍ଷେପ**

2339 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗଙ୍ଗୁଆନଦୀ, ଦୟାନଦୀରେ ପଡିଥିବା ଓ ଗଙ୍ଗୁଆ ଜଳ ପ୍ରଦୂଷିତ ହୋଇଥିବାରୁ ଦୟାନଦୀର ଜଳ ଅତୀବ ପ୍ରଦୂଷିତ ହୋଇଥିବା କାରଣରୁ ଦୟା ନଦୀରୁ ଯେଉଁ ଜଳ ଉତ୍ତୋଳନ ହୋଇ ପାନୀୟ ଜଳ ଭାବେ ବ୍ୟବହୃତ ହେଉଛି ସେହି ପାନୀୟ ଜଳକୁ ବିଶୋଧନ ପୂର୍ବକ ତାହାର ଗୁଣବତ୍ତା ରକ୍ଷା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

**ପ୍ରବାହିତ ନଦୀ ଓ କେନାଲ ଜଳକୁ ପ୍ରଦୂଷଣମୁକ୍ତ କରିବା**

2340 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କୁଆଖାଇ, କୁଶଭଦ୍ରା, ଦୟା, ଭାର୍ଗବୀ, ଗଙ୍ଗୁଆ, ନଦୀସହ ଦୟାୱେଷ୍ଟ କେନାଲ ଓ ପୁରୀ ମୁଖ୍ୟ କେନାଲରେ ଆବର୍ଜନା ଜଳ ନିକ୍ଷେପ କରିବା ଯୋଗୁଁ ଏହି ଜଳ ଉତ୍ସଗୁଡିକ ପ୍ରଦୂଷିତ ହୋଇଥିବା ପ୍ରତି ସରକାର ସଚେତନ ଅଛନ୍ତି କି ; ଉତ୍ତର ହଁ ହେଲେ ଏହାକୁ ପ୍ରଦୂଷଣମୁକ୍ତ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

**ବୃକ୍ଷରୋପଣ ପାଇଁ ପାଣ୍ଠି ବିନିଯୋଗ**

2341 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁନ୍ଦରଗଡ ଜିଲ୍ଲାର ବିଗତ 5 ବର୍ଷରେ ରାସ୍ତା ପ୍ରଶସ୍ତିକରଣ, ଶିଳ୍ପ ପ୍ରତିଷ୍ଠା, ଖଣି ଖନନ, ଉନ୍ନୟନ କାମ ନିମନ୍ତେ କେତେ ସଂଖ୍ୟକ ଗଛ କଟାଯାଇଛି ବ୍ଲକୱାରୀ, locationୱାରୀ, ବର୍ଷୱାରୀ ତଥ୍ୟ ସହ କଟାଯାଇଥିବା ଗଛ ବିକ୍ରିକରି ସରକାର କେତେ ରାଜସ୍ୱ ଆଦାୟ କରିଛନ୍ତି ଓ କଟାଯାଇଥିବା ଗଛର ପ୍ରତିବଦଳରେ କେତେ ପାଣ୍ଠି ବିନିଯୋଗ କରି ସରକାର କେତେ ସଂଖ୍ୟକ ନୂତନ ଗଛ ଲଗାଇଛନ୍ତି ଓ ଏହି ଲଗାଯାଇଥିବା ଗଛର survival rate କେତେ, ବ୍ଲକୱାରୀ, locationୱାରୀ, ବର୍ଷୱାରୀ ତଥ୍ୟ ଦେବେ କି ; ରାଜ୍ୟରେ ଥିବା ବିଭିନ୍ନ ଜଙ୍ଗଲରେ ନିଆଁ ଲାଗି ପ୍ରତ୍ୟେକ ବର୍ଷ ଜଙ୍ଗଲ ନଷ୍ଟ ହେବା ସହିତ ବନ୍ୟଜନ୍ତୁମାନେ ଅଗ୍ନିଦଗ୍ଧ ହୋଇ ମୃତ୍ୟୁ ମୁଖରେ ପଡୁଛନ୍ତି ; ଏଣୁ ଜଙ୍ଗଲରେ ଅଗ୍ନି ବିତ୍ପାତ ରୋକିବା ଓ ବନ୍ୟଜନ୍ତୁମାନଙ୍କୁ ସୁରକ୍ଷା ଦେବା ପାଇଁ ସରକାର କି କି ଯୋଜନା କାର୍ଯ୍ୟକାରୀ କରିଛନ୍ତି?

----

**ସ୍ୱେରେଜ ବ୍ୟବସ୍ଥା ପ୍ରଚଳନ**

2342 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜଗାଙ୍ଗପୁର ପୌରପାଳିକା ଅଞ୍ଚଳରେ ସ୍ୱେରେଜ ବ୍ୟବସ୍ଥା ପ୍ରଚଳନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

**ବେଆଇନ Fly Ash Developing**

2343 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗତ 5 ବର୍ଷରେ ସୁନ୍ଦରଗଡ ଜିଲ୍ଲାରେ ଅବସ୍ଥିତ ଶିଳ୍ପମାନଙ୍କୁ କେତେ ପରିମାଣର Fly Ash ଉତ୍ପାଦନ ହୋଇଅଛି ତାହାର କେତେ ପରିମାଣ କେଉଁ କେଉଁ କାମରେ ବ୍ୟବହାର କରାଯାଇଅଛି ତାହାର industry wise and year wise ଦେବେ କି ; (ଖ) କେଉଁ କେଉଁ ଅଞ୍ଚଳରେ କେତେ ପରିମାଣର ତଳିଆ ଜମି (low land) ରେ କେତେ ପରିମାଣରେ Fly Ash ପକାଯାଇଅଛି ଓ ଏହା କେଉଁ କେଉଁ ଦ୍ୱାରା ପକାଯାଇଅଛି ତାହାର ବିବରଣୀ ଜଣାଇବେ କି ; ଗତ 5 ବର୍ଷରେ ସୁନ୍ଦରଗଡ ଜିଲ୍ଲାରେ କେତେ ପରିମାଣର Fly Ash ବେଆଇନ ଭାବେ କେଉଁ କେଉଁ ଜାଗାରେ dump କରାଯାଇଅଛି ଓ କରିଥିବା ଶିଳ୍ପ ସଂସ୍ଥା, ମାନଙ୍କ ବିରୁଦ୍ଧରେ ସରକାର କି ପଦକ୍ଷେପ ନେଇଛନ୍ତି?

----

**Toxic waste from the red mud pond**

2344 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- whether the alleged seepage of toxic waste from the red mud pond at Damanjodi has been examined under the provisions of the Water (Prevention and Control of Pollution) Act, 1974 and the Environment (Protection) Act, 1986; whether such seepage constitutes a violation of consent and environmental clearance conditions; and whether action, including environmental compensation and remediation, is being initiated in accordance with the 'Polluter Pays' principle to restore contaminated water sources, land, and safeguard public health?"

----

**Irregular supply, poor water quality**

2345 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Will the Govt. explain why, despite repeated announcements of universal rural drinking water coverage, several Gram Panchayats continue to face irregular supply, poor water quality and defunct schemes, and whether a physical verification has revealed gaps between reported coverage and actual household level availability?

----

**Sanctioned urban housing units remain incomplete**

2346 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Will the Govt. clarify why a significant number of sanctioned urban housing units remain incomplete or unoccupied, and whether delays in land availability, contractor performance and beneficiary identification indicate serious deficiencies in earlier implementation planning?

----

**ସଂରକ୍ଷିତ ଜଙ୍ଗଲ ଜମିର ରାସ୍ତା ନିର୍ମାଣ**

2347 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗ୍ରାମାଞ୍ଚଳର ବିକାଶ ପାଇଁ ସୁଗମ ଗମନାଗମନ ଆବଶ୍ୟକତା ଥିବା ସ୍ଥଳେ ଅନେକ ସ୍ଥାନରେ ସଂରକ୍ଷିତ ଜଙ୍ଗଲ ଜମିରେ ରାସ୍ତାର ଆବଶ୍ୟକ ଥିବାରୁ ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗରେ କାର୍ଯ୍ୟ ମଞ୍ଜୁର ହେବ କଥା ସତ କି, ଯଦି ହଁ, ତେବେ ଏହା କେବେ ନିର୍ମାଣ ହେବ ?

----

**ଅର୍ଥ କମିଶନଙ୍କ ମାଧ୍ୟମରେ ପଞ୍ଚାୟତକୁ ଅର୍ଥ ପ୍ରଦାନ**

2348 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ୫ ବର୍ଷରେ Chitrakonda Constituencyରେ କେତେ ଗ୍ରାମସଭା ଓ ପଲ୍ଲୀସଭା ଅନୁଷ୍ଠିତ ହୋଇଛି; ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର/ ଅର୍ଥ କମିଶନଙ୍କ ମାଧ୍ୟମରେ କେତେ ଅର୍ଥ ଗ୍ରାମ ପଞ୍ଚାୟତମାନଙ୍କୁ ଅର୍ଥ ପ୍ରଦାନ କରିଛନ୍ତି ?

----

**ପ୍ଲାଷ୍ଟିକ ଦ୍ୱାରା ପ୍ରଦୂଷଣ**

2349 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ ପ୍ଲାଷ୍ଟିକ ଜନିତ ପ୍ରଦୂଷଣ ନିୟନ୍ତ୍ରଣ ଓ ଡାକ୍ତରୀ ବର୍ଜ୍ୟବସ୍ତୁ ପରିଚାଳନାର ସ୍ଥିତି କଣ ରହିଛି, ଗତ ୧୦ବର୍ଷରେ ଉଭୟ ପ୍ଲାଷ୍ଟିକ ପ୍ରଦୂଷଣ ନିୟନ୍ତ୍ରଣ ଓ ଡାକ୍ତରୀ ବର୍ଜ୍ୟବସ୍ତୁ ପରିଚାଳନା ଭାର କେଉଁ କେଉଁ ଏଜେନସିକୁ ଦିଆଯାଇଥିଲା, ସରକାରୀ ଓ ବେସରକାରୀ ସ୍ତରରେ ଏହାକୁ ଉଲଙ୍ଘନ କରୁଥିବା କେତୋଟି ଅନୁଷ୍ଠାନ ଚିହ୍ନଟ ହୋଇଛି, ନିୟମିତ ଯାଞ୍ଚ ପାଇଁ ଗଠିତ କମିଟିର ସ୍ଥିତି କଣ ରହିଛି, କେତୋଟି ମାମଲା ଗତ ୧୦ବର୍ଷରେ ରୁଜୁ କରାଯାଇଛି, କେଉଁ ସଂସ୍ଥା ବା ବ୍ୟକ୍ତି ଦୋଷୀସାବ୍ୟସ୍ତ ହୋଇଛନ୍ତି ସେସବୁର ଗତ ୧୦ ବର୍ଷର ଜିଲ୍ଲା ଓ ବର୍ଷୱାରୀ ତଥ୍ୟ ଦେବେ କି, ପ୍ଲାଷ୍ଟିକ ସଂସ୍ପର୍ଶରେ ଆସି ପାଣି ଓ ବିଭିନ୍ନ ଖାଦ୍ୟ ପଦାର୍ଥ ପ୍ରଭାବିତ ହୋଇ ଥିବାର ଦୃଷ୍ଟିକୁ ଆସିଛିକି, ଏ ନେଇ ଯଦି କୌଣସି ଅନୁଧ୍ୟାନ ହୋଇଛି ବିବରଣୀ ଦେବେ କି, କେବେ ଓଡ଼ିଶା ପ୍ଲାଷ୍ଟିକ ପ୍ରଦୂଷଣମୁକ୍ତ ହେବ ?

----

**ପାଉଁଶକୁ ନେଇ ସମସ୍ୟା**

2350 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡା ପୌରପରିଷଦ ରାଣୀଗୁଡା ଗୌତମ ନଗର ଅଞ୍ଚଳ ଏକର ଏକର ଜମିରେ କାରଖାନାରୁ ବାହାରୁ ଥିବା ବର୍ଜ୍ୟ ପଦାର୍ଥ (ସ୍ଲାଗ)ପକାଯାଇଛି, 50ଫୁଟ ତଳୁ ପକାଇ ସହର ଭିତରେ ଥିବା ମୂଲ୍ୟବାନ ଜମିକୁ ନଷ୍ଟ କରିଦିଆ ଯାଇଛି, କିଛି ସ୍ଥାନରେ ମାଟି ପକାଇ ଘୋଡେଇବାକୁ ଚେଷ୍ଟା କରାଯାଇଛି,ସାମାନ୍ୟ ପବନ ହେଲେ ନିକଟରେ ଥିବା ବସ୍ତି ବାସିନ୍ଦା ଉଡୁଥିବା ପାଉଁଷକୁ ନେଇ ସମସ୍ୟା ଭୋଗୁଛନ୍ତି, ସହର ଦୃତ ଗତିରେ ବଢୁଥିବାରୁ ତଳେ ଥିବା ସ୍ଲାଗ ଯୋଗୁଁ କୌଣସି ନିର୍ମାଣ କାର୍ଯ୍ୟ ମଧ୍ୟ ହୋଇ ପାରିବ ନାହିଁ, ସହର ଭିତରକୁ ଶହଶହ ଟ୍ରକରେ କେଉଁ କାରଖାନା ଠାରୁ ଏହି ଧଳା ପାଉଁଷ ଆସିଲା କିପରି, ଏଠାରେ ପକାଇବା ପାଇଁ କିଏ ଅନୁମତି ଦେଇଥିଲେ ?

----

**ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରାଶି ବୃଦ୍ଧି**

2351 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ବା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଚଳିତ ବର୍ଷ କେତେ ସଂଖ୍ୟକ ହିତାଧିକାରୀଙ୍କୁ ଘର ଯୋଗାଇ ଦେବାକୁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି ଓ ଏହି ରାଶି ବୃଦ୍ଧି ନିମନ୍ତେ ସରକାରୀ ନିଷ୍ପତ୍ତି କେଉଁ ଆର୍ଥିକ ବର୍ଷ ଠାରୁ ଲାଗୁ କରାଯିବ ?

----

**ଶିଳ୍ପାଞ୍ଚଳର ବାୟୁ ପ୍ରଦୂଷଣ ମାତ୍ରା**

2352 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ପ୍ରମୁଖ ସହର ଓ ଶିଳ୍ପାଞ୍ଚଳମାନଙ୍କର ବାୟୁ ଓ ଜଳ ପ୍ରଦୂଷଣ ମାତ୍ରା କେତେ ରହିଛି, ବିଶେଷ କରି ଇସ୍ପାତ, ସିମେଣ୍ଟ, ପେଲେଟ୍ ପ୍ଲାଣ୍ଟ, ସ୍ପଞ୍ଜ, ଲୁହା କାରଖାନା, ଆଲୁମିନିୟମ୍ କାରଖାନା, ଖଣି ଖାଦାନ ଆଦି ଅଞ୍ଚଳରେ ଏହି ମାତ୍ରା କେତେ ସେ ସମ୍ପର୍କିତ ଗତ ପାଞ୍ଚ ମାସର ତଥ୍ୟ କ୍ଷେତ୍ରୱାରୀ ପ୍ରଦାନ କରିବା ସହ ଏହାର ମୁକାବିଲା ପାଇଁ କ'ଣ ସବୁ ପଦକ୍ଷେପ ମାନ ଗ୍ରହଣ କରାଯାଇଛି ?

----

**Nirman Sharmika Scheme**

2353 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- In the Nirman Shramik Scheme, if the Nirman Sharmika doesn't pay annual contribution for 3 consecutive years, His card is inactive. It can be activated only at the district headquarters by the DLC; But for poor people, going to the district headquarters is troublesome; Special camps for allowing resumption should be held at the block level where poor people can approach for the resumption; What does the Government have to say about it; And how many such camps for resumption of the inactive cards have been held in the past 2 years ?

----

**ଅର୍ବାନ ଲୋକାଲ ବଡ଼ିଗୁଡ଼ିକର ସଂରକ୍ଷଣ ବ୍ୟବସ୍ଥା**

2354 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅର୍ବାନ ଲୋକାଲ ବଡିଗୁଡିକରେ ସାମାଜିକ ଓ ଶୈକ୍ଷିକ ଅନଗ୍ରସର ବର୍ଗମାନଙ୍କ ପାଇଁ ଉପଯୁକ୍ତ ସଂରକ୍ଷଣ ବ୍ୟବସ୍ଥା କରିବା ପାଇଁ, ମାନ୍ୟବର ସୁପ୍ରିମକୋର୍ଟ ଓ ହାଇକୋର୍ଟ ଦ୍ୱାରା କି କି ସର୍ତ୍ତାରୋପଣ କରାଯାଇଛି ଓ ରାଜ୍ୟ ସରକାର କେଉଁ କେଉଁ ସର୍ତ୍ତକୁ ଏଯାବତ୍ ପୂରଣ କରିଛନ୍ତି ଓ ସଂରକ୍ଷଣ କାର୍ଯ୍ୟକାରୀତା ବର୍ତ୍ତମାନ କେଉଁ ସ୍ଥିତିରେ ଅଛି ?

----

**ନିର୍ମାଣଧିନ ଥିବା ମେଗା ପାନୀୟ ଜଳ ପ୍ରକଳ୍ପ**

2355 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ନିର୍ବାଚନ ମଣ୍ଡଳୀରେ ୨୦୧୯ ମସିହାରୁ ପ୍ରାୟ ୩୧୫ କୋଟି ବିନିମୟରେ ଆରମ୍ଭ ହେଇଥିବା ମେଗା ପାନୀୟ ଜଳ ପ୍ରକଳ୍ପ ଆଜି କି ପ୍ରାୟ ୭ ବର୍ଷ ବିତିଗଲାଣି ହେଲେ କାର୍ଯ୍ୟ ସପୂର୍ଣ୍ଣ ହୋଇପାରିଲା ନାହିଁ,ଏ ବିଷୟରେ ସରକାର ଅବଗତ ଅଛନ୍ତି କି ; ଯଦି ଉତ୍ତର ହଁ କେବେ ସୁଦ୍ଧା ଲୋକ ମାନେ ପାନୀୟ ଜଳ ପାଇପାରିବେ ; ଠିକା/ ସଂସ୍ଥାର ମନମାନି କାମ ଏବଂ ନିମ୍ନମାନର କାମ ହେଉଛି ବୋଲି ସାଧାରଣ ଲୋକ ଅଭିଯୋଗ କରୁଥିବା ସତ୍ୟ କି ?

----

**ବାତ୍ୟା ଆଶ୍ରୟସ୍ଥଳୀ ମରାମତି ପାଇଁ ଅର୍ଥ**

2356 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ହାଟଡିହି ବ୍ଲକର କରଗୋଳା ବାତ୍ୟା ଆଶ୍ରୟ ସ୍ଥଳର ମରାମତି ପାଇଁ କେତେ ଟଙ୍କା ମଞ୍ଜୁରୀ ହେଉଥିଲା, ଏହି ଟଙ୍କାରେ କେଉଁ କେଉଁ କାର୍ଯ୍ୟ ହୋଇଛି; ଗ୍ରାମବାସୀମାନେ ଏହି କାର୍ଯ୍ୟ ନିମ୍ନମାନର ହେଉଛି ବୋଲି ଅଭିଯୋଗ କରିବା ପରେ ଫଳକ ଭାଙ୍ଗି ଦେଇଥିବା କଥା ସତ କି ?

----

**ଦାଦନଙ୍କ ପାଇଁ ବିକଳ୍ପ ରୋଜଗାର ବ୍ୟବସ୍ଥା**

2357 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୪ ରୁ ୨୦୨୬ ଜାନୁୟାରୀ ମାସ ସୁଦ୍ଧା ବିଗତ ବର୍ଷ ମଧ୍ୟରେ ରାଜ୍ୟର କେଉଁ ଜିଲ୍ଲାରୁ କେତେ ସଂଖ୍ୟକ ଲୋକ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇଛନ୍ତି ଏବଂ କେତେ ଜଣଙ୍କୁ ଦାଦନ ମୁକ୍ତ କରାଯାଇ ରାଜ୍ୟକୁ ଫେରାଇ ଅଣାଯାଇଛି, ତାହାର ଜିଲ୍ଲାୱାରୀ ବିବରଣୀ ପ୍ରଦାନ କରିବେ କି; ଯଦି କୌଣସି ସ୍ଥାନରେ ଜୀବନରୁ କାହାକୁ ଫେରାଇ ଅଣାଯାଇଛି ସେମାନଙ୍କ ଲାଗି ବିକଳ୍ପ ରୋଜଗାରର କଣ ବ୍ୟବସ୍ଥା କରାଯାଇଛି ?

----

**ମେଗା ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ହୋଇଥିବା କାର୍ଯ୍ୟର ଅଗ୍ରଗତି**

2358 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ଜିଲ୍ଲାର ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବାସୁଦେବପୁର ଓ ତିହିଡ଼ି ବ୍ଲକରେ ମେଗା ପାନୀୟ ଜଳ ପ୍ରକଳ୍ପ ଦ୍ୱାରା ହୋଇଥିବା କାର୍ଯ୍ୟର କେତେ ଅଗ୍ରଗତି ହୋଇଛି ଏବଂ କେତେଗୋଟି ପଞ୍ଚାୟତରେ ପାଣି ପ୍ରକଳ୍ପର କାର୍ଯ୍ୟ ସମାପନ ହୋଇଛି ଏବଂ କେବେସୁଦ୍ଧା ଏହା ପୂର୍ଣ୍ଣାଙ୍ଗ କରାଯାଇ ଲୋକଙ୍କୁ ପାନୀୟ ଜଳ ଯୋଗାଇ ଦିଆଯିବ ?

----

**BGBO Scheme ରେ ଅନୁଦାନ**

2359 **ଶ୍ରୀ ଅଶୋକ କୁମାର ଦାସ (ବାସୁଦେବପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାରଙ୍କ ଦ୍ୱାରା ଆଦୃତ BGBO Scheme ରେ ୨୦୨୪ /୨୦୨୫ / ୨୦୨୬ ଜାନୁୟାରୀ ମାସ ସୁଦ୍ଧା କେତେ ଟଙ୍କାର ଅନୁଦାନ ଭଦ୍ରକ ଜିଲ୍ଲା ତଥା ବାସୁଦେବପୁର ନିର୍ବାଚନ ମଣ୍ଡଳୀକୁ ପ୍ରଦାନ କରାଯାଇଛି; ଏହାର ବ୍ଲକୱାରୀ ତଥ୍ୟ ଦେବା ସହ ବାସୁଦେବପୁର ଓ ତିହିଡ଼ି ବ୍ଲକରେ କେତେଟଙ୍କା ଅର୍ଥ ଖର୍ଚ୍ଚ ହୋଇଛି ଏବଂ କେତେ ଟଙ୍କା ଖର୍ଚ୍ଚ ହେବାକୁ ବାକି ଅଛି ?

----

**କାର୍ଯ୍ୟକାରୀ ହେବାକୁ ଥିବା ମେଗା ପ୍ରୋଜେକ୍ଟ**

2360 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉଦଳାଠାରେ ପିଇବା ପାଣି ଯୋଗାଣ ନିମନ୍ତେ ଚାଲିଥିବା ମେଗା ପ୍ରୋଜେକ୍ଟ କେବେସୁଦ୍ଧା କାର୍ଯ୍ୟକାରୀ ହେବ ?

----

**ମାଙ୍କଡ ଉପଦ୍ରବର ସ୍ଥାୟୀ ପ୍ରତିକାର**

2361 **ଶ୍ରୀ ସରୋଜ କୁମାର ପାଢ଼ି (ଆସ୍କା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆସିକା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେନ୍ଦୁପଦର ନିମିନା ବାଙ୍ଗରଡା, ବେଣାପାଟ, ମୁନିଗାଡି, କମାଗଡ ଇତ୍ୟାଦି ପଞ୍ଚାୟତମାନଙ୍କରେ ମାଙ୍କଡମାନଙ୍କର ଉପଦ୍ରବ ଅତିମାତ୍ରାରେ ବୃଦ୍ଧି ପାଇଥିବା ଯୋଗୁଁ ଏଠାରେ ଜନଜୀବନ ପ୍ରତି ବିପଦ ସୃଷ୍ଟି ହୋଛି, ଯାହାକି ଲୋକମାନେ ଗୃହମାନଙ୍କରେ ନିରାପଦରେ ରହିପାରୁନାହାଁନ୍ତି, ଏଣୁ ଏହାର ସ୍ଥାୟୀ ପ୍ରତିକାର ପାଇଁ ସରକାର କେଉଁ ପ୍ରକାର ପଦକ୍ଷେପ ଓ କେତେ ଦିନ ମଧ୍ୟରେ କରିବେ ?

----

**ଆଦିବାସୀ ଅଧ୍ୟୁଷିତ ଗାଁକୁ ସବୁ ଦିନିଆ ରାସ୍ତା**

2362 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ୨୦୨୪ ବେଳକୁ ରାଜ୍ୟର କେତେ ଆଦିବାସୀ ଅଧ୍ୟୁଷିତ ଗାଁକୁ ସବୁ ଦିନିଆ ରାସ୍ତା ନିର୍ମାଣ ହେବା ବାକି ରହିଥିଲା, ତା'ର ଏକ ଜିଲ୍ଲା, ବ୍ଲକ୍ ଓ ପଂଚାୟତ ୱାରୀ ତାଲିକା ପ୍ରଦାନ କରିବେ କି, (ଖ) ଉପରୋକ୍ତ ରାସ୍ତା ମଧ୍ୟରୁ ଇତି ମଧ୍ୟରେ କେତେ ରାସ୍ତା ନିର୍ମାଣ ହୋଇଛି ଓ କେତେ ହୋଇଛି, ତା'ର ଏକ ଜିଲ୍ଲା, ବ୍ଲକ୍ ଓ ପଚାୟତ ୱାରୀ ବିବରଣୀ ପ୍ରଦାନ କରିବେ କି, ଅବଶିଷ୍ଟ ଗାଁକୁ କେବେ ସୁଦ୍ଧା ରାସ୍ତା ନିର୍ମାଣ କରିବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ଜଣାଇବେ କି ?

----

**ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ**

2363 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାର ବିଭିନ୍ନ ଶ୍ରେଣୀର ଶ୍ରମିକଙ୍କ ନିମନ୍ତେ ସର୍ବନିମ୍ନ ମଜୁରୀ ନିର୍ଦ୍ଧାରଣ କରିଛନ୍ତି, ଏ ନିର୍ଦ୍ଧାରିତ ମଜୁରୀ ଶ୍ରମିକମାନେ ପାଇଛନ୍ତି କି ନାହିଁ, ତାହା ତଦାରଖ କରିବା ପାଇଁ ସରକାର କି ପଦକ୍ଷେପ ନେଇଛନ୍ତି, ନିର୍ଦ୍ଧାରିତ ହାରରେ ମଜୁରୀ ପାଇ ନଥିବାର ଅଭିଯୋଗ ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଯଦି ହଁ, ଏହିପରି ଅଭିଯୋଗର ଜିଲ୍ଲା ୱାରୀ ଏକ ଚିଠା ପ୍ରଦାନ କରିବେ କି ?

----

**କଟକ ସହରରେ ଥିବା ସ୍ୱୀକୃତିପ୍ରାପ୍ତ ବସ୍ତି**

2364 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ସହରରେ କେତୋଟି ବସ୍ତି ଅଛି, ତାହାର ନାମ ଦର୍ଶାଇ ସେହି ବ୍ୟକ୍ତିମାନଙ୍କରେ କେତେ ପରିବାର ବସବାସ କରୁଛନ୍ତି, ଏହି ବସ୍ତିମାନଙ୍କ ମଧ୍ୟରୁ କେତୋଟି ସ୍ୱୀକୃତିପ୍ରାପ୍ତ ବସ୍ତି ଅଛି, ସମସ୍ତ ବସ୍ତିକୁ ସ୍ୱୀକୃତିପ୍ରାପ୍ତ କରିବା ସହ ଏଠାରେ ପାନୀୟ ଜଳ, ପରିମଳ, ଆଲୋକୀକରଣ ସହିତ ରାସ୍ତାଘାଟ ଆଦି ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇଦେବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

**ବ୍ୟାପକ ତାଳଗଛ ରୋପଣ**

2365 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଜ୍ରପାତ ରୋକିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା ତାଳଗଛର ବ୍ୟାପକ ରୋପଣ ପାଇଁ ସରକାର ନିଷ୍ପତ୍ତି ଗ୍ରହଣ ପରିପ୍ରେକ୍ଷୀରେ 2024-25 ଓ 2025-26 ଆର୍ଥୀକ ବର୍ଷରେ ରାଜ୍ୟରେ କେତେ ପରିମାଣ ତାଳଗଛ ରୋପଣ ହୋଇଛି ପ୍ରକାଶ କରି ଆଗାମୀ ଦିନରେ ରାଜ୍ୟରେ ବ୍ୟାପକ ତାଳ ଗଛ ରୋପଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବେ କି ?

----

**ପ୍ରତ୍ୟେକ ପରିବାରକୁ ପାନୀୟ ଜଳ ଯୋଗାଣ**

2366 **ଶ୍ରୀ ପଦ୍ମ ଚରଣ ହାଇବୁରୁ (କରଞ୍ଜିଆ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କରଞ୍ଜିଆ ନିର୍ବାଚନ ମଣ୍ଡଳୀର କେତେ ପ୍ରତିଶତ ଘରକୁ ପିଇବା ପାଣି ଉପଲବ୍ଧ ହେଉଅଛି ଓ କେବେସୁଦ୍ଧା ପ୍ରତ୍ୟେକ ପରିବାର ପାଖରେ ପିଇବା ପାଣି ପହଞ୍ଚାଇବାର ବ୍ୟବସ୍ଥା ରହିଛି ?

----

### ପ୍ରଦୂଷଣ ମାତ୍ରା କମାଇବା ପାଇଁ ପଦକ୍ଷେପ

2367 **ଶ୍ରୀ ବ୍ରଜ କିଶୋର ପ୍ରଧାନ (ତାଳଚେର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ତାଳଚେର ନିର୍ବାଚନ ମଣ୍ଡଳୀରେ MCL, NTPC ଦ୍ୱାରା ବ୍ୟାପକ ଭାବେ ଜଳ,ବାୟୁ ପ୍ରଦୂଷଣ ଯୋଗୁଁ ବିଭିନ୍ନ ରୋଗ ବଢିବାରେ ଲାଗିଥିବା ବିଷୟରେ ଅବଗତ ଅଛନ୍ତି କି, ଯଦି ଉତ୍ତର ହଁ ହୁଏ, ତେବେ ତାଳଚେର ଅଞ୍ଚଳରୁ ପ୍ରଦୂଷଣ ମାତ୍ରା କମାଇବା ପାଇଁ କି କି ପଦକ୍ଷେପ ଗ୍ରହଣ କରିଅଛନ୍ତି ?

----

### କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ରାସ୍ତା କାର୍ଯ୍ୟ

2368 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) କେନ୍ଦ୍ରାପଡା ଗ୍ରାମ୍ୟ ନିର୍ମାଣ ମଣ୍ଡଳ ୧ ଓ ୨ ଅଧିନସ୍ଥ କେଉଁ କେଉଁ (କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ବ୍ଲକ) ରାସ୍ତାଗୁଡିକର ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ସମୟସୀମା ଶେଷ ହୋଇଥିଲେ ମଧ୍ୟ ଶେଷ ହୋଇପାରିନାହିଁ ଓ ସେହି ସେହି କାର୍ଯ୍ୟଗୁଡିକର ବ୍ୟୟ ଅଟକଳ, ସମ୍ପୂର୍ଣ୍ଣ ପ୍ରକଳ୍ପର ନାମ ଓ କାର୍ଯ୍ୟାରମ୍ଭ ତାରିଖ ପ୍ରଦାନ ସହ କେବେ ସୁଦ୍ଧା ଶେଷ ହେବ, (ଖ) ଖିଲାପକାରୀ ନିର୍ବାହୀ ବ୍ୟକ୍ତି ଓ ସଂସ୍ଥାମାନଙ୍କ ବିରୋଧରେ କି କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ?

----

### MGNREGS ଯୋଜନାରେ ୧୦୦ ଦିନର କାର୍ଯ୍ୟ

2369 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟରେ MGNREGS ଯୋଜନାରେ ୨୦୧୯ - ୨୦ ଠାରୁ ୨୦୨୪ - ୨୫ ମଧ୍ୟରେ କେଉଁ ବର୍ଷ କେତେ କେତେ ସଂଖ୍ୟାରେ ଜବ କାର୍ଡଧାରୀମାନଙ୍କୁ ୧୦୦ ଦିନର କାମ ଯୋଗାଇ ଦିଆଯାଇଅଛି ତାର ଏକ ଜିଲ୍ଲାୱାରୀ ତଥ୍ୟ ଦେବେ କି, (ଖ) କେନ୍ଦ୍ରାପଡା ଜିଲ୍ଲାକୁ NREGS ଅର୍ଥ ଉପଲବ୍ଧ ହେଉନଥିବା ସତ୍ୟ କି, ଯଦି ହଁ, କେଉଁ କାରଣବଶତଃ ତାହା ସମ୍ଭବ ହୋଇନାହିଁ ?

----

### ଡାକ ବଙ୍ଗଳା ନିର୍ମାଣ

2370 **ଶ୍ରୀ ମନୋରଞ୍ଜନ ଦ୍ୟାନ ସାମନ୍ତରା (ଚିକିଟି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚିକିଟି ନିର୍ବାଚନ ମଣ୍ଡଳୀ ପାତ୍ରପୁର ବ୍ଲକର ତୁମ୍ପା ଓ ବାକ୍ଷଲଟି ଜଳ ଭଣ୍ଡାର ଏବଂ ଚିକିଟି ବ୍ଲକର ସାନାପୁର ବେଳାଭୂମି ଅଞ୍ଚଳକୁ ବହି ପର୍ଯ୍ୟଟକ ଆସୁଥିବାରୁ ଉକ୍ତ ସ୍ଥାନ ଗୁଡ଼ିକରେ ଜଙ୍ଗଲ ବିଭାଗ ତରଫରୁ ଡାକବଙ୍ଗଳା ନିର୍ମାଣ କରିବାର ବ୍ୟବସ୍ଥା କରିବେ କି ?

----

### ଜଳ କ୍ଲିଷ୍ଟ ଅଞ୍ଚଳରେ ପାନୀୟ ଜଳ ଯୋଗାଣ

2371 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଳାହାଣ୍ଡି ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ବସବାସ କରୁଥିବା ଲୋକେ ଆଜି ବି ପାନୀୟ ଜଳ ଭଳି ମୌଳିକ ସୁବିଧାରୁ ବଞ୍ଚିତ ରହିଥିବା ଘଟଣା ସତ୍ୟ କି ; ବର୍ତ୍ତମାନ ସୁଦ୍ଧା କେତୋଟି ପଞ୍ଚାୟତ ଏହି ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି ତାହାର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ କି, ଜଳ କ୍ଲିଷ୍ଟ ଅଞ୍ଚଳରେ କେବେ ସୁଦ୍ଧା ପାଇପ ଯୋଗେ ପାନୀୟ ଜଳ ଯୋଗାଣ ଭଳି ମୌଳିକ ସୁବିଧା ଯୋଗାଇବାରେ ସରକାର ପଦକ୍ଷେପ ଗ୍ରହଣ କରିବେ, ଧର୍ମଗଡ଼ ବ୍ଲକ ର ଖୁଟୁଲୁଗୁଡା, ପର୍ଲା, ମଝଏନପଦର, ଶରଧାପୁର, କନ୍ତେର ଏବଂ କୋକସରା ବ୍ଲକର ହଂସପଡା, ବାନଗ୍ଳିକୋଟ ଓ ଛିଲିପାମାଳ ଗ୍ରାମ ର ଜନସାଧାରଣ ପାନୀୟ ଜଳରୁ ବଞ୍ଚିତ ରହିଛନ୍ତି ଓ ଜଳ କ୍ଲିଷ୍ଟ ଦେଖା ଦେଇଥିବାରୁ ତାହାର ପ୍ରତିକାର ପାଇଁ କି ବ୍ୟବସ୍ଥା ଗ୍ରହଣ କାରାଯାଉଛି ?

----

### କଳାହାଣ୍ଡି ଜିଲ୍ଲାରେ Migrant Labour ଙ୍କ ସଂଖ୍ୟା

2372 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଳାହାଣ୍ଡି ଜିଲ୍ଲା Migrant labour ସଂଖ୍ୟା କେତେ, ଏହି Migrant Labour ସଂଖ୍ୟା ଆକଳନ ପାଇଁ Migration Prone ଗ୍ରାମ ମାନଙ୍କରେ କୌଣସି ସର୍ଭେ ହୋଇଛି କି, ଏହି ଦାଦନ ଶ୍ରମିକ ମାନେ ମୁଖ୍ୟତଃ କେଉଁ କାର୍ଯ୍ୟ କରିବା ପାଇଁ ବାହାର ରାଜ୍ୟକୁ ଯାଉଛନ୍ତି, କାର୍ଯ୍ୟକ୍ଷେତ୍ରରେ ସେମାନେ ଶ୍ରମ ଆଇନ ଅନୁସାରେ ସମସ୍ତ ସୁବିଧା ସୁଯୋଗ ପାଉଛନ୍ତି କି ନାହିଁ ସେଥିପାଇଁ ଏହାକୁ ତଦାରଖ କରିବା ପାଇଁ କେଉଁ ଅଧିକାରୀଙ୍କୁ ଦାୟୀତ୍ୱ ଦିଆଯାଇଛି, ସ୍ଥାନୀୟ ଦଲାଲ ଓ ଯେଉଁ Employer ମାନେ ଶ୍ରମ ଆଇନର ଖିଲାପ କରୁଛନ୍ତି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କିଏ ନେଉଛନ୍ତି କହିବେ କି, Exploited Migrated Labour ଙ୍କୁ rescue କରିବା ପାଇଁ କି ପଦକ୍ଷେପ ନିଆଯାଉଛି ତା'ର ଏକ ବିବରଣୀ ଦେବେ କି, ବାହାର ରାଜ୍ୟରେ ଦାଦନ ଶ୍ରମିକଙ୍କ ମୃତ୍ୟୁ ହେଲେ ଶବକୁ ଆଣିବା ପାଇଁ ରାଜ୍ୟ ସରକାରଙ୍କ କି ବ୍ୟବସ୍ଥା ରହିଛି ?

----

### ରାସ୍ତା କଡରେ ବାସଗୃହ ଓ ବ୍ୟବସାୟ ପ୍ରତିଷ୍ଠାନ ନିର୍ମାଣ

2373 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ଗ୍ରାମାଞ୍ଚଳରେ ଅନେକ ଲୋକ ପ୍ରଧାନ ରାସ୍ତା କଡକୁ ଉଠି ଆସି ବାସ ଗୃହ ନିର୍ମାଣ କରୁଥିବା ଅଥବା କୌଣସି ବ୍ୟବସାୟ କରିବା ଲାଗି ରାସ୍ତା କଡରେ ଦୋକାନ ଘର ନିର୍ମାଣ କରୁଥିବା ସରକାର ଲକ୍ଷ୍ୟ କରୁଛନ୍ତି କି, ଏଦିଗରେ ସରକାର କି ପଦକ୍ଷେପ ନେଉଛନ୍ତି ?

----

### ଦୁର୍ନୀତି ଅଭିଯୋଗ ଉପରେ ପଦକ୍ଷେପ

2374 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଜଗତସିଂହପୁର ନିର୍ବାଚନ ମଣ୍ଡଳୀରେ ବିଗତ ପାଞ୍ଚ ବର୍ଷରେ କେତେ ଦୁର୍ନୀତି ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି ଏବଂ ଏହି ଦୁର୍ନୀତି ବିରୁଦ୍ଧରେ କି କି ତଦନ୍ତ ଏବଂ କଣ କଣ ପଦକ୍ଷେପ ଗ୍ରହଣ କରାଯାଇଛି ଏହାର ଏକ ତାଲିକା ପଞ୍ଚାୟତୱାରୀ ଏବଂ କାହା ବିରୁଦ୍ଧରେ ହୋଇଛି ?

----

### ବିଶୁଦ୍ଧ ପାନୀୟ ଜଳ ଯୋଗାଣ

2375 **ଶ୍ରୀ ବାବୁ ସିଂ ( ଏକାମ୍ର-ଭୁବନେଶ୍ୱର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ଗ୍ରାମାଞ୍ଚଳରେ ସମସ୍ତ ନାଗରିକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ସରକାରଙ୍କର ନିର୍ଦ୍ଦିଷ୍ଟ ସମୟ ସୀମା କେତେ, ଏହା କେବେ ସୁଦ୍ଧା ଶେଷ ହେବ ?

----

### Applications received for conversion & mutation of BDA & OSHB Plots

2376 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- The total list of conversion & mutation application of different plots has been received by BDA and Odisha State Housing Board under H & UD Deptt. from different license in different drawing nos. of different mouzas within BMC & CMC areas through online from 1st April 2024 to till dated, out of the said applications, how many conversions as well as mutation have been accepted and how many nos. of application are till pending in BDA & OSHB for necessary approval ?

----

### CMC ସଂଲଗ୍ନ ଗ୍ରାମାଞ୍ଚଳଗୁଡ଼ିକର ବିକାଶ

2377 **ଶ୍ରୀ ପ୍ରକାଶ ଚନ୍ଦ୍ର ସେଠି (କଟକ ସଦର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଟକ ସଦର ନିର୍ବାଚନ ମଣ୍ଡଳୀରେ ବର୍ତ୍ତମାନ ଚାଲୁ ରହିଥିବା ସମସ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା, ମୁଖ୍ୟମନ୍ତ୍ରୀ ସଡକ ଯୋଜନା ତଥା ନାବାର୍ଡ ଅନୁଦାନ ପ୍ରାପ୍ତ ରାସ୍ତା ଓ ସେତୁ ପ୍ରକଳ୍ପଗୁଡ଼ିକର ସାମ୍ପ୍ରତିକ ସ୍ଥିତି ଏବଂ କେତେ ଶତକଡ଼ା କାମ ଶେଷ ହୋଇଛି, ତାହାର ବିବରଣୀ ପ୍ରଦାନ କରିବେ କି, ନଦୀକୂଳିଆ ଅଞ୍ଚଳରେ ଅଧାପତ୍ତରିଆ ଭାବେ ପଡ଼ିରହିଥିବା ସଡ଼କ ପ୍ରକଳ୍ପଗୁଡ଼ିକ କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବ ଏବଂ ଏଥିପାଇଁ କେଉଁ ସମୟସୀମା ଧାର୍ଯ୍ୟ କରାଯାଇଛି, କଟକ ମହାନଗର ନିଗମ (CMC) ସଂଲଗ୍ନ ଗ୍ରାମାଞ୍ଚଳଗୁଡ଼ିକର ବିକାଶ ପାଇଁ ସରକାର କୌଣସି ସ୍ୱତନ୍ତ୍ର 'ମୌଳିକ ସୁବିଧା ଉନ୍ନତିକରଣ ପ୍ରକଳ୍ପ' ଅନୁମୋଦନ କରିଛନ୍ତି କି?

----

**ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ**

2378 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବେଗୁନିଆ ନିର୍ବାଚନ ମଣ୍ଡଳୀର ବୋଲଗଡ ଓ ବେଗୁନିଆ ବ୍ଲକରେ ବସୁଧା ଯୋଜନାରେ ବିଗତ ତିନି ବର୍ଷରେ ପାନୀୟଜଳ ଯୋଗାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଇଛି, ବେଗୁନିଆ ନିର୍ବାଚନ ମଣ୍ଡଳୀରେ ମେଗା ପାନୀୟଜଳ ପ୍ରକଳ୍ପ ଅହେତୁକ ବିଳମ୍ବ ହେବାର କାରଣ କଣ ବର୍ତ୍ତମାନ ସେ ପ୍ରକଳ୍ପ କେଉଁ ଅବସ୍ଥାରେ ଅଛି ଏହାର ପୂର୍ଣ୍ଣାଙ୍ଗ କାର୍ଯ୍ୟ ଶେଷହେବା ପାଇଁ ଏହା ପାଇଁ କେଉଁ ନିତୀ ନିର୍ଧାରଣ କରିଛନ୍ତି, ଜନସାଧାରଣ ଏହାର ସୁଫଳ କେବେ ସୁଧା ପାଇ ପାରିବେ ?

----

**ଜଳ ସଙ୍କଟ ଦୂର ପାଇଁ ପାନୀୟ ଜଳ ବ୍ୟବସ୍ଥା**

2379 **ଶ୍ରୀ ଉମା ଚରଣ ମଲ୍ଲିକ (ଫୁଲବାଣୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କନ୍ଧମାଳ ଜିଲ୍ଲାର ଖଜୁରୀପଡା ବ୍ଲକ ଅନ୍ତର୍ଗତ ବିଲାବାଡି ପଞ୍ଚାୟତର କାକେନ୍ଦ୍ରୀ, ପାକଡେଇ, ବଡଗଣ୍ଡା, ବାଡେଣିଗୋଛା, ବିଲବାଡି, ଦୁଗୁଡା, କିଲୁ, ଅରମା, ମହାପାତ୍ରବସା, ତୁରୁଡୁ, କିରମା, ବଡଝିରି, ବାନରଦେଇ, ପାତଲସୁଗା, ବନ୍ଧନପାଳୁ, ଗିନାନିନ୍ଦା ଭଳି ୧୭ ଗୋଟି ଗ୍ରାମ ବହୁତ ଉଚ୍ଚ ସ୍ଥାନରେ ଥିବାରୁ, ଏହି ଗ୍ରାମ ଗୁଡିକରେ ପାନୀୟ ଜଳର ଅଭାବ ଦେଖାଦେଉଛି ଓ ବିଶେଷ କରି ଗ୍ରୀଷ୍ମ ଋତୁରେ ଜଳ ସଙ୍କଟ ଅଧିକ ହେଉଥିବାରୁ, ଜନସାଧାରଣ ଘୋର ଅସୁବିଧାର ସମ୍ମୁଖୀନ ହେବା ସହ ଏକରୁ ଦୁଇ କିଲୋମିଟର ଦୂର ନିମ୍ନ ସ୍ଥାନରୁ ଜଳ ସଂଗ୍ରହ କରିବାକୁ ବାଧ୍ୟ ହେଉଛନ୍ତି ?

----

**A large number of eligible workers remained outside**

2380 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Will the Government explain the reason of a large number of eligible workers remained outside the Employees' State Insurance coverage despite statutory provisions, and whether inadequate enrolment drives and weak enforcement resulted in denial of social security benefits?

----

**Details of State Public Sector Enterprises**

2381 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- - Will the Government provide details of State Public Sector Enterprises that have been consistently incurring losses, and clarify whether delayed restructuring decisions and weak governance frameworks contributed to the financial stress inherited by the present administration?

----

**Suboptimal outcomes in rural areas**

2382 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Will the Government state the reason of multiple rural infrastructure projects-including roads and livelihood assets-experienced time overruns and cost escalations, and whether the absence of effective monitoring mechanisms led to suboptimal outcomes in rural areas?

----

**Urban infrastructure planning frameworks**

2383 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Will the Government state whether deficiencies in urban planning, including drainage, sanitation and waste management, are linked to fragmented project execution and absence of long-term urban infrastructure planning frameworks?

----

**Maintenance of rural Water Supply infrastructure**

2384 **ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Will the Government clarify the reason of maintenance of rural water supply infrastructure was neglected, leading to frequent breakdowns of piped water schemes and whether responsibility has been fixed for lack of sustainability planning?

----

**ଫସି ରହିଥିବା ଶ୍ରମିକଙ୍କୁ ଉଦ୍ଧାର**

2385 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ 2 ବର୍ଷ ମଧ୍ୟରେ ବିଦେଶରେ ଫସି ରହିଥିବା କେତେଜଣ ଶ୍ରମିକଙ୍କୁ ରାଜ୍ୟ ସରକାର ଫେରାଇ ଆଣିବାରେ ସକ୍ଷମ ହୋଇଛନ୍ତି ; ଏହିସବୁ ଶ୍ରମିକମାନେ କେଉଁ କେଉଁ ଦେଶରେ ଫସି ରହିଥିଲେ ତାହା ଜଣାଇବା ସହିତ ଉଦ୍ଧାର ହୋଇଥିବା ଶ୍ରମିକମାନଙ୍କ ନାମ ଓ ଠିକଣା ଉଲ୍ଲେଖ କରିବେ କି?

----

**କାର୍ଯ୍ୟକ୍ଷମଥିବା ନଳକୂପର ସଂଖ୍ୟା**

2386 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଝାରସୁଗୁଡା ଜିଲ୍ଲାରେ ପାନୀୟଜଳ ଉପଲବ୍ଧତା ପାଇଁ କେତୋଟି ନଳକୂପ ରହିଛି ଏବଂ ଏଥିରୁ କେତୋଟି କାର୍ଯ୍ୟକ୍ଷମ ରହିଛି ; ଗ୍ରୀଷ୍ମଋତୁକୁ ଦୃଷ୍ଟିରେ ରଖି ଅଚଳ ଥିବା ନଳକୂପଗୁଡିକୁ ମରାମତି କରିବା ସହିତ ଜଳକ୍ଲିଷ୍ଟ ଅଞ୍ଚଳରେ ନୂତନ ନଳକୂପ ସ୍ଥାପନ ପାଇଁ ପଦକ୍ଷେପ ଗ୍ରହଣ କରିବେ କି?

----

**ଓଡିଶା ଯାତ୍ରୀ ଆପର କାର୍ଯ୍ୟକାରୀ ସମ୍ପର୍କରେ**

2387 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେବେ ଠାରୁ ଓଡିଶା ଯାତ୍ରୀ ଆପ୍ କାର୍ଯ୍ୟକାରୀ ହେଉଛି ଓ ଏହା କେଉଁ କେଉଁ ଅଞ୍ଚଳରେ କାର୍ଯ୍ୟ କରୁଛି ; ଏହି ସଂସ୍ଥାର ପରିଚାଳନା ଦାୟିତ୍ୱ କାହା ହାତରେ ରହିଛି ; ଓଡିଶା ଯାତ୍ରୀ ଆପ୍ ପ୍ରତିଷ୍ଠା ହେବା ଦିନ ଠାରୁ କେତେ ବ୍ୟବସାୟ କରିଛି ଓ କେତେ ପରିମାଣର ଅର୍ଥ ଲାଭ କରିଛି ; ଓଡିଶା ସରକାର ବର୍ତ୍ତମାନ ସୁଦ୍ଧା ଏହି ଆପର ପ୍ରଚାର ପ୍ରସାର ପାଇଁ କେତେ ଅର୍ଥ କେଉଁ ବାବଦରେ ବ୍ୟୟ କରିଛନ୍ତି ତାହା ଉଲ୍ଲେଖ କରିବେ କି?

----

**ସଡକର ତଥ୍ୟ**

2388 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଝାରସୁଗୁଡା ଜିଲ୍ଲାରେ ଏହି ବିଭାଗ ଅଧିନରେ ମୋଟ କେତେ ଦୈର୍ଘ୍ୟର ସଡକ ରହିଛି ; ଏହାର ଏକ ବ୍ଲକୱାରୀ ତଥ୍ୟ ପ୍ରଦାନ ସହିତ ବ୍ଲକରୁ ପଞ୍ଚାୟତକୁ ରାସ୍ତା ହସ୍ତାନ୍ତର ପାଇଁ କଣ ସବୁ ଗାଇଡଲାଇନ୍ ରହିଛି ତାହା ଉଲ୍ଲେଖ କରିବେ କି?

----

**Development Authority ସଂସ୍ଥା ଅନୁଯାଇ ବିଭିନ୍ନ ଆଞ୍ଚଳିକ ଉନ୍ନୟନ ସଂସ୍ଥା**

2389 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) BDA,CDA,PKDA ତଥା ବାଲେଶ୍ୱର BRIT ଭଳି ବିଭିନ୍ନ ଆଞ୍ଚଳିକ ଉନ୍ନୟନ ସଂସ୍ଥା ଗୁଡିକୁ ବିଗତ ଦୁଇ ଆର୍ଥିକ ବର୍ଷ ମଧ୍ୟରେ ସରକାରଙ୍କଠୁଁ କେଉଁ headରେ କେତେ ଅର୍ଥ ମିଳିଛି; Development Authority ସଂସ୍ଥା ଅନୁଯାଇ ତାହାର ଏକ ତାଲିକା ପ୍ରଦାନ କରିବେ କି ; ବାଲେଶ୍ୱର BRITର Development କାର୍ଯ୍ୟ ଏକପ୍ରକାର ଠପ ବୋଲି ବିଭାଗ ପାଖରେ ଖବର ଅଛି ତ ; (ଖ) ବାଲେଶ୍ୱର BRITରେ ଅଦ୍ୟାବଧି କେତେ ଅର୍ଥ କେଉଁ headରେ Non Utilise ହୋଇ ରହିଛି BRITର ଆୟର ଉତ୍ସ ତଥା କଣ କାର୍ଯ୍ୟ ଅଦ୍ୟାବଧି Non Starter ହୋଇ ପଡିରହିଛି ?

----

**ଭଡାଧାର୍ଯ୍ୟ କରି ଆୟବୃଦ୍ଧି ପାଇଁ ପଦକ୍ଷେପ**

2390 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ପୌରପାଳିକା ଅନ୍ତର୍ଗତ କେତେଗୋଟି ଦୋକାନ ଗୃହ ବା Commercial ପ୍ଲେସ irregular ଅର୍ଥାତ୍ ମାଲିକାନା ବିହିନ ଏବଂ ବିନା କୌଣସି ଭଡା ନଦେଇ ଚାଲିଛି ; ସ୍ଥାନୱାରି କେତେ ଗୃହ ଏମିତି ସହରରେ ଅଛି କହିବେ କି ; ଉକ୍ତ ଅନଧିକୃତ ଗୃହ ଗୁଡିକୁ ପୌରପାଳିକା ନିଜ ଅକ୍ତିଆରକୁ ଆଣି ଭଡା ଧାର୍ଯ୍ୟ କରି ନିଜର ଆୟ ବୃଦ୍ଧି କରିବା ପାଇଁ ପଦକ୍ଷେପମାନ ଗ୍ରହଣ କରିବେ କି ; କେବେ ସୁଦ୍ଧା ଏବଂ କଣ ଏଦିଗରେ ପଦକ୍ଷେପମାନ ଗ୍ରହଣ କରିବେ ?

----

**ନୂତନ ଜଙ୍ଗଲ ସୃଷ୍ଟି ପାଇଁ ପଦକ୍ଷେପ**

2391 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଚଳିତ ଆର୍ଥିକ ବର୍ଷରେ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ କଣ ସବୁ କାର୍ଯ୍ୟ ସମ୍ପାଦନ କରାଯାଇ କେତେ ଅର୍ଥ କେଉଁ Head ରୁ ଖର୍ଚ୍ଚ କରାଯାଇଛି; ତାହାର ଏକ ସବିଶେଷ ତଥ୍ୟ ପ୍ରଦାନ କରିବେ ଏବଂ ବାଲେଶ୍ୱର ନିର୍ବାଚନ ମଣ୍ଡଳୀରେ ନୂତନ ଜଙ୍ଗଲ ସୃଷ୍ଟିପାଇଁ କଣ ପଦକ୍ଷେପ ଗ୍ରହଣ କରାଯାଇଛି ଓ ବିଶେଷକରି ସହରକୁ ସବୁଜିମା ପୂର୍ଣ୍ଣ କରିବା ପାଇଁ ବିଭାଗ ଚଳିତ ବର୍ଷ ଆର୍ଥିକ ଆବଣ୍ଟନ କରି ଏଦିଗରେ ଯୋଜନା ପ୍ରସ୍ତୁତ କରିବ କି ?

----

**ଖରାଦିନ ମୁକାବିଲା ପାଇଁ ଅର୍ଥ ବ୍ୟୟ**

2392 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶାରେ ଆଗାମୀ ଗ୍ରୀଷ୍ମକାଳୀନ ପ୍ରବାହକୁ ଆଖି ଆଗରେ ରଖି ବିଭାଗ ପକ୍ଷରୁ କଣ ପଦକ୍ଷେପ ଗ୍ରହଣ କରାଯାଉଛି ; ଏହି ମର୍ମରେ ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀରେ ଖରାଦିନ ମୁକାବିଲା ପାଇଁ କେଉଁ କାର୍ଯ୍ୟ ପାଇଁ କେତେ ଅର୍ଥ ବ୍ୟୟ କରାଯିବ; Drawdown ହେଉଥିବା New Tubewell ପାଇଁ କଣ ବ୍ୟବସ୍ଥା ଏବଂ Water Tanker ବ୍ୟବସ୍ଥା ପ୍ରଭୃତି ପାଇଁ Divisionକୁ ବିଭାଗ ପକ୍ଷରୁ ଅର୍ଥ ଖର୍ଚ୍ଚ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି କି ?

----

**CSR ପାଇଁ ଉଦ୍ୟୋଗର ଖର୍ଚ୍ଚ**

2393 **ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଚଳିତ ଆର୍ଥିକ ବର୍ଷରେ ସରକାରୀ ଉଦ୍ୟୋଗୱାରୀ ଲାଭ ଓ କ୍ଷତିର ଏକ ତଥ୍ୟ ପ୍ରଦାନ କରିବା ସହ CSR ପାଇଁ କେଉଁ ଉଦ୍ୟୋଗ କେତେ ଅର୍ଥ ଖର୍ଚ୍ଚ କରିବେ ଏବଂ ସେଥିରୁ ଅଦ୍ୟାବଧି କେତେ କରିଛନ୍ତି ତାହାର ଏକ ତଥ୍ୟ ଉଦ୍ୟୋଗୱାରୀ ପ୍ରଦାନ କରିବା ସହ ଉଦ୍ୟୋଗ ପାଇଁ କିଏ ଏବଂ କେଉଁ ନିୟମାବଳୀରେ proposal ଦିଏ ଓ ତାହାକୁ କିଏ ଫାଇନାଲ କରେ ଏବଂ ତାହାର execution କେମିତି ହୁଏ ?

----

**ଏଜେଣ୍ଟମାନଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲା ସଂଖ୍ୟା**

2394 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଅବୈଧ ଭାବରେ ଓଡ଼ିଶାରୁ ବାହାର ରାଜ୍ୟ ବା ଦେଶକୁ ଦାଦନ ଶ୍ରମିକଙ୍କୁ ପଠାଉଥିବା ଦଲାଲ କିମ୍ବା ଏଜେଣ୍ଟମାନଙ୍କ ବିରୋଧରେ ଗତ ୩ ବର୍ଷରେ କେତୋଟି ମାମଲା ରୁଜୁ ହୋଇଛି ଏବଂ କେତେ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ସରକାର ତାର ସବିଶେଷ ତଥ୍ୟ ପ୍ରଦାନ କରିବେ କି; (ଖ) ଗତ ୩ ବର୍ଷରେ ଓଡ଼ିଶାର କେତେ ଜଣ ଦାଦନ ଶ୍ରମିକଙ୍କୁ ଅନ୍ୟ ରାଜ୍ୟରେ ଶୋଷଣ କିମ୍ବା ଦଲାଲଙ୍କ ନିକଟରୁ ଅଟକ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି ଏବଂ ସେମାନଙ୍କ ପୁନର୍ବାସ ପାଇଁ ସରକାର କି କି ପଦକ୍ଷେପ ନେଇଛନ୍ତି; ଦାଦନ ସମସ୍ୟାର ସମାଧାନ ଓ ଦାଦନମୁକ୍ତ ଓଡ଼ିଶା ଗଠନ ପାଇଁ ସରକାର ପର୍ଯ୍ୟାପ୍ତ କର୍ମ ସଂସ୍ଥାନ ଯୋଗାଇଦେବାର ବ୍ୟବସ୍ଥା କରିବେ କି ?

----

**ବିଭିନ୍ନ ହେଡରେ ଥିବା ଅନୁଦାନ**

2395 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 2025-26 ଆର୍ଥିକ ବର୍ଷରେ ବଜେଟରେ Rural Development ଡିପାର୍ଟମେଣ୍ଟର କେତେ ଅନୁଦାନ ବିଭିନ୍ନ ହେଡରେ କେତେ କେତେ ଥିଲା ; ଏଥିମଧ୍ୟରୁ ଅଦ୍ୟାବଧି କେତେ ଟଙ୍କା ଖର୍ଚ୍ଚ ହୋଇଛି ଜଣାଇବା ସହ କେଉଁ Division/Circle ରେ କମ ଖର୍ଚ୍ଚ ହୋଇଛି ?

----

**ଗୃହର Deviated Construction କୁ ରେଗୁଲାରାଇଜ**

2396 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱରସ୍ଥିତ BDA ଅଧିନସ୍ଥ ଭଗବାନପୁର ମୌଜାରେ K-୨(A) ସ୍କିମରେ ନଭେମ୍ବର 2025 ରୁ ଜାନୁଆରୀ 2026 ମଧ୍ୟରେ କେତୋଟି ଗୃହର Deviated Construction କୁ ରେଗୁଲାରାଇଜ କରାଯାଇଛି ; ଏଭଳି କିଛି ଘର ରହିଛି ଯାହା ସମ୍ପୂର୍ଣ୍ଣ ଭାବେ ସରକାରୀ ଜାଗାକୁ ମାଡିଯାଇଥିଲେ ମଧ୍ୟ ରେଗୁଲାରାଇଜ କରାଯାଇଥିବା କଥା ସତ୍ୟ କି ; ଯଦି ହଁ ଏହା କିଭଳି ସମ୍ଭବ ହୋଇଛି?

----

**କ୍ଲଷ୍ଟର ଘର ନିର୍ମାଣର ଯୋଜନା**

2397 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାରଙ୍କ ତରଫରୁ ଗ୍ରାମାଞ୍ଚଳରେ ନିମ୍ନ, ମଧ୍ୟମ ବର୍ଗର ଲୋକମାନଙ୍କ ପାଇଁ କ୍ଲଷ୍ଟର ଘର ନିର୍ମାଣର ଯୋଜନା ସରକାରଙ୍କର ଅଛି କି ; ଯଦି ହଁ, କେଉଁ କେଉଁ ଜିଲ୍ଲାର କେଉଁ କେଉଁ ସ୍ଥାନରେ କେତେ କେତେ ଜାଗାରେ ହେବାର ଅଛି?

----

**ଗ୍ରାମ ପଞ୍ଚାୟତଗୁଡ଼ିକୁ ପୁନର୍ଗଠନ ସୀମା ନିର୍ଦ୍ଧାରଣ**

2398 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ ଗ୍ରାମ ପଞ୍ଚାୟତଗୁଡ଼ିକୁ ପୁନର୍ଗଠନ କରି ନୂତନ ସୀମା ନିର୍ଦ୍ଧାରଣ କରିବାର ବ୍ୟବସ୍ଥା କରୁଛନ୍ତି କି; ଯଦି ହଁ, କେଉଁ ଆଧାରରେ ଏହି ପୁନର୍ଗଠନ କାର୍ଯ୍ୟ ହେବ ଓ ଏହା ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ହେବାର ସମ୍ଭାବନା ଅଛି କି ?

----

**ମୃତ ଶ୍ରମିକଙ୍କ ପରିବାରକୁ ସହାୟତା**

2399 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚୌଦ୍ୱାର କଟକ ନିର୍ବାଚନମଣ୍ଡଳୀରେ ବିଗତ ତିନିବର୍ଷରେ କେତେ ଜଣ ଶ୍ରମିକ ଅକାଳ ମୃତ୍ୟୁର ଶୀକାର ହୋଇଥିବାବେଳେ ସେହି ଦିବଙ୍ଗତ ପରିବାରଙ୍କୁ କେତେ ସହାୟତା ପ୍ରଦାନ କରାଯାଇଛି ?

----

### ଜରାଜୀର୍ଣ୍ଣ ରାସ୍ତାର ପୁନଃ ନିର୍ମାଣ

2400 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ଗ୍ରାମ୍ୟଉନ୍ନୟନ ରାସ୍ତା ରହିଛି, ତନ୍ମଧ୍ୟରୁ କେତେ କି.ମି. ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ଓ ତାହାର ପୁନଃନିର୍ମାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

### ଚୌଦ୍ୱାରଠାରେ ଥିବା କଲ୍ୟାଣ ମଣ୍ଡପ

2401 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀର ଆଗ୍ରାହାଟ, ବାଣୀପଦା, ବୟଳପଡ଼ା, ନଖରା ଓ ଇନ୍ଦ୍ରାଣୀ ପାଟଣା ଗ୍ରାମ ପଞ୍ଚାୟତରେ କେଉଁ କେଉଁ ସ୍ଥାପନରେ କଲ୍ୟାଣ ମଣ୍ଡପ ନିର୍ମାଣ ହୋଇଛି ପ୍ରକାଶ କରି ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ବ୍ୟବସ୍ଥା କରିବେ କି ?

----

### ଆବର୍ଜନାକୁ ପ୍ରକ୍ରିୟାକରଣ

2402 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଟକ ସହରରେ ଆବର୍ଜନାକୁ ପ୍ରକ୍ରିୟାକରଣ କରାଯାଇ ଜୈବିକଖତ ପ୍ରସ୍ତୁତ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

### କାର୍ଯ୍ୟାଦେଶ ପାଇଥିବା Agency

2403 **ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଟକ ସହରରେ ପାଇପ ଜଳ ଯୋଗାଣ ତ୍ୱରାନ୍ୱିତ ପାଇଁ କେଉଁ କେଉଁ Agency ବିଗତ ତିନି ବର୍ଷରେ କେତେ ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି ତନ୍ମଧ୍ୟରୁ କେଉଁ ପ୍ରକଳ୍ପର ନିର୍ମାଣଗତ ସ୍ଥିତି କଣ ?

----

### Amount Sanctioned under various Schemes for Development Works

2404 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) The total amount sanctioned under various schemes of the Forest Environment and Climate Chang Department for development works in Bolangir Assembly Constituency during 2024-25 and 2025-26, year-wise and scheme-wise; (b) The amount released and utilised and the present physical and financial status of such works. (6) The number of works completed, ongoing and not started, with reasons for delay, if any; The details of works proposed or under consideration during 2025-26, along with their present status ?

----

### Amount released and utilised for development works

2405 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a)The total amount sanctioned under various schemes of the Public Enterprises Department for development works in Bolangir Assembly Constituency during 2024-25 and 2025-26, year-wise and scheme-wise; (b) The amount released and utilised and the present physical and financial status of such works; The number of works completed, ongoing and not started, with reasons for delay, if any; The details of works proposed or under consideration during 2025-26, along with their present status ?

----

### Amount Released for Bolangir

2406 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) The total amount sanctioned under various schemes of the Labour & Employees State Insuranc Department for development works in Bolangir Assembly Constituency during 2004-25 and 2025-26, year-wise and scheme-wise; (b) The amount released and utilised and the present physical and financial status of such works; The number of works completed, ongoing and not started, with reasons for delay, if any;The details of works proposed or under consideration during 2025-26, along with their present status ?

----

### Present Physical & Financial Status of Work

2407 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) The total amount sanctioned under various schemes of the Panchayati Raj & Drinking Water Department for development works in Bolangir Assembly Constituency during 2024-25 and 2025-26, year-wise and scheme-wise; (b) The amount released and utilised and the present physical and financial status of such works. (୨) The number of works completed, ongoing and not started, with reasons for delay, if any,the details of works proposed or under consideration during 2025-26, along with their present status ?

----

### R.D. Department work in Bolangir

2408 **ଶ୍ରୀ କଳିକେଶ ନାରାୟଣ ସିଂହଦେଓ (ବଲାଙ୍ଗୀର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) The total amount sanctioned under various schemes of the Rural Development Department for development works in Bolangir Assembly Constituency during 2024-25 and 2025-26, year-wise and scheme-wise. (b) The amount released and utilised and the present physical and financial sums of such works; The number of works completed, ongoing and not started with reasons for delay, if any; The details of works proposed or under consideration during 205-26. along with their present status ?

----

### ପଞ୍ଚାୟତ ନିର୍ବାଚନ

2409 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ନିର୍ବାଚିତ ଜିଲ୍ଲା ପରିଷଦ, ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ ଓ ୱାର୍ଡ ମେମ୍ବର ଅନେକ ସଂଖ୍ୟାରେ ମୃତ୍ୟୁ ବରଣ କରିଛନ୍ତି, ଯାହା ଫଳରେ ଉନ୍ନୟନ ମୂଳକ କାମରେ ବାଧକ ସାଜିଅଛି, ତେଣୁ ମୃତ୍ୟୁ ବରଣ କରିଥିବା ଶୂନ୍ୟସ୍ଥାନ ପୂରଣ କରିବା ନିମନ୍ତେ ବିଧବଦ୍ଧ ପଦକ୍ଷେପ ନେଇ ଚଳିତ ବର୍ଷ ନିର୍ବାଚନ କରାଇବେ କି ?

----

### କେନ୍ଦୁଝର ଜିଲ୍ଲାରେ ଘର ଯୋଗାଣ

2410 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାର କେନ୍ଦୁଝର ପୌରାଞ୍ଚଳ, ବଡବିଲ ପୌରାଞ୍ଚଳ, ଯୋଡା ପୌରାଞ୍ଚଳ, ଆନନ୍ଦପୁର ପୌରାଞ୍ଚଳ ଓ ଚମ୍ପୁଆ ବିଜ୍ଞାପିତ ଅଞ୍ଚଳକୁ 2023-2024, 2024-2025 ଓ 2025-2026ରେ କେନ୍ଦ୍ରୀୟ ଯୋଜନାରେ ଓ ରାଜ୍ୟ ଯୋଜନାରେ କେତେ ଗୋଟି ଘର ବାସହୀନ ପରିବାରକୁ ଯୋଗାଇ ଦିଆଯାଇ ଅଛି, ସେହି ଘର ମଧ୍ୟରୁ କେତେଗୋଟି ଘର ସଂପୂର୍ଣ୍ଣ ହୋଇଅଛି, କେତେ ଗୋଟି ଘର ଅସଂମ୍ପୂର୍ଣ୍ଣ ଅବସ୍ଥାରେ ଅଛି ?

----

**ପ୍ରାକୃତିକ ଜଙ୍ଗଲ କଟା ଯୋଗୁଁ ପ୍ରଦୂଷଣ**

2411 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲାର ଖଣି ଓ ଶିଳ୍ପ ନିମନ୍ତେ ଅନେକ ପ୍ରାକୃତିକ ଜଙ୍ଗଲ କଟା ଯାଇଛି ଓ କଟାଯାଉଅଛି, ଫଳରେ ପ୍ରଦୂଷଣ ତୀବ୍ର ଗତିରେ ବଢି ଚାଲିଅଛି, ଯାହା ଫଳରେ ଜନ ସାଧାରଣଙ୍କର ଭାତ ହାଣ୍ଡିରେ ଧୂଳିକଣା ପଡୁଥିବାରୁ ଖାଦ୍ୟ ଖାଇବାରୁ ବଞ୍ଚିତ ରହୁଛନ୍ତି ଏବଂ ଘର ଗୁଡିକ ନାଲି ଓ କଳା ରଙ୍ଗ ପଡ଼ି ଅତି ଅପରିଷ୍କାର ହେଉଅଛି ଏହାକୁ ରୋକିବା ନିମନ୍ତେ ରାଜ୍ୟ ସରକାର ବିଧିବଦ୍ଧ ପଦକ୍ଷେପ ଗ୍ରହଣ କରିବେ କି ?

----

**ଉଦ୍ୟୋଗ ମାଧ୍ୟମରେ ଉତ୍ପାଦିତ ସାମଗ୍ରୀ**

2412 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚମ୍ପୁଆ ନିର୍ବାଚନ ମଣ୍ଡଳୀ ସହିତ ରାଜ୍ୟ ସରକାର ମାଧ୍ୟମରେ କେତେ ଗୋଟି ଉଦ୍ୟୋଗ ଚାଲିଛି, ସେହି ଉଦ୍ୟୋଗ ମାଧ୍ୟମରେ କେତେ ଲୋକ ଆମ୍ଭ ନିଯୁକ୍ତି ପାଇଛନ୍ତି ଏବଂ ଏହି ଉଦ୍ୟୋଗ ମାଧ୍ୟମରେ କଣ' କଣ' ଉତ୍ପାଦନ ହେଉଅଛି, ଉତ୍ପାଦିତ ଦ୍ରବ୍ୟକୁ ବିକ୍ରୟ କରିବା ନିମନ୍ତେ କଣ ବ୍ୟବସ୍ଥା କରିଛନ୍ତି ?

----

**Registration କରିଥିବା କର୍ମଚାରୀଙ୍କ ସଂଖ୍ୟା**

2413 **ଶ୍ରୀ ସନାତନ ମହାକୁଡ (ଚମ୍ପୁଆ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କର୍ମଚାରୀ ବୀମା ନିମନ୍ତେ କେତେ ଲୋକଙ୍କୁ Registration କରିଛନ୍ତି ସେହି Registration ମାଧ୍ୟମରେ ସରକାରୀ/ବେସରକାରୀ ମାଧ୍ୟମରେ କେତେ ଲୋକ କାର୍ଯ୍ୟ କରୁଛନ୍ତି ଏବଂ ତାଲିକାଭୁକ୍ତ ହୋଇଥିବା ଶ୍ରମିକ ମାନଙ୍କ ମଧ୍ୟରେ କେତେ ମୃତ୍ୟୁ ବରଣ କରିଛନ୍ତି, ସେହି ମୃତକ ଶ୍ରମିକ ପରିବାର ବର୍ଗଙ୍କୁ କେତେ ମୃତ୍ୟୁ ଜନିତ ବୀମା ଅର୍ଥ ପ୍ରଦାନ କରିଛନ୍ତି ?

----

**ନିର୍ମାଣ ଶ୍ରମିକଙ୍କୁ ପ୍ରୋତ୍ସାହନ**

2414 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସାଲେପୁର ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକରେ କେତେଜଣ ନିର୍ମାଣ ଶ୍ରମିକ ଥିଲାବେଳେ ତନ୍ମଧ୍ୟରୁ କେତେଜଣଙ୍କୁ ପଞ୍ଜିକୃତ କରାଯାଇ ସେମାନଙ୍କୁ କି କି ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି, ସମସ୍ତ ନିର୍ମାଣ ଶ୍ରମିକଙ୍କୁ ପଞ୍ଜିକୃତ କରି ସରକାରୀ ସୁବିଧା ଯୋଗାଇ ଦେବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

**ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମାଧାନ**

2415 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେଉଁ ସରକାରୀ ଉଦ୍ୟୋଗର କାର୍ଯ୍ୟରତ କେଉଁ ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ବିଚାରାଧିନ ଅଛି, ତାହାର ବିବରଣୀ ପ୍ରଦାନ ସହିତ ଏହି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ସମାଧାନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

**ଜରାଜୀର୍ଣ୍ଣ ରାସ୍ତାର ପୁନଃ ନିର୍ମାଣ**

2416 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସାଲେପୁର ଓ ଟାଙ୍ଗୀ ଚୌଦ୍ୱାର ବ୍ଲକରେ ପାଞ୍ଚବର୍ଷ ଅବଧି ପୂର୍ଣ୍ଣ ହୋଇଥିବା କେତେ କିଲୋମିଟର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି, ତାହାର ପୁନଃ ନିର୍ମାଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

**ସାଲେପୁର ଓ ଟାଙ୍ଗୀ - ଚୌଦ୍ୱାର ବ୍ଲକରେ ବୃକ୍ଷରୋପଣ**

2417 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୫-୨୬ ଆର୍ଥିକ ବର୍ଷରେ ସାଲେପୁର ଓ ଟାଙ୍ଗୀ-ଚୌଦ୍ୱାର ବ୍ଲକରେ କେତେ ବୃକ୍ଷ ରୋପଣ କରାଯାଇଛି, ରୋପିତ ହୋଇଥିବା ବୃକ୍ଷକୁ ପାଣି ଦେଇ ବଞ୍ଚାଇ ରଖିବା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

**ହାଉସିଂ ପ୍ରୋଜେକ୍ଟ ମାଧ୍ୟମରେ ଗୃହ ନିର୍ମାଣ**

2418 **ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନୂତନ ଭାବେ ଗଠିତ ସାଲେପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ଜନସାଧାରଣଙ୍କ ଆବାସ ସମସ୍ୟା ସମାଧାନ ପାଇଁ ଓଡ଼ିଶା ଗୃହ ନିର୍ମାଣ ବୋର୍ଡ ତରଫରୁ ହାଉସିଂ ପ୍ରୋଜେକ୍ଟ ମାଧ୍ୟମରେ ଗୃହ ନିର୍ମାଣ କରି ବିକ୍ରୟ ମାଧ୍ୟମରେ ଯୋଗାଇ ଦେବାକୁ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

**AG ଅଡିଟ୍ ନ ହେବାର କାରଣ**

2419 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥାର AG ଅଡିଟ୍ ଦୀର୍ଘଦିନ ହେଲା ହୋଇନଥିବା କଥା ସତ୍ୟ କି, ଯଦି ସତ୍ୟ ଏହା ଉପରେ କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି ?

----

**ବୈଠକରେ ବିବରଣୀ ପ୍ରଧାନ**

2420 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବହୁ ପ୍ରତିକ୍ଷୀତ ଭୁବନେଶ୍ୱର ମେଟ୍ରୋ ପ୍ରକଳ୍ପ ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ଆର୍ଥିକ ସହାୟତା ମାଗିଛନ୍ତି କି, ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଯେଉଁ ଉଚ୍ଚସ୍ତରୀୟ କମିଟି ଗଠନ ହୋଇଥିଲା, ତାହାର କେତେଥର ବୈଠକ ବସିଛି, କେଉଁ କେଉଁ ତାରିଖରେ ବସିଛି ଏବଂ ଏହିସବୁ ବୈଠକରେ କଣ ନିଷ୍ପତ୍ତି ହୋଇଛି ?

----

**କର୍ମଚାରୀ ନିଯୁକ୍ତି**

2421 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବର୍ତ୍ତମାନ ଓଡିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥାରେ Outsourcing ମାଧ୍ୟମରେ କେତେଜଣ କର୍ମଚାରୀଙ୍କୁ କେଉଁ କେଉଁ ପଦରେ ନିଯୁକ୍ତି ପ୍ରଦାନ କରାଯାଇଛି, ତାହାର ଏକ ତାଲିକା ପ୍ରଦାନ କରିବେ କି, ଏହି କାର୍ଯ୍ୟ ପାଇଁ ଅର୍ଥ ବିଭାଗର ଆବଶ୍ୟକୀୟ ଅନୁମୋଦନ ନିଆଯାଇଛି ନା ନାହିଁ, ଯଦି ନିଆଯାଇଛି, ତାହାର ସବିଶେଷ ବିବରଣୀ ପ୍ରଦାନ କରିବେ କି, (ଖ) ଏହି ନିଯୁକ୍ତି ପାଇଁ ପରୀକ୍ଷା କେବେ ହୋଇଥିଲା ଏବଂ ଏଥିରେ କେଉଁ କେଉଁ ଅଧିକାରୀମାନେ ସମ୍ପୃକ୍ତ ଅଛନ୍ତି, ତାହାର ଚିଠା ପ୍ରଦାନ କରିବେ କି ?

----

**ମାଙ୍କଡ ଉପଦ୍ରବ**

2422 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର ଜନପଦ ମାନଙ୍କରେ ମାଙ୍ଗଡ ଉପଦ୍ରବ ରୋକିବା ପାଇଁ ଜଙ୍ଗଲ ବିଭାଗର କଣ ମାର୍ଗଦର୍ଶିକା ବା ନୀତି ରହିଛି, ମୋ ନାର୍ବାଚନ ମଣ୍ଡଳୀ ଭାଗରାଇରେ ମାଙ୍କଡ ଉପଦ୍ରବ୍ୟ ଚରମସୀମାରେ ହହଞ୍ଚିଥିବା ବେଳେ ମାଙ୍କଡମାନଙ୍କୁ ଧରି ନିକଟସ୍ଥ ନୀଳଗିରିର କୁଲଡିହା ଆଭୟାରଣ୍ୟକୁ ସ୍ଥାନାନ୍ତର କରିବା ପାଇଁ କିଛି ପଦକ୍ଷେପ ନେବେ କି, (ଖ) ପକ୍ଷୀଗଣନା ଓ ବାଘଗଣନା ପରି ରାଜ୍ୟରେ ମାଙ୍କଡ ଗଣନା କରାଯାଇ ଯେଉଁ ଅଞ୍ଚଳରେ ଅଧିକ ମାଙ୍କଡ ଅଛନ୍ତି ସେଠାରୁ ଅନୁପାତିକ ଭାବେ କମ୍ ମାଙ୍କଡ ଥିବା ସ୍ଥାନକୁ ମାଙ୍କଡ ସ୍ଥାନାନ୍ତର ପାଇଁ ବ୍ୟବସ୍ଥା କରାଯିବ କି ?

----

**ଚନ୍ଦକା ଜଙ୍ଗଲ ଜମି**

2423 **ଶ୍ରୀ ଗୌତମ ବୁଦ୍ଧ ଦାସ (ଭୋଗରାଇ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜଧାନୀକୁ ଲାଗି ରହିଥିବା ଚନ୍ଦକା ଅଭୟାରଣ୍ୟର କେତେ ଏକର ଜଙ୍ଗଲ ଜମି କେଉଁ ସବୁ ପ୍ରକଳ୍ପ ପାଇଁ କଲଭର୍ଟ ହୋଇଛି, ତାହାର ବର୍ଷ ଓ ପ୍ରକଳ୍ପ ଅନୁଯାୟୀ ତଥ୍ୟ ପ୍ରଦାନ କରିବେ କି ?

----

**ଆମ ବସ୍ ସେବା ପ୍ରଦାନ**

2424 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାର ଆମ ବସ୍ ସେବାକୁ କଟକଠାରୁ ତ୍ରିଶୁଳିଆ ଭାୟା ମଣ୍ଡଳୀ ନେଇ ବାଙ୍କୀ ପର୍ଯ୍ୟନ୍ତ, କଟକ CDA ରୁ ନରାଜ ମୁଣ୍ଡଳୀ ନେଇ ବାଙ୍କୀ ପର୍ଯ୍ୟନ୍ତ, ଭୁବନେଶ୍ୱରରୁ ଖୋର୍ଦ୍ଧା, ସିଶୋର ଦେଇ ବାଙ୍କୀ ପର୍ଯ୍ୟନ୍ତ ଚଳାଚଳ କରିବାକୁ ପ୍ରସ୍ତାବ ଅଛି କି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

**ବିଦେଶୀ ପକ୍ଷୀଙ୍କ ଆଗମନ**

2425 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ତିନି ବର୍ଷରେ ବାଙ୍କୀ ନିର୍ବାଚନ ମଣ୍ଡଳୀର ଅଂଶୁପା ହ୍ରଦ ସହିତ କେଉଁ ଜଳବାୟୁକୁ କେତେ ବିଦେଶାଗତ ପକ୍ଷୀଙ୍କର ଆଗମନ ହୋଇଥିଲା, ବିଦେଶାଗତ ଅତିଥି ପକ୍ଷୀଙ୍କ ସୁରକ୍ଷା ପାଇଁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଉଛି ?

----

**ଜଳାଶୟର ପୁନରୁଦ୍ଧାର**

2426 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ କେତେ ଆୟତନର କେଉଁ କେଉଁ ପୋଖରୀ ଓ ଜଳାଶୟ ଥିବାବେଳେ ତନ୍ମଧ୍ୟରୁ କେତୋଟି ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ଏହାକୁ ପୁନରୁଦ୍ଧାର ପୂର୍ବକ ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ପାଇଁ ସ୍ୱତନ୍ତ୍ର ଯୋଜନା କରିବେ କି ?

----

**ଫେବର ବ୍ଲକ କରିବାକୁ ପଦକ୍ଷେପ**

2427 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ ନିର୍ବାଚନ ମଣ୍ଡଳୀର କେଉଁ ବ୍ଲକର କେଉଁ ଗ୍ରାମ ପଞ୍ଚାୟତରେ କେତେ କିଲୋମିଟର ପଞ୍ଚାୟତ ରାସ୍ତା ଥିବାବେଳେ ତନ୍ମଧ୍ୟରୁ କେତେ କିଲୋମିଟର ରାସ୍ତା ଫବର ବ୍ଲକ, କଂକ୍ରିଟ ହୋଇଛି ଓ କେତେ କି.ମି. ରାସ୍ତା ଉଚ୍ଛା ସଡକ ଭାବେ ରହିଅଛି ଏହାକୁ ଫେବରବ୍ଲକ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

**EPF ସୁବିଧା ପ୍ରଦାନ**

2428 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ ଅଞ୍ଚଳରେ ଥିବା କ୍ଷୁଦ୍ର, ମଧ୍ୟମ ଶିଳ୍ପ ସଂସ୍ଥାରେ ନିୟୋଜିତ କେତେ ଜଣ ଶ୍ରମିକଙ୍କୁ ପଞ୍ଜିକୃତ କରାଯାଇ ସେମାନଙ୍କ EPF ସୁବିଧା ପ୍ରଦାନ ସହିତ କର୍ମଚାରୀ ରାଜ୍ୟ ବୀମାଭୁକ୍ତ କରିବାକୁ ବ୍ୟବସ୍ଥା କରାଯାଇଛି, ସମସ୍ତ ଶ୍ରମିକ ମାନଙ୍କୁ କର୍ମଚାରୀ ରାଜ୍ୟ ବୀମାଭୁକ୍ତ କରିବାକୁ ବ୍ୟବସ୍ଥା କରିବେ କି ?

----

**ସେତୁ ବନ୍ଧନ ଯୋଜନାରେ ପୋଲ ନିର୍ମାଣ**

2429 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଧାୟକଙ୍କ ପ୍ରସ୍ତାବିତ ଜଳେଶ୍ୱର ବ୍ଲକ ଅନ୍ତର୍ଗତ କେଉଁଠାରେ ଚଳିତବର୍ଷ ସେତୁବନ୍ଧନ ଯୋଜନାରେ କେତୋଟି କେଉଁ ପୋଲ ନିର୍ମାଣ କରିବାକୁ ନୀତିଗତ ନିଷ୍ପତ୍ତି ନେଇଛନ୍ତି, ବର୍ତ୍ତମାନ ଅନୁମୋଦିତ ପ୍ରସ୍ତାବ ଗୁଡିକ କେଉଁସ୍ତରରେ DPR ପ୍ରସ୍ତୁତ ହୋଇଛି କି, ହୋଇଥିଲେ ଅଟକଳର ପରିମାଣ ପ୍ରତେକଟିର କେତେ, ପରବର୍ତ୍ତି କାର୍ଯ୍ୟାନୁଷ୍ଠାନ କଣ ?

----

**ସଡକ ପଥର ଉନ୍ନତିକରଣ**

2430 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ବର୍ଷ କ୍ରମାଗତ ବର୍ଷା, ବନ୍ୟାଦ୍ୱାରା ଜଳେଶ୍ୱର ବ୍ଲକର କେଉଁ ଗ୍ରାମ ପଞ୍ଚାୟତରେ କେଉଁ ସଡକପଥ ଜଳ ପ୍ଲାବିତ ହୋଇଯାଇ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଥିଲା, ତାହା କନିଷ୍ଠଯନ୍ତ୍ରୀ ସରକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଅନୁଧ୍ୟାନ କଣଥିଲା ଏତିଲାଗି ସରକାରଙ୍କ ଠାରୁ ସମ୍ପୂର୍ଣ୍ଣ ତଥ୍ୟ ପଠାଯାଇ ଥିଲା କି, ଉତ୍ତର ହଁ ହେଲେ ସରକାରଙ୍କର ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ କଣ, ଭବିଷ୍ୟତରେ ଏପରି, ସଡକ ପଥର ଉନ୍ନତିକରଣ କାର୍ଯ୍ୟକରିବାକୁ କଣ ପଦକ୍ଷେପ ନେବେ ଯାହାଦ୍ୱାରା ଯୋଗା ଯୋଗ ବିଚ୍ଛିନ୍ନ ହେବ ନାହିଁ ?

----

**ଜଙ୍ଗଲ ସୁରକ୍ଷା କାର୍ଯ୍ୟରେ ମହିଳା ପରିଚାଳିତ SHG ଙ୍କୁ ନିୟୋଜିତ**

2431 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଜଙ୍ଗଲ ସୁରକ୍ଷା କାର୍ଯ୍ୟରେ କେଉଁ ଜିଲ୍ଲାରେ କେତୋଟି ମହିଳା ପରିଚାଳିତ SHG ଙ୍କୁ ନିୟୋଜିତ କରାଯାଇଛି, ସେମାନଙ୍କ କାର୍ଯ୍ୟ ସର୍ବତ୍ର ସମାନ କି, ସେମାନେ କେଉଁ ଅଞ୍ଚଳ ପାଇଁ କେଉଁ କାର୍ଯ୍ୟ କରୁଛନ୍ତି, ଭବିଷ୍ୟତ ଯୋଜନା ସମ୍ପର୍କିତ ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି ?

----

**S.E. ଙ୍କୁ ନିଯୁକ୍ତି**

2432 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳେଶ୍ୱର ଡିଭିଜନରେ ଦୀର୍ଘମାସ ଧରି S.E. ଙ୍କୁ ନିଯୁକ୍ତି ଦିଆଯାଇନଥିବା ହେତୁ ଅଫିସ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ସରକାର ଅବଗତ ଅଛନ୍ତି କି ଏଥିସହିତ ଆଉ କେଉଁ Post ଖାଲିଅଛି ତାହା ନିଯୁକ୍ତି ସକାଶ କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

**ନୂଆ ଶାଳ ଜଙ୍ଗଲ ସୃଷ୍ଟି**

2433 **ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଇବଣିଆ ଜଙ୍ଗଲ ଅଞ୍ଚଳରେ କେଉଁ ମୌଜାରେ କେତେ ପରିମାଣ ପ୍ରାକୃତିକ ଶାଳ ଜଙ୍ଗଲଅଛି ଓ କେଉଁ ବର୍ଷ ବିଗତ ପାଞ୍ଚବର୍ଷ ମଧ୍ୟରେ କେତେ ହେକ୍ଟର ନୂଆ ଶାଳ ଜଙ୍ଗଲ ସୃଷ୍ଟି କରାଯାଇଛି, ଏହି ଜଙ୍ଗଲ ସୁରକ୍ଷା କରିରଖିବାକୁ ସରକାରଙ୍କ ଯୋଜନାବଦ୍ଧ କାର୍ଯ୍ୟକ୍ରମ କଣ ବନ ସୁରକ୍ଷା ସମିତିକୁ ଜଙ୍ଗଲ ରକ୍ଷଣା ବେକ୍ଷଣ କ୍ଷେତ୍ରରେ କେଉଁ ପ୍ରକାର ନିୟୋଜିତ କରାଯାଇଛି ?

----

**Solar Pump କାର୍ଯ୍ୟ**

2434 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର କେଉଁ ଗ୍ରାମ ବିଦ୍ୟାଳୟ ଓ ଅଙ୍ଗନବାଡିରେ କେତୋଟି Solar Pump କେତେ ଟଙ୍କା ଲେଖାଏଁର ମଂଜୁର ହୋଇ କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି, କେଉଁ Solar Pump ଗୁଡ଼ିକୁ ଅଚଳ ଅବସ୍ଥା ରେ ପଡି ରହିଛି ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଯଦି ହଁ ତେବେ ତୁରନ୍ତ ଏହାର ମରାମତି କରିବା ପାଇଁ ପଦକ୍ଷେପ ନେବେ କି ?

----

**ଗ୍ରାମଗୁଡିକରେ ବିଶୁଦ୍ଧ ଜଳ ଯୋଗାଣ**

2435 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଆନନ୍ଦପୁର ନିର୍ବାଚନମଣ୍ଡଳୀରେ ଅନେକ ଗ୍ରାମ ଦୁର୍ଗମ, ଘଞ୍ଚ ଜଙ୍ଗଲରେ ଅବସ୍ଥିତ ଉକ୍ତ ଗ୍ରାମଗୁଡିକରେ ପାନୀୟ ଜଳ ପାଇଁ ଝରଣା, ନାଳ ଉପରେ ଲୋକ ମାନେ ନିର୍ଭର କରୁଥିବା ସରକାର ଅବଗତ ଅଛନ୍ତି କି, ଯଦି ହଁ ଏହି ଗ୍ରାମ ଗୁଡିକରେ ବିଶୁଦ୍ଧ ଜଳ ଯୋଗେଇଦେବା ପାଇଁ ପଦକ୍ଷେପ ନେବେ କି ?

----

**ସେତୁ କାର୍ଯ୍ୟ ଶେଷ କରିବାକୁ ପଦକ୍ଷେପ**

2436 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଆନନ୍ଦପୁର ଉପଖଣ୍ଡ ବୈତରଣୀ ନଦୀ ଉପରେ ନିର୍ମାଣଧୀନ କୋଡ଼ପଡ଼ା ଠାରୁ ଭାଲୁକମା ସେତୁ ଉପରେ ଆନନ୍ଦପୁର ବ୍ଲକର ୧୦ ଟି ପଞ୍ଚାୟତର ୫୦ ହଜାର ରୁ ଉର୍ଦ୍ଧ୍ୱ ଜନସାଧାରଣ ସେତୁ ଉପରେ ନିର୍ଭର କରୁଥିବା ସରକାର ଜାଣିଛନ୍ତି କି, ସେତୁ କାର୍ଯ୍ୟ ସଂପୂର୍ଣ ନ ହେବା କାରଣରୁ ଲୋକ ମାନଙ୍କୁ ସ୍କୁଲ, କଲେଜ ଠାରୁ ଆରମ୍ଭ କରି ମେଡିକାଲ ଯିବା ପାଇଁ ଅନେକ ସମସ୍ୟା ରେ ସମ୍ମୁଖୀନ ହେଉଛନ୍ତି, ଏହାର କାର୍ଯ୍ୟ 2024 ମସିହାରୁ ଆରମ୍ଭ ହୋଇଥିଲେ ମଧ୍ୟ ଏଯାବତ୍ କାର୍ଯ୍ୟର ଅଗ୍ରଗତି ନାହିଁ, ଏହା ବିଳମ୍ବ ହେବାର କାରଣ କଣ ସରକାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବା ସହ କେବେ ସୁଦ୍ଧା ସଂପୂର୍ଣ ହେବ ?

----

**ଅନୁଦାନ ରାଶି ପରିମାଣ**

2437 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ୨୦୨୫-୨୬ ବର୍ଷରେ ବିକଶିତ ଗାଁ ବିକଶିତ ଓଡ଼ିଶା(BGBO) ଯୋଜନାରେ କେଉଁ ଜିଲ୍ଲାର କେଉଁ ବ୍ଲକଗୁଡ଼ିକୁ କେତେ ଅନୁଦାନ ଅର୍ଥ ଆସିଥିଲା, ସେଥିରୁ କେତେ କାର୍ଯ୍ୟ ଅଦ୍ୟାବଧି ସରିଛି ଏବଂ କେତେ କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇନାହିଁ ତାର କାରଣ କ'ଣ ତାହାର ଜିଲ୍ଲାୱାରୀ, ବ୍ଲକୱାରୀ ଏକ ତାଲିକା ଉପସ୍ଥାପନା କରିବେ କି, (ଖ) ଏହି କାର୍ଯ୍ୟପାଇଁ ଠିକାଦାର ଚୟନରେ ବିଳମ୍ବ ଦୃଷ୍ଟିରୁ ଏହି କାର୍ଯ୍ୟ ଆରମ୍ଭ ହେଉନଥିବା ସତ୍ୟ କି, ବର୍ତ୍ତମାନ ସୁଦ୍ଧା କଟକ ଜିଲ୍ଲାର ଏହି ଯୋଜନାରେ ସମସ୍ତ କାର୍ଯ୍ୟଗୁଡିକର ଖର୍ଚ୍ଚର ବିବରଣୀ ବ୍ଲକୱାରୀ ଓ ପଞ୍ଚାୟତୱାରୀ ପ୍ରଦାନ କରିବେ କି ?

----

**ବିବରଣୀ ଉପସ୍ଥାପନ**

2438 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗତ ୧୮ ଡିସେମ୍ବର ୨୦୨୫ ରିଖ ନୂଆଦିଲ୍ଲୀ ଠାରେ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ରାଜ୍ୟ ତରଫରୁ କେଉଁମାନେ ଅଂଶଗ୍ରହଣ କରି କଣ ମତାମତ ପ୍ରଦାନ କରିଥିଲେ ତାର ସମସ୍ତ ବିବରଣୀ ଉପସ୍ଥାପନ କରିବା ସହ ଏହାକୁ ଆଧାର କରି ତା- ୭ ଫେବୃୟାରୀ ୨୦୨୬ ଲୋକସେବା ଭବନରେ ହୋଇଥିବା କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ କଣ ଥିଲା ଏବଂ ଏଥିରେ କେଉଁମାନେ ଅଂଶଗ୍ରହଣ କରି କି କି ମତାମତ ଦେଇଥିଲେ ଜଣାଇବା ସହ ଏହି ବୈଠକର ସମସ୍ତ ବିବରଣୀର ତଥ୍ୟ ଉପସ୍ଥାପନ କରିବେ କି, ଏବଂ ଏହାଦ୍ୱାରା ରାଜ୍ୟର କି କି ସମସ୍ୟା ଗୁଡିକ ସମାଧାନ ହୋଇପାରିବ?

----

**ଦରଖାସ୍ତର ତଥ୍ୟ ପ୍ରଦାନ**

2439 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ୨୦୨୪ ଠାରୁ ଅଦ୍ୟାବଧି କଟକ ଜିଲ୍ଲାର କେଉଁ କେଉଁ ବ୍ଲକ ଗୁଡିକରେ କେତେଥର ଜିଲ୍ଲାପାଳଙ୍କ ଦ୍ୱାରା public hearing ହୋଇଛି ଏବଂ କେଉଁଠାରେ କେତେ ଜଣ ଏହି ଜନଶୁଣାଣୀରେ ଭାଗନେଇଥିଲେ ଏବଂ ଏହା ଜନସାଧାରଣଙ୍କୁ କେତେ ଦୂର ସଫଳତା ମିଳିଛି ତାର ବ୍ଲକ୍ ୱାରୀ ସମସ୍ତ ବିବରଣୀ ପ୍ରଦାନ କରିବେ କି, ଏହି ଗ୍ରିଭାନ୍ସ ମଧ୍ୟରୁ କେତୋଟି ସାମୂହିକ ଓ କେତୋଟି ବ୍ୟକ୍ତିଗତ ଭିତ୍ତିକ ଥିଲା ଜଣାଇବା ସହ, (ଖ) ଗତ ତା.୦୨.୦୨.୨୬ରେ ତିଗିରିଆ ବ୍ଲକରେ ଜଳ ଓ ବାୟୁ ପ୍ରଦୂଷଣ ନେଇ କେତୋଟି ଅଭିଯୋଗ ଆସିଥିଲା ଏବଂ ତାହା ଉପରେ ବିଭାଗ ପକ୍ଷରୁ କି ପ୍ରକାରର ପଦକ୍ଷେପ ଗ୍ରହଣ କରାଯାଇଛି ତାର ସମସ୍ତ ଦରଖାସ୍ତର ତଥ୍ୟ ଦେବା ସହ ତାହା ଉପରେ ନିଆଯାଇଥିବା ପଦକ୍ଷେପରେ ସମସ୍ତ ବିବରଣୀ ଉପସ୍ଥାପନା କରିବେ କି ?

----

**ବୃକ୍ଷ ରୋପଣ ସମ୍ପର୍କରେ**

2440 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ସୁନ୍ଦରଗଡ ବଣାଇ ବନ ବିଭାଗ ଅଞ୍ଚଳରେ ୨୦୨୪-୨୫ ଆର୍ଥିକ ବର୍ଷରେ କେତେ ଗଛ କେଉଁ କାରଣ ପାଇଁ କଟାଯାଇଅଛି ଏବଂ ଏଥିପାଇଁ କେଉଁ ଅଧିକାରୀମାନେ ଅନୁମତି ଦେଇଥିଲେ ତାର ଏକ ତାଲିକା ଦେବାସହ ବୃକ୍ଷରୋପଣ ପରିବର୍ତ୍ତେ କଟାଯାଇଥିବା ଗଛ ଉପରେ ବିଭାଗ ପକ୍ଷରୁ କାହିଁକି କିଛି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ ଜଣାଇବେ କି, ଏବଂ (ଖ) ଆଠଗଡ଼ ବନଖଣ୍ଡ ଅଧିନରେ ଏହି ବର୍ଷରେ କେତେ ବୃକ୍ଷ ରୋପଣ କରାଯାଇଛି, ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ କରିବା ନିମନ୍ତେ ଜନସଚେତନତା ନିମନ୍ତେ ନିର୍ବାଚିତ ପ୍ରତିନିଧି ମାନଙ୍କୁ ସାମିଲ ନ କରିବାର କାରଣ କ'ଣ, ଆଠଗଡ଼ ବନ ବିଭାଗରକୁ ୨୦୨୪-୨୫ଠାରୁ ଅଦ୍ୟାବଧି କେଉଁ କେଉଁ ଉନ୍ନତିମୂଳକ କାର୍ଯ୍ୟ ପାଇଁ ସରକାର କେତେ ଅର୍ଥ ପ୍ରଦାନ କରିଛନ୍ତି ଏବଂ ତାହାର ବିନିଯୋଗ କିଭଳି ହୋଇଛି?

----

**ବିଭିନ୍ନ କାର୍ଯ୍ୟର ବିବରଣୀ ବ୍ଲକୱାରୀ ପ୍ରଦାନ ସମ୍ପର୍କରେ**

2441 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ବିଗତ ୨୦୨୪-୨୫ ଆର୍ଥିକ ବର୍ଷରୁ ଆଜି ପର୍ଯ୍ୟନ୍ତ ନର୍ଲା ନିର୍ବାଚନ ମଣ୍ଡଳୀରେ ଜଙ୍ଗଲ ବିଭାଗ ଦ୍ୱାରା କରାଯାଇଥିବା ବିଭିନ୍ନ କାର୍ଯ୍ୟ ର ବିବରଣୀ ବ୍ଲକ ୱାରୀ ପ୍ରଦାନ କରିବେ କି ?

----

**ଲେବର କାର୍ଡ ଧାରୀଙ୍କୁ ସହାୟତା ରାଶି ପ୍ରଦାନ ସମ୍ପର୍କରେ**

2442 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ନର୍ଲା ନିର୍ବାଚନ ମଣ୍ଡଳୀରେ ସମୁଦାୟ କେତେ ଲେବର କାର୍ଡ ଅଛି, ବର୍ତ୍ତମାନ କେଉଁ କେଉଁ ଯୋଜନା ଦ୍ୱାରା ଲେବର କାର୍ଡଧାରୀଙ୍କୁ ସହାୟତା ମିଳୁଛି ତାର ଏକ ତାଲିକା ପ୍ରଦାନ କରିବେ କି, ବର୍ତ୍ତମାନ କେଉଁ କେଉଁ ଯୋଜନାରେ କେତେ କାର୍ଡଧାରୀ ସହାୟତା ରାଶି ନିମନ୍ତେ ଆବେଦନ କରିଛନ୍ତି (୨୦୨୩ ଠାରୁ ବର୍ତ୍ତମାନ ସୁଦ୍ଧା ଏବଂ ସେଥିମଧ୍ୟରୁ କେତେ କାର୍ଡଧାରୀଙ୍କୁ ସହାୟତା ରାଶି ପ୍ରଦାନ କରାଗଲାଣି, ନାମ ସହିତ ତାଲିକା ପ୍ରଦାନ କରିବେ କି ?

----

**ଜଙ୍ଗଲ ରାସ୍ତା ଗୁଡିକୁ ମରାମତି ପାଇଁ ତଥ୍ୟ ପ୍ରଦାନ ସମ୍ପର୍କରେ**

2443 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ନର୍ଲା ନିର୍ବାଚନ ମଣ୍ଡଳୀର ସମସ୍ତ ଜଙ୍ଗଲ ରାସ୍ତା ଗୁଡିକର ତଥ୍ୟ ପ୍ରଦାନ କରିବାର ସହିତ ୨୦୨୩ ଠାରୁ ଚଳିତ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ରାସ୍ତା ଗୁଡିକର ମରାମତି ଏବଂ ନିର୍ମାଣ ପାଇଁ ରାସ୍ତା ୱାରୀ ତଥ୍ୟ ପ୍ରଦାନ କରିବେ କି ?

----

### ଚେକଡ୍ୟାମ ନିର୍ମାଣ ବାବଦରେ ବ୍ଲକୱାରୀ ତଥ୍ୟ ପ୍ରଦାନ ସମ୍ପର୍କରେ

2444 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ନର୍ଲା ନିର୍ବାଚନ ମଣ୍ଡଳୀର କର୍ଲାମୁଣ୍ଡା, ମ. ରାମପୁର, କେସିଙ୍ଗା, ନର୍ଲା ବ୍ଲକରେ ୨୦୨୩ ରୁ ବର୍ତ୍ତମାନ ପର୍ଯ୍ୟନ୍ତ କେଉଁ କେଉଁ ସ୍ଥାନରେ ଚେକଡ୍ୟାମ ନିର୍ମାଣ କରାଯାଇଛି ଓ ନିର୍ମାଣଧୀନ ଅଛି,ଏବଂ ଏହି ନିର୍ମାଣ କାମ କିଏ କରିଛି, ନାମ ସହିତ ବ୍ଲକୱାରୀ ତଥ୍ୟ-ପ୍ରଦାନ କରିବେ କି ?

----

### ରାସ୍ତା ନିର୍ମାଣ ସମ୍ପର୍କରେ Agency (or) ଠିକା ସଂସ୍ଥା ମାନଙ୍କର ତଥ୍ୟ ପ୍ରଦାନ ସମ୍ପର୍କରେ

2445 **ଶ୍ରୀମତୀ ମନୋରମା ମହାନ୍ତି (ନର୍ଲ୍ଲା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୧୯ ରୁ ଆଜି ପର୍ଯ୍ୟନ୍ତ ନର୍ଲା ନିର୍ବାଚନ ମଣ୍ଡଳୀରେ କେଉଁ କେଉଁ ଯୋଜନାରୁ କେଉଁ Fund ରୁ କି କି ପ୍ରକାର ବିକାଶମୂଳକ କାମ ହୋଇଛି ସେ ସବୁ କାମ ଗୁଡିକ ନାମ ବ୍ଲକ ୱାରୀ ଦେବା ସହ ସମୁଦାୟ ୫ ବର୍ଷ ଭିତରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ଓ କେଉଁ Agency ବା ଠିକା ସଂସ୍ଥା କେଉଁ କାମ ସବୁ କରିଛନ୍ତି ତାର ବିସ୍ତୃତ ବିବରଣୀ ପ୍ରଦାନ କରିବେ କି, ଗତ July ୨୦୨୪ ପର ଠାରୁ ଆଜି ଯାଏଁ କେଉଁସବୁ କାମ ପୂର୍ବ ସରକାରଙ୍କ ଦ୍ୱାରା Sanction ହୋଇଥିବା ସତ୍ତ୍ୱେ ନ ହୋଇ ପଡି ରହିଛି ?

----

### Taradatt Task Force

2446 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) whether the Government has reviewed the functioning and outcomes of the Taradatt Task Force in matters of land and housing allotment under CDA; (b) whether large institutions continue to receive acres of land while genuine Individual applicants wait for years for small residential plots or houses; and whether this has caused hardship and a sense of injustice among common citizens; whether the Government proposes to abolish or restructure this mechanism and introduce a transparent, time-bound and citizen-friendly allotment system prioritising ordinary residents ?

----

### Amount paid for Sanitation Services

2447 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) the month-wise amount billed and paid for sanitation services by Cuttack Municipal Corporation since 2022; (b) the number of persons engaged and sanitation vehicles deployed, agency-wise and month-wise; the ward-wise details of expenditure on sanitation and on road repairs, indicating the amount spent on each work; whether any audits or inspections have found cases of overbilling, understaffing, non-deployment of vehicles or misutilisation of funds; n and The the action taken thereon, including recoveries, penalties, blacklisting or termination of agencies, to safeguard public money ?

----

### Office wise details of registers

2448 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) whether all Departments, Directorates and ULBS under H&UD maintain the prescribed separate diary/register for letters from Members of the Legislature and high authorities; (b) whether each section maintains a special watch register and marks disposed cases, and if so, office-wise details of such registers and cases disposed in the last two years; whether reviews are held on the 1st and 15th of every month and reports submitted; how many such reviews were actually held in the last two years, month-wise; and what action has been taken for non-compliance or delays ?

----

### Number of Manpower agencies appointed by Cuttack Municipal Corporation

2449 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) How many manpower agencies have been appointed by Cuttack Municipal Corporation since 2022, with their names; (b) the number and category of manpower deployed by each agency, section-wise and ward-wise for each work; the criteria and procedure followed for empanelment and whether such empanelment has been approved by the H&UD Department; and how many agencies have been terminated since 2022 due to under-performance or public complaints, with the exact reasons for each termination and details of penalties, if any, imposed?

----

### Number of tenders issued by the Department

2450 **ଶ୍ରୀମତୀ ସୋଫିଆ ଫିରଦୋସ୍ (ବାରବାଟୀ-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (a) how many tenders have been issued by the Department and ULBS since 2022 and how many of these were single-bid; (b) how many contracts have been awarded repeatedly to the same agencies during this period; in how many cases eligibility criteria were relaxed or post-bid conditions were modified; how many contracts relating to cleaning, solid waste management and maintenance are under audit or dispute; and what what action has been taken in cases of excess billing, manpower inflation or misreporting, including details of recoveries and penalties ?

----

### ଜଳ ନିଷ୍କାସନ ନିମିତ୍ତ ହୋଇଥିବା ବ୍ୟୟ ବରାଦ

2451 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ପୌରାଞ୍ଚଳ ଗୁଡ଼ିକରେ ଜଳ ନିଷ୍କାସନ ନିମିତ୍ତ ଚଳିତ ଆର୍ଥୀକ ବର୍ଷରେ କେତେ କି, ଅର୍ଥ ବ୍ୟୟ ବରାଦ କରାଯାଇଥିଲା ଓ ସେଥିରୁ କେତେ ଅର୍ଥ ଖର୍ଚ୍ଚ କରାଯାଇଛି ଓ ଧାର୍ଯ୍ୟ ଲକ୍ଷରୁ କେତେ ଶତାଂଶ ହାସଲ କରାଯାଇଛି, ଦେବଗଡ଼ ମୁନିସିପାଲିଟିରେ ଜଳ ନିଷ୍କାସନ (Drainage) ବ୍ୟବସ୍ଥା ପାଇଁ ଚଳିତ ଆର୍ଥିକ ବର୍ଷରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପଟାମୁଣ୍ଡାଇ କେତେ ଅର୍ଥ ପ୍ରଦାନ କରାଯାଇଛି ଓ କେତେ ଅର୍ଥବ୍ୟୟ କରାଯାଇ କେଉଁ କେଉଁ ସ୍ଥାନରେ Drainage ନିର୍ମାଣ କରାଯାଇଛି, ଦେବଗଡ଼ ମୁନିସିପାଲିଟରେ ସ୍ଥାୟୀ ଜଳ ନିଷ୍କାସନ (Drainage) ବ୍ୟବସ୍ଥା ପାଇଁ ସରକାର କେଉଁ ପଦକ୍ଷେପ ନେଉଛନ୍ତି ?

----

### ଦେବଗଡ ଜିଲ୍ଲାରେ ରାସ୍ତା ମରାମତି

2452 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦେବଗଡ଼ ଜିଲ୍ଲାରେ R.D. ବିଭାଗ ତରଫରୁ କେତୋଟି ରାସ୍ତା ଅଛି ଏବଂ କେତୋଟି ରାସ୍ତା ନୂତନ ଭାବେ ନିର୍ମାଣ କରିବା ନିମନ୍ତେ ସରକାର ପ୍ରସ୍ତାବ ରଖିଛନ୍ତି, ପୂର୍ବରୁ ଥିବା ବିଭାଗ ରାସ୍ତା ଗୁଡିକ ମରାମଟି ହେଇ ନଥିବାରୁ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ତେଣୁ ପୂର୍ବରୁ ଥିବା ରାସ୍ତା ଗୁଡିକ ମରାମତି କରିବା ସଙ୍ଗେ ସଙ୍ଗେ ନୂତନ ରାସ୍ତା ଗୁଡିକ କାର୍ଯ୍ୟ କରିବା ଦିଗରେ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

### ଦେବଗଡ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ

2453 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦେବଗଡ଼ ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ "ବିକଶିତ ଗାଁ, ବିକଶିତ ଓଡ଼ିଶା" ଯୋଜନା ମାଧ୍ୟମରେ ଆଜି ପର୍ଯ୍ୟନ୍ତ କେଉଁ କେଉଁ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଛି, ଏଥିନିମନ୍ତେ କେତେ ଅର୍ଥ ବ୍ୟୟ ଅଟକଳ କରାଯାଇଥିଲା, କେତେ ଅର୍ଥ ବ୍ୟୟ କରାଯାଇଛି, ପ୍ରକଳ୍ପର ସ୍ଥିତି ସମ୍ପର୍କରେ ବର୍ଷୱାରୀ ଓ ପଞ୍ଚାୟତୱାରୀ ତଥ୍ୟ ପ୍ରଦାନ କରିବେ କି, ଅସମ୍ପୂର୍ଣ୍ଣ ହୋଇଥିବା କାର୍ଯ୍ୟ କେବେ ସୁଦ୍ଧା ସମ୍ପୂର୍ଣ୍ଣ ହେବ ?

----

**ହାତୀ ମଣିଷ ଲଢେଇ ସମ୍ପର୍କରେ**

2454 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଙ୍ଗଲରେ ଖାଦ୍ୟ ଅନ୍ୱେଷଣର ହାତୀ ଏବଂ ମାଙ୍କଡ଼ ଗୁଡ଼ିକ ଏବେ ଜନବସତି ମୁହାଁ ହେଉଥିବା ବିଷୟ ସତ୍ୟ କି, ଜନବସତି ମୁହାଁ ବେଳେ ହାତୀ ମଣିଷ ମଧ୍ୟରେ ଲଢ଼େଇ ଓ ମୃତ୍ୟୁ ହେଉଥିବା ବିଷୟ ସତ୍ୟ କି; ଗତ 5 ବର୍ଷ ମଧ୍ୟରେ ହାତୀ ମଣିଷ ଲଢ଼େଇରେ କେତେ ହାତୀ ଓ କେତେ ମଣିଷ ମୃତ୍ୟୁ ମୁଖରେ ପଡ଼ିଛନ୍ତି ତାହା ସ୍ପଷ୍ଟ କରିବେ କି, ଦେବଗଡ଼ ଜିଲ୍ଲାରେ ହାତୀ, ମାଙ୍କଡ଼ ଓ ଅନ୍ୟ ଜୀବଜନ୍ତୁମାନଙ୍କର ଖାଦ୍ୟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସରକାର କରିଛନ୍ତି କି, ଯଦି ହଁ, ବର୍ଷ ୱାରୀ କେଉଁ ଜୀବଜନ୍ତୁ ପାଇଁ କଣ ଖାଦ୍ୟ ପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି ?

----

**ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ**

2455 **ଶ୍ରୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ (ଦେବଗଡ଼):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାର କେଉଁ କେଉଁ ଜିଲ୍ଲାର କେଉଁ କେଉଁ ବ୍ଲକରେ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ନିର୍ମାଣଧିନ ଅଛି ଓ ସେହି ସେହି ପ୍ରକଳ୍ପର ନିର୍ମାଣକାର୍ଯ୍ୟ କେଉଁ କେଉଁ ସମୟରେ ଶେଷ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଉଛି ?

----

**Ratio of funds sharing Under each scheme**

2456 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What are the major schemes, programmes and activities of PR &DWS Department being implemented separately by the Central Government, State Government or both the Governments in the State and ratio of funds sharing under each scheme, committed allocation of Centre and actual (please indicate the receipt by the State Govt. during last three financial year including the current financial year ?

----

**Name of the major schemes**

2457 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What are the major Schemes, Programmes and Activities of Forest, Environment and Climate Change Department being implemented separately by the Central Government, State Government or both the Governments in the State and please indicate the ratio of funds sharing under each scheme, committed allocation of Centre and actual receipt by the State Govt. during last four financial year including the current financial year ?

----

**ORV ଆଇନ ଲାଗୁ କରିବାକୁ ପଦକ୍ଷେପ**

2458 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଅଦ୍ୟାବଧି ସଫେଇ କର୍ମଚାରୀ ତଥା ଅନ୍ୟ କେଉଁ କେଉଁ ପଦବୀରେ କେତେ ସଂଖ୍ୟକ କର୍ମଚାରୀ ଚୁକ୍ତି ଭିତ୍ତିକ ଓ ବାହାର କାର୍ଯ୍ୟନିର୍ବାହୀ ସଂସ୍ଥା ଦ୍ୱାରା ବିଭିନ୍ନ NAC, Municipality ଓ Municipal Corporation ଅଧୀନରେ କେବେ ଠାରୁ କାର୍ଯ୍ୟ କରୁଛନ୍ତି; ତାହାର ଜିଲ୍ଲା ଓ ପୌରାଞ୍ଚଳ ୱାରୀ ସବିଶେଷ ତଥ୍ୟ ପ୍ରଦାନ କରିବେ କି; ଉକ୍ତ ନିଯୁକ୍ତି ପାଇଁ ORV ଆଇନ ଲାଗୁହେଉଥିଲେ କାର୍ଯରତ ସମ୍ପୃକ୍ତ କର୍ମଚାରୀଙ୍କ ସଂଖ୍ୟା କେଉଁ ବର୍ଗରୁ କେତେ ତାହାର ପୌରାଞ୍ଚଳ ୱାରୀ ତଥ୍ୟ ପ୍ରଦାନ କରିବେ କି ?

----

**ଗଣିଆ - କୁତୁରୀ ରାସ୍ତା ନିର୍ମାଣ**

2459 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗଣିଆ ବ୍ଲକର ଗଣିଆ-କୁତୁରୀ ଗ୍ରାମ୍ୟ ଉନ୍ନୟନ ରାସ୍ତାର ନିର୍ମାଣ କାର୍ଯ୍ୟ କେବେସୁଦ୍ଧା ଶେଷ ହେବାରଥିଲା, ଏବେ ସୁଦ୍ଧା ତାହା ଶେଷ ନ ହେବାର କାରଣ କଣ, କେଉଁ ଆଧାରରେ କାର୍ଯ୍ୟକରୁନଥିବା ଠିକାଦାରଙ୍କୁ ଏବେସୁଦ୍ଧା କେତେଥର EOT ପ୍ରଦାନ କରାଯାଇଛି ଓ ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କି କାର୍ଯାନୁଷ୍ଠାନ ନିଆଯାଇଛି କେବେ ସୁଦ୍ଧା ତାର କାର୍ଯ୍ୟାଦେଶକୁ ବାତିଲି କରି ନୂତନ ଭାବେ କାର୍ଯାରମ୍ଭ କରାଯାଇ ଅସମ୍ପୂର୍ଣ କାର୍ଯ୍ୟକୁ ସମ୍ପୂର୍ଣ କରାଯିବ ?

----

**ନଳକୂପ ଖନନ**

2460 **ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନୟାଗଡ଼ ଜିଲ୍ଲାରେ ନୂତନ ନଳକୂପ ଓ ଖୋଲା କୂପ ଖନନ କରିବା ପାଇଁ ସରକାର ନିଷ୍ପତ୍ତି ନେଇଥିଲେ ଏ ଦିଗରେ କି କାର୍ଯାନୁଷ୍ଠାନ ନିଆଯାଇଛି ଓ କେବେବ୍ଧା ଖନନ କାର୍ଯ୍ୟଆରମ୍ଭ କରାଯିବ?

----

**ଅଚଳ ନଳକୂପ ସଂକ୍ରାନ୍ତରେ ଅଭିଯୋଗ**

2461 **ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗାଁ ଗହଳରେ ଅଚଳ ହେଇଥିବା ନଳକୂପ ସଂକ୍ରାନ୍ତରେ ଅଭିଯୋଗ କରିବାପାଇଁ କେଉଁ କେଉଁ ଫୋନ୍ କର ଓ ଅନ୍ୟାନ୍ୟ ପ୍ଲାଟଫର୍ମ ରହିଛି ତାହାର ନମର ଓ ଠିକଣା ଇଲ୍ଲେ କରିବେ କି, ଅଭିଯୋଗ ହେବାର କେତେଦି ନ୍ରରେ ଅଭିଯୋଗ ସମାଧାନର ବ୍ୟବସ୍ଥା ରହିଛି ଏବଂ ଧାର୍ଯ୍ୟ ସମୟରେ ନଳକୂପ ମରାମତି ନହେଲେ କିମ୍ବା ଜଳ ଯୋଗାଣ ନହେଲେ କ'ଣ ସବୁ ଦଣ୍ଡବିଧାନ ବ୍ୟବସ୍ଥା ରହିଛି?

----

**ଗ୍ରାମକୁ ପାଇପ ଜଳ ଯୋଗାଣ**

2462 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦୁଝର ଜିଲ୍ଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ଆନନ୍ଦପୁର ଓ ହାଟଡିହି ବ୍ଲକର କେଉଁ ମେଗା ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ଅଦ୍ୟାବଧି କେଉଁ ବ୍ଲକର କେତୋ ଗୋଟି ଗ୍ରାମକୁ ପାଇପ୍ ଜଳ ଯୋଗାଣ ପଣ୍ଡାଙ୍ଗ ହୋଇଛି ଓ କେତେ ଲୋକ ଉପକୃତ ହୋଉଛନ୍ତି ଏବଂ ଅବଶିଷ୍ଟ ଗ୍ରାମକୁ କେବେ ସୁଦ୍ଧା ପାଇପ ଜଳ ଯୋଗାଣ ହେବ ?

----

**ଅଧିକ ୫୦ ଟଙ୍କା ଆଦାୟ କରିବାର କାରଣ**

2463 **ଶ୍ରୀ ଅଭିମନ୍ୟୁ ସେଠୀ (ଆନନ୍ଦପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆନନ୍ଦପୁର ପୌରପରିଷଦରେ ଜଳ ଉପଭୋକ୍ତାର ଆସୁଥିବା ଦେୟ ଠାରୁ । ଅଧିକ ୫୦ ଟଙ୍କା ଲେଖାଏଁ ଅଧିକ ଆଦାୟ କରୁଥିବା ସରକାର ଜାଣିଛନ୍ତି କି, ଯଦି ହିଁ ଏହା ଆଦାୟ କରିବାର କାରଣ କଣ କଣ ଏବଂ କଣ ପାଇଁ ଅଧିକ ପ୍ରଇସା ଆଦାୟ ହେଉଛି ?

----

**ଜାଗା ମିଶନର ବର୍ତ୍ତମାନ ସ୍ଥିତି**

2464 **ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଆଠଗଡ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସହରାଞ୍ଚଳ ବସ୍ତି ବାସିନ୍ଦାଙ୍କୁ ସମ୍ମାନର ସହିତ ବଂଚିବା ପାଇଁ ତୃହଉର ପୂର୍ବ ସରକାରଙ୍କ ସମୟରେ କାର୍ଯ୍ୟକାରୀ ହେଉଥିବା ଜାଗା ମିଶନ ବର୍ତ୍ତମାନ ସ୍ଥିତି କ'ଣ ଜଣାଇବା ସହ, (ଖ) ଓଡିଶା ମହାନଗର ନିଗମ ସଂଶୋଧିତ ଆଇନ ୨୦୨୨ ଓ ଓଡିଶା ବସ୍ତି ବାସିନ୍ଦା ଭୂମି ଅଧିକାର ସଂଶୋଧ ଆଇନ ୨୦୨୨ ଅନୁଯାୟୀ ବସ୍ତି ବାସିନ୍ଦାଙ୍କୁ ମିଳୁଥିବା 'ଭୂମି ଅଧିକାର ପ୍ରମାଣପତ୍ର' ଉଷା ସର୍ଭେ ଅନ୍ତର୍ଭୂତ ବାକିଥିବା ହିତାଧ୍ୟାକାରୀମାନଙ୍କୁ କେବେ ସୁଦ୍ଧା LRC ମିଳିବ?

----

### ବର୍ଜ୍ୟବସ୍ତୁ ବିନିଯୋଗ

2465 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ସହରାଞ୍ଚଳରେ ଦୈନିକ କେତେ ଆବର୍ଜନା ସୃଷ୍ଟି ହେଉଛି ଓ ତାର ନିଷ୍କାସନ ରିସାଇକେଲିଂଗ ତଥା ଉପଯୋଗ ପାଇଁ କି ପଦକ୍ଷେପ ନିଆଯାଉଛି ଓ ସହର ଗୁଡିକର ତାଲିକା ଦେବେ କି?

----

### ରାସ୍ତା ସଂଯୋଗ

2466 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଗ୍ରାମାଞ୍ଚଳରେ କେତୋଟି ଗାଁ, ପଡାଗାଁ ଓ ଜନବସତି ରହିଛି ଏବଂ ତନ୍ମଧ୍ୟରୁ କେତୋଟିକୁ ପିଚୁରୋଡ, ସବୁଦିନିଆ ରାସ୍ତା ସଂଯୋଗ କରାଯାଇଛି ଏବଂ କେତୋଟିକୁ ରାସ୍ତା ସଂଯୋଗ ଉଦ୍ୟମ ଚାଲୁରହିଛି ତଥା କେତୋଟିକୁ ଏଯାଏଁ କୌଣସି ସଂଯୋଗ ବ୍ୟବସ୍ଥା ହୋଇନାହିଁ ?

----

### ନଦୀନାଳରୁ ବାଲି ଉତ୍ତୋଳନ

2467 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଜଙ୍ଗଲଗୁଡିକ ଦେଇ କେତେ ନଦୀ ନାଳ ଝରଣା ପ୍ରଭାହିତ ହେଉଛି ଏବଂ ସେସବୁକୁ କେତୋଟି ଚରସ୍ରୋତ ତଥା ରାଜ୍ୟର ଜଙ୍ଗଲ ଗୁଡିକରେ ଜଳପ୍ରପାତ ରହିଛି ; ସେସବୁର ବିଶଦ ତଥ୍ୟ ଜଙ୍ଗଲ ଓ ଜିଲ୍ଲାସହ ଦେବେ କି ; ଜଙ୍ଗଲରେ ପ୍ରବାହିତ ନଦୀ ନାଳରୁ ବାଲି ଉତ୍ତୋଳନ ପାଇଁ ବ୍ୟବସ୍ଥା ରହିଛି କି ; ଉତ୍ତର ହଁ ହୋଇଥିଲେ ଏ ସମ୍ପର୍କରେ କଣ କରାଯାଉଛି?

----

### କଲ୍ୟାଣ ମଣ୍ଡପ ବିବରଣୀ

2468 **ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱର ଓ କଟକ ସମେତ ରାଜ୍ୟର ସମସ୍ତ ସହରରେ ଏବେ କେତୋଟି ସରକାରୀ ଓ ଘରୋଇ କଲ୍ୟାଣ ମଣ୍ଡପ ରହିଛି ଓ ସେସବୁକୁ ରେଜିଷ୍ଟ୍ରିଭୁକ୍ତ କରି ସେଥିରୁ ବିବାହ ଆଦି ସାମାଜିକ କାର୍ଯ୍ୟ କରିବା ପାଇଁ ଫିସ୍ ନେବାର କି ବ୍ୟବସ୍ଥା ରହିଛି ଏବଂ ସେଥିରୁ ଗତ ୩ଟି ଆର୍ଥିକ ବର୍ଷ ଓ ଚଳିତ ଆର୍ଥିକ ବର୍ଷରେ ଏଯାଏଁ କେତେ ଫିସ୍ ଆଦାୟ ହୋଇଛି ; ରାଜଧାନୀ ଭୁବନେଶ୍ୱରରେ ଏହି ସମୟରେ କଲ୍ୟାଣ ମଣ୍ଡପ ଗୁଡିକରେ ବିବାହ ଓ ଅନ୍ୟାନ୍ୟ କେତୋଟି ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ; ସରକାର ସହାରାଞ୍ଚଳରେ ସାମାଜିକ କାର୍ଯ୍ୟକ୍ରମ ପାଇଁ କଲ୍ୟାଣ ବିକାଶ ଓ ପରିଚାଳନା ନିମନ୍ତେ କୌଣସି ନୀତି ବା କାର୍ଯ୍ୟକ୍ରମ ପ୍ରସ୍ତୁତି କରୁଛନ୍ତି କି; ସେ ସମ୍ପର୍କରେ ବିଚାର କରୁଛନ୍ତି କି ?

----

### ବିଭିନ୍ନ ବର୍ଗ ପାଇଁ ଅର୍ଥ ଆଦାୟର ତାଲିକା

2469 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜଧାନୀ ଭୁବନେଶ୍ୱରରେ ବି.ଏମ.ସି ପକ୍ଷରୁ ବିଭିନ୍ନ ଘର, ବ୍ୟବସାୟିକ, ଶିକ୍ଷା ପ୍ରତିଷ୍ଠାନ ଆଦିମାନଙ୍କୁ ୟୁଜର ଫି ଲାଗୁ କରାଯାଇଛି କି ; କେଉଁ ବର୍ଗ ପାଇଁ କେତେ ଅର୍ଥ ଆଦାୟ କରାଯାଉଛି ; ଏହି ୟୁଜର ଫି ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପିଛିଲା ଭାବେ ଗତ ବର୍ଷ ଠାରୁ ଲାଗୁ କରାଯାଉଥିବା ଘଟଣା ସତ୍ୟ କି ; ଏହାଦ୍ୱାରା ଜନ ଅସନ୍ତୋଷ ବୃଦ୍ଧି ପାଇଛି କି ଓ ଏହା ଉପରେ ସରକାର ପୁନର୍ବିଚାର କରିବେ କି?

----

### ପଞ୍ଚାୟତର ବିକାଶ ପାଇଁ ଅର୍ଥ ମଂଜୁର

2470 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିକଶିତ ଓଡିଶା ଲକ୍ଷ୍ୟ ପାଇଁ ରାଜ୍ୟ ସରକାର ପଞ୍ଚାୟତ ଗୁଡିକର ବିକାଶ ପାଇଁ ଗୁରୁତ୍ୱ ଦେଉଛନ୍ତି କି ; 2024-25 ଓ 2025-26 ଗତ ଦୁଇ ଆର୍ଥିକ ବର୍ଷ ମଧ୍ୟରେ କେଉଁ କେଉଁ ପଞ୍ଚାୟତର ବିକାଶ ପାଇଁ କେତେ ଅର୍ଥ ମଂଜୁର କରାଯାଇଛି ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା କେତେ ଅର୍ଥ ଖର୍ଚ୍ଚ ହୋଇଛି?

----

### ଦାଦନ ଶ୍ରମିକଙ୍କ ପରିବାରକୁ ସୁରକ୍ଷା

2471 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ ଜିଲ୍ଲାରୁ କେତେଜଣ ଶ୍ରମିକ ରାଜ୍ୟ ତଥା ଦେଶ ବାହାରେ ଦାଦନ ଖଟିବାକୁ ଯାଉଛନ୍ତି ; ସେମାନଙ୍କ ମଧ୍ୟରୁ ଗତ 2 ବର୍ଷ ମଧ୍ୟରେ କେତେ ଦାଦନ ଶ୍ରମିକଙ୍କ ଅକାଳ ବିୟୋଗ ହୋଇଛି ; ସେମାନଙ୍କ ପରିବାରର ସାମାଜିକ ଓ ଅର୍ଥନୈତିକ ସୁରକ୍ଷା ଦିଗରେ ସରକାର କି ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି?

----

### ପରିବେଶ ଦୂଷିତ ହେବା ସହ ଜଙ୍ଗଲ ଧ୍ୱଂସ

2472 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ବିଭିନ୍ନ ଜଙ୍ଗଲରେ ନିଆଁଲାଗିବା ଯୋଗୁ ପରିବେଶ ଦୂଷିତ ହେବା ସହ ଜଙ୍ଗଲ ଧ୍ୱଂସ ହେଉଛି କି ; ଗତ 2 ବର୍ଷ ମଧ୍ୟରେ କେତେ ଜଙ୍ଗଲ ନିଆଁରେ ଧ୍ୱଂସ ହୋଇଛି ; ଏହାକୁ ରୋକ୍ ଲଗାଇବା ପାଇଁ ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି?

----

### ଡ୍ରେନ ନିର୍ମାଣ

2473 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗଜପତି ଓ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଡ୍ରେନଗୁଡିକୁ ପରିଷ୍କାର ରଖିବା ସହ ଡ୍ରେନ୍ ନଥିବା ସ୍ଥାନରେ ତୁରନ୍ତ ଡ୍ରେନ୍ ନିର୍ମାଣ କରାଇବାର ବ୍ୟବସ୍ଥା କରିବା ସହ ମଶା ଦାଉରୁ ରକ୍ଷା ନିମନ୍ତେ କି କି action plan ପ୍ରସ୍ତୁତ କରାଇବେ ; (ଖ) ଜଟଣୀ ମ୍ୟୁନିସିପାଲଟି ଅଧିନସ୍ଥ ସମସ୍ତ ୱାର୍ଡରେ ପାନୀୟ ଜଳ ଯୋଗାଣ ନିମନ୍ତେ ଥିବା Tube well ଗୁଡିକ ଠିକ୍ ରୂପେ କାର୍ଯ୍ୟ କରୁଥିବା ବିଷୟରେ ତଦାରଖ କରି ୱାର୍ଡ ନଂ2 ଓ 3 ରେ ଥିବା ସମସ୍ତ Tube well ଗୁଡିକୁ ମରାମତି କରିବା ସହ ସେଗୁଡିକ ଯେପରି ହିତାଧିକାରୀଙ୍କ ବ୍ୟବହାରରେ ଆସିବ ସେଥିପ୍ରତି ଯତ୍ନବାନ ହେବେ କି?

----

### CSR Activities Report ପ୍ରଦାନ

2474 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଗଜପତି ଓ ଖୋର୍ଦ୍ଧା ଜିଲ୍ଲା ଅଧିନରେ ଯେଉଁମାନେ Flat ତିଆରି କରୁଛନ୍ତି/କରିଛନ୍ତି ସେମାନଙ୍କର CSR Activities ତାଲିକା ପ୍ରଦାନ କରିବା ସହ ସେମାନେ CSR Activities ଅନ୍ତର୍ଭୁକ୍ତ କି ନାହିଁ ସେସମସ୍ତର ବାସ୍ତବ ତଥ୍ୟ ପ୍ରଦାନ କରିବେ କି ; (ଖ) ଭୁବନେଶ୍ୱର ସ୍ଥିତ KIIT ବିଶ୍ୱ ବିଦ୍ୟାଳୟର ବେଆଇନ ଜବରଦଖଲରେ ଥିବା ମୁଖ୍ୟ ଫାଟକ ସହ ଅନ୍ୟାନ୍ୟ ଜମିକୁ କେତେ ଦିନ ମଧ୍ୟରେ ଜବରଦଖଲରୁ ମୁକ୍ତ କରାଯିବ ସେ ସମ୍ପର୍କୀତ ବାସ୍ତବ ତଥ୍ୟ ପ୍ରଦାନ କରିବା ସହ ଓଡିଶା ରାଜ୍ୟର ସମସ୍ତ ସହରକୁ ଜବରଦଖଲମୁକ୍ତ କରାଇବା ନିମନ୍ତେ ଏକ Action Plan ପ୍ରସ୍ତୁତି କରି ତଦନୁଯାୟୀ କାର୍ଯ୍ୟକାରୀ କରାଇବେ କି?

----

### ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ପଦକ୍ଷେପ

2475 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଳଛାୟା ପ୍ରପାତ ଦ୍ୱାରା ହିତାଧିକାରୀମାନଙ୍କର ସୁବିଧା ନିମନ୍ତେ କି କି ଯୋଜନାମାନ ରଖିଛନ୍ତି ; ହେପାଗୁଡା ଠାରୁ ଚାନ୍ଦିପୁର RD ରାସ୍ତା ପାଇଁ ଅର୍ଥ ମଂଜୁର କରାଯାଇଛି କିନ୍ତୁ ଜଙ୍ଗଲ ବିଭାଗର Clearance ନଥିବା ହେତୁ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନପାରୁଥିବା ବିଷୟ ସରକାରଙ୍କର ନଜରରେ ଅଛି କି ; ଉତ୍ତର ହଁ ହେଲେ, ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ମିଳିତ ଉଦ୍ୟମରେ Forest Clearance ପ୍ରାପ୍ତ କରି ଉପରୋକ୍ତ ରାସ୍ତା କାର୍ଯ୍ୟଟିକୁ ସମ୍ପୂର୍ଣ୍ଣ କରିବେ ସେ ସମ୍ପର୍କିତ ବାସ୍ତବ ତଥ୍ୟ ପ୍ରଦାନ କରିବେ କି?

----

### ପାର୍କର ଉନ୍ନତିକରଣ

2476 **ଶ୍ରୀ ଦାଶରଥି ଗମାଙ୍ଗ (ମୋହନା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ)ୟୁ.ଡି. ପ୍ରଶ୍ନ ସଂଖ୍ୟା-3012 dtd.09-12-2025 ଉତ୍ତର ପରିପ୍ରେକ୍ଷୀରେ ସନ୍ତୋଷି ବିହାର ପାର୍କର ଉନ୍ନତିକରଣ ନିମନ୍ତେ ଚଳିତ ଆର୍ଥିକ ତଥା ବଜେଟ୍ ଅଧିବେଶନରେ (2026-2027) ୱାର୍ଡ ବଜେଟରେ ଭୁବନେଶ୍ୱର ମହାନଗର ନିଗମରେ ଅଙ୍କକଳ ପୂର୍ଣ୍ଣ ଅର୍ଥକୁ ୱାର୍ଡ ବଜେଟରେ ଅନ୍ତର୍ଭୁକ୍ତ କରିବା ସହ ପାର୍କଟିର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ କରି ତୁରନ୍ତ ଶେଷ କରିବେ କି ; (ଖ) ଜଟଣୀ ତହସିଲ ଅଧିନସ୍ଥ ୱାର୍ଡ ନଂ-2 ତଥା କୁଜିଆରୀ ମୌଜା ଖାତା ନଂ-୧୬୬୭, ପ୍ଲଟ ନଂ-387, ଏ.0.1200 ପରିମିତ ଜମି ତଥା ରାସ୍ତା କଣମଟିକୁ ଉଚ୍ଛେଦ ନିମନ୍ତେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପତ୍ର ସଂଖ୍ୟା-୨873 ତା.31-07-2024 ଓ ସଂ-10831 ତା.23-08-2024 କୁ ପ୍ରାପ୍ୟ କରି ଏଯାବତ୍ ଉଚ୍ଛେଦକାର୍ଯ୍ୟ କରିନଥିବା ବିଷୟରେ ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟକୁ ଅବଗତ କରାଇବେ କି ଏବଂ ଉଚ୍ଛେଦ କାର୍ଯ୍ୟରେ ସହାୟକ ହେବେ କି?

----

### ବନ ସୁରକ୍ଷା ସମିତିର ସଂଖ୍ୟା

2477 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଯାଜପୁର ଜିଲ୍ଲାରେ କେଉଁ କେଉଁ ବନଖଣ୍ଡ ଅଧିନରେ କେତେଗୋଟି ବନ ସୁରକ୍ଷା ସମିତି ଗଠନ କରାଯାଇଛି ଓ ବିଗତ ବର୍ଷ ଗୁଡ଼ିକରେ କି କି ସହାୟତା ଯୋଗାଇ ଦିଆଯାଇଛି ; ଜିଲ୍ଲାରେ ସବୁଜିମା ସୃଷ୍ଟି ପାଇଁ କି ବ୍ୟବସ୍ଥା କରାଯାଇଛି କେତେ ବନୀକରଣ କରାଯାଇଛି ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି?

----

### ସୋଲାର ଫେନ୍ସିଂ ଓ ଆୱାରନେସ୍ ପ୍ରୋଗ୍ରାମ

2478 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବନ୍ୟଜନ୍ତୁ ସଂରକ୍ଷଣ, ମାନବ ବନ୍ୟଜନ୍ତୁ ସଂଘର୍ଷ ହ୍ରାସ ପାଇଁ ସୋଲାର ଫେନ୍ସିଂ, କମ୍ୟୁନିଟି ରେସପନ୍ସ ଟିମ୍ ଓ ଆୱାରନେସ୍ ପ୍ରୋଗ୍ରାମ ବଡଚଣାରେ କେଉଁଠି କେଉଁଠି ଲାଗୁ ହୋଇଛି?

----

### ଗ୍ରାମ୍ୟ ଉଦ୍ୟାନ/ପାର୍କ ନିର୍ମାଣ

2479 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଡଚଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେଉଁ କେଉଁ ପଞ୍ଚାୟତରେ ଗ୍ରାମ୍ୟ ଉଦ୍ୟାନ/ପାର୍କ ନିର୍ମାଣ ହୋଇଛି ଓ ଏଥିନିମନ୍ତେ କେଉଁ ବର୍ଷ କେତେ ଟଙ୍କା ପ୍ରଦାନ କରାଯାଇଛି ତାର ପଞ୍ଚାୟତୱାରୀ ତାଲିକା ପ୍ରଦାନ କରିବେ କି?

----

### Building ଗୁଡ଼ିକର ଆଧୁନିକିକରଣ

2480 **ଶ୍ରୀ ଅମର କୁମାର ନାୟକ (ବଡ଼ଚଣା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଡଚଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ସରକାରୀ Building ଗୁଡ଼ିକର ଅବସ୍ଥା ଠିକ୍ ଅଛି କି ; ଯଦି ନଥାଏ ତେବେ ଏହାର ସଠିକ୍ ଅନୁଧ୍ୟାନ କରି Building ଗୁଡ଼ିକର ଆଧୁନିକୀକରଣ, ରକ୍ଷଣାବେକ୍ଷଣ ଓ ସମ୍ପ୍ରସାରଣ କରିବା ପାଇଁ ସରକାର ପଦକ୍ଷେପ ନେବେ କି?

----

### ପାଇଲଟ୍ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ

2481 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ଭା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଡମ୍ଭା ନିର୍ବାଚନ ମଣ୍ଡଳୀର 135ଟି ଗ୍ରାମରେ ଆରମ୍ଭ ହୋଇଥିବା ପାଇଲଟ୍ ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ୪ ବର୍ଷ ବିତିବା ପରେ ମଧ୍ୟ ଅଦ୍ୟାବଧି ସମ୍ପୂର୍ଣ୍ଣ ନହେବାର କାରଣ କଣ ; ଏହି ଅସମ୍ପୂର୍ଣ୍ଣ ପ୍ରକଳ୍ପ ଗୁଡ଼ିକୁ କେବେ ସୁଦ୍ଧା କାର୍ଯ୍ୟକ୍ଷମ କରାଯିବ ; ଏଥିପାଇଁ କେଉଁ ଠିକାସଂସ୍ଥା ଓ ଅଧିକାରୀ ଦାୟୀ, ସେମାନଙ୍କ ବିରୁଦ୍ଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ; ଆଗାମୀ ଖରାଦିନ ପାଇଁ ବଡମ୍ଭା ଓ ନରସିଂହପୁର ବ୍ଲକରେ କେତୋଟି ଟ୍ୟାଙ୍କର ମହଜୁଦ୍ ରଖାଯାଇଛି ଏବଂ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ପ୍ରଶାସନକୁ କେତେ ପାଣ୍ଠି ଯୋଗାଇ ଦିଆଯାଇଛି?

----

### କୁମ୍ଭୀରମାନଙ୍କ ସଂଖ୍ୟା

2482 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ଭା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କୁମ୍ଭୀରମାନଙ୍କ ସଂଖ୍ୟା କେତେ ; ରାଜ୍ୟରେ କୁମ୍ଭୀରଙ୍କ ସଂଖ୍ୟା କେତେ ଶତକଡା ବୃଦ୍ଧି ଘଟିଛି ; ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସାତକୋଶିଆ ଏବଂ ଟିକରପଡାରେ କେତେ ସଂଖ୍ୟକ କୁମ୍ଭୀର ଅଛନ୍ତି ଏବଂ ଶାବକଙ୍କ ସଂଖ୍ୟା କେତେ ; ଚଳିତ ବର୍ଷ କେତେ ବିଦେଶୀଗତ ପକ୍ଷୀଙ୍କ ଏ ପର୍ଯ୍ୟନ୍ତ ଆଗମନ ହୋଇସାରିଲାଣି, ଏଥିରୁ ବିରଳ ପ୍ରଜାତିର ସମ୍ପୂର୍ଣ୍ଣ ନୂଆ ପକ୍ଷୀଙ୍କ ନାମ କଣ ; ତାହା ଚିହ୍ନଟ ହୋଇଅଛି କି ଏବଂ କେଉଁ କାରଣରୁ ଏପରି ପକ୍ଷୀମାନେ ଏହି ଜଳାଶ୍ରୟମାନଙ୍କୁ ଶୀତରତୁରେ ନିରାପଦ ଆଶ୍ରୟସ୍ଥଳୀ ଭାବରେ ଗ୍ରହଣ କରିଛନ୍ତି?

----

### ସ୍ୱତନ୍ତ୍ର କାର୍ଯ୍ୟାଳୟ ନିର୍ମାଣ ପାଇଁ ପ୍ରସ୍ତାବ

2483 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ଭା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବଡମ୍ଭା ଓ ନରସିଂହପୁର ବ୍ଲକରେ ସହକାରୀ ଶ୍ରମ ଅଧିକାରୀ (ALO) ଙ୍କର ସ୍ୱତନ୍ତ୍ର କାର୍ଯ୍ୟାଳୟ ନଥିବାରୁ ଶ୍ରମିକମାନଙ୍କୁ ପଞ୍ଜିକରଣ ଓ ବିଭିନ୍ନ ସରକାରୀ ସୁବିଧା ପ୍ରଦାନରେ ଅସୁବିଧା ହେଉଥିବା ସ୍ଥଳେ, ସ୍ୱତନ୍ତ୍ର କାର୍ଯ୍ୟାଳୟ ନିର୍ମାଣ ପାଇଁ ସରକାରଙ୍କର କୌଣସି ପ୍ରସ୍ତାବ ରହିଛି କି ; ରାଜ୍ୟରେ 150 ଟି ବ୍ଲକରେ ଶ୍ରମ କାର୍ଯ୍ୟାଳୟ ଖୋଲିବାର ସରକାରୀ ଯୋଜନା ଅଧିନରେ ବଡମ୍ଭା ଓ ନରସିଂହପୁର ବ୍ଲକ ଗୁଡ଼ିକର ଅଗ୍ରାଧିକାର କଣ ଏବଂ ଏହି ବ୍ଲକ ଗୁଡ଼ିକରେ ALOଙ୍କ ପାଇଁ ସ୍ୱତନ୍ତ୍ର କାର୍ଯ୍ୟାଳୟ ନିର୍ମାଣ ପାଇଁ ଜମି ଚିହ୍ନଟ, ଡିଜାଇନ କିମ୍ବା ନିର୍ମାଣ କାର୍ଯ୍ୟର ବର୍ତ୍ତମାନ ସ୍ଥିତି କଣ?

----

### ମେଡ଼ିସିନାଲ ପାର୍କର ବିକାଶ

2484 **ଶ୍ରୀ ବିଜୟ କୁମାର ଦଳବେହେରା (ବରମ୍ଭା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବଡ଼ମ୍ବା ନିର୍ବାଚନ ମଣ୍ଡଳୀର ଠେସିର ମେଡିସିନାଲ୍ ପାର୍କର ବିକାଶ, ଔଷଧୀୟ ବୃକ୍ଷ ରୋପଣ ଓ ଏହାର ରକ୍ଷଣା ବେକ୍ଷଣ ପାଇଁ ଜଙ୍ଗଲ ବିଭାଗର କି ଯୋଜନା ରହିଛି; ଚଳିତ ଆର୍ଥିକ ବର୍ଷରେ ଏହି ପାର୍କର ବିକାଶ ପାଇଁ କେତେ ଅର୍ଥ ମଞ୍ଜୁର ହୋଇଛି ଏବେ ସେଥିରୁ ବର୍ତ୍ତମାନ ସୁଦ୍ଧା କେତେ ଖର୍ଚ୍ଚ ହୋଇଛି ;(ଖ) ସ୍ଥାନୀୟ ଲୋକଙ୍କୁ ଏହି ଔଷଧୀୟ କରିବାରୁ ଜୀବିକା ଯୋଗଇ ଦେବା ପାଇଁ ସରକାରଙ୍କର କୌଣସି ପ୍ରସ୍ତାବ ଅଛି କି ?

----

### "ବନ୍ୟପ୍ରାଣୀ ଗଣନା ସମ୍ପର୍କରେ ଦେଉଥିବା ବନଖଣ୍ଡୱାରୀ ତଥ୍ୟ ପ୍ରଦାନ ସମ୍ପର୍କରେ"

2485 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- **ରାଜ୍ୟରେ ଗତ ୧୦ ବର୍ଷ ମଧ୍ୟରେ ବିଭିନ୍ନ ବନ୍ୟ ପ୍ରାଣୀଙ୍କ ଗଣନା ହୋଇଛି କି, ଏବେ ସେମାନଙ୍କର ସଂଖ୍ୟା କେତେ ଅଛି ତା'ର ବନଖଣ୍ଡୱାରୀ ତଥ୍ୟ ପ୍ରଦାନ କରିବେ କି ; ଏହି ସମୟ ମଧ୍ୟରେ କେତେ ସଂଖ୍ୟକ ବନ୍ୟପ୍ରାଣୀ ମୃତ୍ୟୁବରଣ କରିଛନ୍ତି ମୃତ୍ୟୁର କାରଣ, ଦାୟର ହୋଇଥିବା ମାମଲା ସଂଖ୍ୟା ଓ ମୃତ୍ୟୁସଂଖ୍ୟାରେ ରୋକ ଲଗାଇବା ନିମନ୍ତେ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଉଛି ଜଣାଇବେକି ; ସେମାନଙ୍କର ସଂଖ୍ୟା କେତେ ଅଛି** ?

----

### ନୂଆ ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ

2486 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟ ସରକାରଙ୍କ ନିକଟରେ ନୂଆ ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ପାଇଁ କୌଣସି ପ୍ରସ୍ତାବ ଅଛି କି ; ଯଦି ଅଛି ସେଥିପାଇଁ ବିଭାଗ ପକ୍ଷରୁ କି କି ପଦକ୍ଷେପ ଗ୍ରହଣ କରାଯାଇଛି ଜଣାଇବେ କି ; ରାଜ୍ୟରେ କେଉଁ କେଉଁ ସ୍ଥାନରେ ନୂଆ ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ପାଇଁ ନିଷ୍ପତ୍ତି ନିଆଯାଇଛି ତାର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେ କି ?

----

### ନୂତନ ବ୍ଲକ ଓ ପଞ୍ଚାୟତ ଗଠନ ପାଇଁ ଯୋଜନା

2487 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ କେଉଁ ସ୍ଥାନରେ ନୂତନ ବ୍ଲକ ଓ ପଞ୍ଚାୟତ ଗଠନ ପାଇଁ ସରକାର ଯୋଜନା କରିଛନ୍ତି ଜଣାଇବେ କି ; କେଉଁ କେଉଁ ସ୍ଥାନରେ ନୂଆ ବ୍ଲକ ଓ ପଞ୍ଚାୟତ ଗଠନ ହେବ ତାର ଜିଲ୍ଲା ଓ ବ୍ଲକୱାରୀ ତାଲିକା ପ୍ରଦାନ କରିବେ କି ?

----

### ଦୋଷୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

2488 **ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ କେନ୍ଦୁଝର ଜିଲ୍ଲାରେ ଗତ ୨୦୨୦ ଜାନୁଆରୀ ୧ ଠାରୁ ଏଯାବତ୍ କେଉଁ କେଉଁ ସ୍ଥାନରେ ଚଢାଉ କରାଯାଇଛି ;ଦୋଷୀ ମାନଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ; ଚଢ଼ାଉ ସମୟରେ ସେମାନଙ୍କ ଠାରୁ କ'ଣ କ'ଣ ଜବତ କରାଯାଇଛି, ଏହାର ଆନୁମାନିକ ମୂଲ୍ୟ କେତେ ହେବ ?

----

### ସ୍ଥାୟୀ ମନିଟରିଂ ଷ୍ଟେସନ କାର୍ଯ୍ୟ

2489 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରେଙ୍ଗାଲି ଶିଳ୍ପାଞ୍ଚଳରେ ବାୟୁ ପ୍ରଦୂଷଣ ମାପିବା ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (SPCB) ପକ୍ଷରୁ କେତୋଟି ସ୍ଥାୟୀ ମନିଟରିଂ ଷ୍ଟେସନ କାର୍ଯ୍ୟ କରୁଛି; (ଖ) ରେଙ୍ଗାଲିର ଲପଙ୍ଗା ଏବଂ ଠେଲକୁଲି ଅଞ୍ଚଳରେ ବଢୁଥିବା ଶ୍ୱାସକ୍ରିୟା ଜନିତ ରୋଗରସ୍ଥିତି ଯାଞ୍ଚ ପାଇଁ ସରକାର କୌଣସି ସ୍ୱାସ୍ଥ୍ୟ ସର୍ଭେ କରିଛନ୍ତି କି ; ଗତ ଦୁଇ ବର୍ଷ ମଧ୍ୟରେ ରେଙ୍ଗାଲିର ଶିଳ୍ପ ସଂସ୍ଥା (ଯଥା: Shyam Metalics ଓ Aditya Aluminium) ଗୁଡ଼ିକରୁ କେତେ ପ୍ରଦୂଷଣ ଜରିମାନା ଆଦାୟ କରାଯାଇଛି ଏବଂ ସେହିଅର୍ଥ ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ହୋଇଛି କି?

----

### ଆବର୍ଜନାରୁ ପ୍ରକ୍ରିୟାକରଣ

2490 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସମ୍ବଲପୁରରେ ଦୈନିକ କେତେ ପରିମାଣର ଆବର୍ଜନା ବାହାରୁଛି ଏବଂ ସେଥିରୁ କେତେ ପ୍ରତିଶତ ଜମାଦାରପାଲି ୱେଲଥ୍ ସେଣ୍ଟରରେ ପ୍ରକ୍ରିୟାକରଣ କରାଯାଉଛି; (ଖ) ରେଙ୍ଗାଲି ନିର୍ବାଚନ ମଣ୍ଡଳୀକୁ ପ୍ରଭାବିତ କରୁଥିବା ଡମ୍ପିଂ ସାଇଟର ପୁରୁଣା ଆବର୍ଜନା ପରିଚାଳନା ପାଇଁ ଉଦ୍ଦିଷ୍ଟ 'ବାୟୋ- ରେମିଡିଏସନ୍' (Bioremediation) ପ୍ରକଳ୍ପର ସ୍ଥିତି କ'ଣ; ବର୍ଜ୍ୟବସ୍ତୁ ପରିଚାଳନା ନିୟମ ଉଲଂଘନ ପାଇଁ ଗତ ତିନି ବର୍ଷ ମଧ୍ୟରେ SMC ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ କେତେ ପରିମାଣର ଜୋରିମାନା ପ୍ରଦାନ କରିଛି ?

----

### ସର୍ବନିମ୍ନ ମଜୁରୀରୁ କମ ଦରମା ପ୍ରଦାନ

2491 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- "ଏପ୍ରିଲ ୨୦୨୫ ସୁଦ୍ଧା ଅଣକୁଶଳୀ ଶ୍ରମିକଙ୍କ ପାଇଁ ସର୍ବନିମ୍ନ ମଜୁରୀ ୪୬୨ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ, ରେଙ୍ଗାଲିର ଅନେକ ଆନୁଷଙ୍ଗିକ ଶିଳ୍ପ (Ancillary Units) ଏହାକୁ ପାଳନ କରୁନଥିବାର କାରଣ କଣ; ସମ୍ବଲପୁରର ଯୁଗ୍ମ ଶ୍ରମ କମିଶନର ଗତ ୧୨ ମାସ ମଧ୍ୟରେ କେତୋଟି ଶିଳ୍ପ ସଂସ୍ଥା ଉପରେ ଚଢ଼ାଉ କରି ଏହାର ତଦାରଖ କରିଛନ୍ତି; "ସରକାର ନିଜସ୍ୱ ଠିକା କର୍ମଚାରୀଙ୍କ ପାଇଁ ଦରମା ୨୫,୩୦୦ ଟଙ୍କାକୁ ବୃଦ୍ଧି କରିଥିବା ବେଳେ, ରେଙ୍ଗାଲି ଶିଳ୍ପାଞ୍ଚଳରେ ତୃତୀୟ ପକ୍ଷ ଠିକାଦାର (Outsourcing Agencies) ମାଧ୍ୟମରେ କାମ କରୁଥିବା ହଜାର ହଜାର ଶ୍ରମିକଙ୍କୁ ଏହାର ଅଧାରୁ କମ୍ ଦରମା ଯିବାର କାରଣ କଣ ?

----

### ନର୍ଦ୍ଦମା ନାଳଦେଇ ପାନୀୟ ଜଳ ପାଇପ ଯାଉଥିବା ଯୋଗୁଁ ଜଣ୍ଡିସ

2492 **ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସମ୍ବଲପୁରର ପାନୀୟ ଜଳ ପାଇପ୍ ଲାଇନ ନର୍ଦ୍ଦମା ନାଳ ଦେଇ ଯାଉଥିବା ଯୋଗୁଁ ସରକାର କାହାକୁ ଦାୟୀ ଯାଉଥିବା ଯୋଗୁଁ ବାରମ୍ବାର ଜଣ୍ଡିସ୍ ବ୍ୟାପୁଥିବା କଥା CAG ଅଡିଟ୍ ରିପୋର୍ଟରେ ଦର୍ଶାଯାଇଛି କି; ଯଦି ହଁ ଏଥିପାଇଁ ସରକାର କାହାକୁ ଦାୟୀ କରିଛନ୍ତି; (ଖ) ସରକାର 'Drink from Tap' ମିଶନରେ ୧୦୦% ବିଶୁଦ୍ଧ ଜଳର ଦାବି କରୁଥିବା ବେଳେ ୨୦୨୫ ସେପ୍ଟେମ୍ବରରେ ସମ୍ବଲପୁରର କିଛି ୱାର୍ଡରେ ପାଣିକୁ "ଅସୁରକ୍ଷିତ" ବୋଲି CDMPHO ଘୋଷଣା କରିବାର କାରଣ କଣ ; WATCOର ଅଧିକାରୀଙ୍କ ବିରୋଧରେ କି ଦଣ୍ଡବିଧାନ କରାଯାଇଛି କି ?

----

### ଅଚଳ ଜଳଯୋଗାଣ ପ୍ରକଳ୍ପ

2493 **ଶ୍ରୀ କାଦ୍ରାକା ଆପାଲାସ୍ୱାମି (ରାୟଗଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟବାସୀଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଣ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ପରିପ୍ରେକ୍ଷୀରେ ବର୍ତ୍ତମାନ ସୁଦ୍ଧା ରାଜ୍ୟର କେତେ ୧୯ ସାମାଞ୍ଚଳରେ କେତେ ଗ୍ରାମବାସୀଙ୍କୁ ଶତ ପ୍ରତିଶତ ପାଣି ଯୋଗାଯାଇ ପାରିଛି, କେତେ ଗ୍ରାମ ବାଦ୍ ପଡିଛି, ବାଦ୍ ପଡିଥିବା ଗ୍ରାମାଞ୍ଚଳ ମଧ୍ୟରେ କେତେ ଆଦିବାସୀ ଗ୍ରାମ ରହିଛି, ବାଦ୍ ପଡିବାର କାରଣ ଗୁଡିକ କଣ, ଗତ ୫ ବର୍ଷ ଭିତରେ ନିର୍ମିତ ଜଳଯୋଗାଣ ପ୍ରକଳ୍ପଗୁଡିକ ମଧ୍ୟରୁ କେତେ ସମ୍ପୂର୍ଣ୍ଣ ଅଚଳ ବା ଆଂଶିକ କାର୍ଯ୍ୟକ୍ଷମ ରହିଛି; ଅଚଳ ପ୍ରକଳ୍ପ ନିମନ୍ତେ କେତେ ଅଧିକାରୀ ଓ ଠିକା ସଂସ୍ଥାଙ୍କୁ ଉତ୍ତରଦାୟୀ କରାଯାଇ କି ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି?

----

### ଗ୍ରାମ ପଞ୍ଚାୟତକୁ କ୍ଷମତା ହସ୍ତାନ୍ତର

2494 **ଶ୍ରୀ କାଦ୍ରାକା ଆପାଲାସ୍ୱାମି (ରାୟଗଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ କେତୋଟି ଓ କେଉଁ କେଉଁ କ୍ଷମତା ଗ୍ରାମ ପଞ୍ଚାୟତକୁ ହସ୍ତାନ୍ତର କରାଯାଇଛି, କେଉଁ କେଉଁ କ୍ଷମତା ପଞ୍ଚାୟତିରାଜ ବିଭାଗ ନିଜ ଅଧିନରେ ରଖିଛନ୍ତି, ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଗତ ୧୦ ବର୍ଷ ମଧ୍ୟରେ ରାଜ୍ୟରେ କେତେ ଗ୍ରାମସଭା ଓ ପଲ୍ଲୀସଭା ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଛି, ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏବଂ ଅର୍ଥ କମିସନଙ୍କ ମାଧ୍ୟମରେ କେତେ ଅର୍ଥ ଗ୍ରାମ ପଞ୍ଚାୟତ ମାନଙ୍କୁ ହସ୍ତାନ୍ତର ହୋଇଛି, ସେହି ଅର୍ଥ ମଧ୍ୟରୁ କେତେ ଅର୍ଥ ପଞ୍ଚାୟତିରାଜ ବିଭାଗ ମାଧ୍ୟମରେ ଖର୍ଚ୍ଚ ହୋଇଛି ସେଥି ମଧ୍ୟରୁ ମୁଖ୍ୟମନ୍ତ୍ରୀ କେତେ ପ୍ରକଳ୍ପ ପାଇଁ କେତେ ଅର୍ଥ ଅନୁମୋଦନ କରିଛନ୍ତି, ସେ ସଂପର୍କରେ ବର୍ଷ ଓ ଜିଲ୍ଲାୱାରୀ ତଥ୍ୟ ପ୍ରଦାନ କରିବେ କି, ୨୦୨୬ ଏପ୍ରିଲ ୨୪ ତାରିଖ ପଞ୍ଚାୟତିରାଜ ଦିବସ ଅବସରରେ ଅତିରିକ୍ତ କେତେଗୋଟି ଓ କେଉଁ କେଉଁ କ୍ଷମତା ଗ୍ରାମ ପଞ୍ଚାୟତକୁ ହସ୍ତାନ୍ତର କରାଯିବ ?

----

### ଜବତ ହୋଇଥିବା ଗାଡ଼ି ସମ୍ପର୍କରେ

2495 **ଶ୍ରୀ କାଦ୍ରାକା ଆପାଲାସ୍ୱାମି (ରାୟଗଡା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଗତ ୫ ବର୍ଷରେ ବନ ବିଭାଗ ଦ୍ୱାରା ରାଜ୍ୟର କେଉଁ ରେଞ୍ଜରେ ବେଆଇନ ଚାଲାଣ ବେଳେ କେତୋଟି କେଉଁ ପ୍ରକାର ଗାଡି ଜବତ ହୋଇଛି, କୋର୍ଟଙ୍କ ନିର୍ଦ୍ଦେଶ ପରେ କେତୋଟି ଗାଡି ହସ୍ତାନ୍ତର କରାଯାଇଛି, ଜବତ ପରେ ସେଗୁଡିକ କେଉଁ ସ୍ଥାନରେ, କିଭଳି ସୁରକ୍ଷିତ ରଖାଯାଇଥିଲା, ରାଜ୍ୟର ପ୍ରତ୍ୟେକ ଜିଲ୍ଲାର ରେଞ୍ଜୱାରୀ ତଥ୍ୟ ପ୍ରଦାନ କରିବେ କି, ଏହି ଗାଡ଼ି ଗୁଡିକ ଜବତ ବେଳେ ଏବଂ ହସ୍ତାନ୍ତର ପୂର୍ବରୁ ପରିବହନ ବିଭାଗ ଦ୍ୱାରା ଯାଞ୍ଚର କୌଣସି ବ୍ୟବସ୍ଥା ରହିଛି କି,ଏହି ଜବତ ଗାଡି ଗୁଡିକ ଗଚ୍ଛିତ ଥିବା ସ୍ଥାନରେ ଅଗ୍ନି ନିରାପତ୍ତା ଏବଂ ସୁରକ୍ଷା ବ୍ୟବସ୍ଥା କରାଯାଇଥାଏ କି, ରଖାଯାଉଥିବା ସ୍ଥାନ ସରକାରୀ ନା ବେସରକାରୀ, ସେହି ଗାଡି ଗୁଡିକର ଆକସ୍ମିକ ଅଘଟଣ ପାଇଁ କୌଣସି ବୀମା ବ୍ୟବସ୍ଥା ରହିଛି କି, ଗାଡି ଗୁଡିକର କୌଣସି ଅଘଟଣ ହୋଇଯାଏ ତେବେ କ୍ଷତିପୂରଣ ଅର୍ଥ ପ୍ରଦାନ ବ୍ୟବସ୍ଥା ଅଛି କି, ଏ ବିଷୟରେ PCCF ଏବଂ ସରକାର କେବେ ସମୀକ୍ଷା କରିଛନ୍ତି କି, ଶେଷ ଥର ହୋଇଥିବା ସମୀକ୍ଷା ବୈଠକର ତଥ୍ୟ ପ୍ରଦାନ କରିବେ କି?

----

### ଜଙ୍ଗଲରେ ଅଗ୍ନିକାଣ୍ଡ ଯୋଗୁଁ କ୍ଷୟକ୍ଷତି

2496 **ଶ୍ରୀ କାଦ୍ରାକା ଆପାଲାସ୍ୱାମି (ରାୟଗଡା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଭିନ୍ନ ଜାତୀୟ ସଂସ୍ଥାର ସୂଚନା ମୁତାବକ ରାଜ୍ୟର ଜଙ୍ଗଲରେ ପ୍ରତିବର୍ଷ ଅଗ୍ନିକାଣ୍ଡ ଲାଗି ବ୍ୟାପକ ଗଛ, ଜୈବ ବିବିଧତା ଧ୍ୱଂସ ପାଉଛି, ରାଜ୍ୟରେ ଗତ ୧୦ ବର୍ଷ ମଧ୍ୟରେ କେଉଁ ଜିଲ୍ଲାର କେଉଁ ଜଙ୍ଗଲରେ କେତେ ଥର ନିଆ ଲାଗିଛି, ସର୍ବାଧିକ କେଉଁ ଜିଲ୍ଲାରେ ନିଆଁ ଲାଗିଥିବା ପରିଲିଖିତ ହୋଇଛି, ନିଆଁ ଦ୍ୱାରା କେତେ କି.ମି. ବ୍ୟାପି ଜଙ୍ଗଲ ଧ୍ୱଂସ ହୋଇଛି, କେତେ ମୂଲ୍ୟବାନ ଗଛ, ଔଷଧୀୟ ବୃକ୍ଷ ସଂପୂର୍ଣ୍ଣ ରୂପେ ନଷ୍ଟ ହୋଇଛି, କେତେ ବନ୍ୟଜନ୍ତୁ ମରିଛନ୍ତି, କି ପ୍ରକାରର ଜୈବ ବିବିଧତାରେ କ୍ଷତି ପହଞ୍ଚିଛି,ପ୍ରତିବର୍ଷ କେତେ ମୂଲ୍ୟର ବନ ସଂପଦ ଧ୍ୱଂସ ପାଇଛି ସେସବୁର ବର୍ଷ, ଜିଲ୍ଲା, ରେଞ୍ଜ, ଜଙ୍ଗଲୱାରୀ ତଥ୍ୟ ଦେବେ କି, ଜଙ୍ଗଲ ନିଆଁ ରୋକିବା ପାଇଁ କେଉଁ ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳ ଅବଲମ୍ବନ କରାଯାଉଛି?

----

**ଇଡ଼କୋ ଟୁରିଜିମକୁ ପ୍ରୋତ୍ସାହନ**

2497 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡ଼ିଶାର କଳାହାଣ୍ଡି ଜିଲ୍ଲାରେ ଅବସ୍ଥିତ କୋକସରା ବ୍ଲକର ଗୁଡ଼ହାଣ୍ଡି ଦୋକରିଚଞ୍ଚରା ଓ ଭବାନୀପାଟନା ବ୍ଲକର ଡ଼ୋଙ୍ଗରଗଡ଼ ରାଜ୍ୟର ବର୍ଦ୍ଧିତ ଇକୋ-ଟୁରିଜମ୍ ବ୍ୟବସ୍ଥା ପାଇଁ ଏକ ପ୍ରକୃଷ୍ଟ ସ୍ଥାନ ଓ ଜଙ୍ଗଲ ଉପରେ ନିର୍ଭରଶୀଳ ସମ୍ପ୍ରଦାୟଗୁଡ଼ିକୁ ବିକଳ୍ପ ଜୀବିକା ପ୍ରଦାନ ଉପରେ ମଧ୍ୟ ଧ୍ୟାନ କେନ୍ଦ୍ରିତ କରୁଛି ଏହି ଅଞ୍ଚଳ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ଜଣାଶୁଣା, ଯେଉଁଥିରେ ଜଳପ୍ରପାତ, ଜଙ୍ଗଲ ଏବଂ ପାହାଡିଆ ଅଞ୍ଚଳ ଅନ୍ତର୍ଭୁକ୍ତ ଯାହା ପ୍ରକୃତି-ଆଧାରିତ ପର୍ଯ୍ୟଟନ ପାଇଁ ସମ୍ଭାବନା ପ୍ରଦାନ କରେ ଏହି ଦୁଇଟି ସ୍ଥାନରେ ଇକୋ-ଟୁରିଜିମ୍ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା ସରକାରଙ୍କ ଆଭିମୁଖ୍ୟ ଓ ପଦକ୍ଷେପ କଣ ?

----

**ରାସ୍ତା ହସ୍ତାନ୍ତର**

2498 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଧର୍ମଗଡ଼ ନିର୍ବାଚନ ମଣ୍ଡଳୀରେ କେତେ କିଲୋମିଟର RD ଗୋଡ ଅଛି, କେତେ ରାସ୍ତା ଚଳିତ ବର୍ଷ ବିଭାଗକୁ ନୂତନ ଭାବେ ହସ୍ତାନ୍ତର କରାଯାଇଛି ଏବଂ ବିଭାଗ ନୂତନ ଭାବେ କେତେ ରାସ୍ତା PMGSY ରେ ବିକାଶ କରିବାକୁ ପ୍ରସ୍ତାବ ରଖିଛନ୍ତି, ଏ ଗୁଡିକର ନାମ ଉଲେଖ କରିବାସହ ଯେଉଁ ରୋଡ ଗୁଡିକ ଅବସ୍ଥା ଖରାପ ତାହାର ସମ୍ପୂର୍ଣ୍ଣ ବିବରଣୀ ସହ କେବେ ମରାମତି ହେବ?

----

**ପ୍ରେକ୍ଷାଳୟ ନିର୍ମାଣ**

2499 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଳାହାଣ୍ଡି ଜିଲ୍ଲାର ଧର୍ମଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ପାଇଁ ବିଗତ ତିନୋଟି ଆର୍ଥିକ ବର୍ଷରେ କେତେ ଅର୍ଥ ବିଭିନ ଯୋଜନାରେ ଦିଆଯାଇଛି ତାହାର ସମ୍ପୂର୍ଣ ବିବରଣୀ ଦେବେ କି ; ଧର୍ମଗଡ଼ ଏକ ବିକାଶଶୀଳ ସହର ହୋଇଥିବାରୁ ଏହି ସହର ପାଇଁ ଏକ Road Sweeping Machine ଓ ଉନୟନ ପାଣ୍ଠିରୁ ଏକ ପ୍ରେକ୍ଷାଳୟ ନିର୍ମାଣ ପାଇଁ ଆସିଥିବା ନିବେଦନ ଉପରେ କି ପଦକ୍ଷେପ ନିଆଯାଇଛି ?

----

**ଜଙ୍ଗଲ ରାସ୍ତା ମରାମତି**

2500 **ଶ୍ରୀ ସୁଧିର ରଂଜନ ପଟ୍ଟଯୋଷୀ (ଧର୍ମଗଡ଼):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଧର୍ମଗଡ଼, କୋକସରା ଓ କଲମପୁର ବ୍ଲକର କେତେଗୋଟି ରାଜସ୍ୱ ଓ ପଡ଼ାଗ୍ରାମ ସଂରକ୍ଷିତ, ସୁରକ୍ଷିତ ଜଙ୍ଗଲ ଓ ବନ୍ୟପ୍ରାଣୀ ଅଞ୍ଚଳରେ ଅବସ୍ଥିତ ତନ୍ମଧ୍ୟରୁ କେଉଁ କେଉଁ ଗ୍ରାମକୁ ସଲଗ୍ନ କରୁଥିବା ଜଙ୍ଗଲ ରାସ୍ତା ବିଭାଗ ରେକର୍ଡ଼ରେ ଥିବାରୁ ଆବଶ୍ୟକ ସ୍ଥଳେ ମରାମତି କରାଯାଇଥାଏ ଓ ଏହା କେତେ କିଲୋମିଟର ; ଅବଶିଷ୍ଟ ଗ୍ରାମକୁ ସଂଲଗ୍ନ କରୁଥିବା ପାରମ୍ପରିକ ଜଙ୍ଗଲ ରାସ୍ତା ଗୁଡ଼ିକୁ ବିଭାଗ ଦ୍ୱାରା ମରାମତି ଓ ସୁଦୃଢ଼ିକରଣ ନିମନ୍ତେ କି ବ୍ୟବସ୍ଥା ରହିଛି ?

----

**ନିର୍ମାଣ ଶ୍ରମିକମାନଙ୍କୁ ସହାୟତା ଆବେଦନ ପ୍ରଦାନ ସମ୍ପର୍କରେ**

2501 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ନିର୍ମାଣ ଶ୍ରମିକ ମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସହାୟତା ଆବେଦନର କେତେଦିନ ମଧ୍ୟରେ ପ୍ରଦାନ କରିବାର ପ୍ରାବଧାନ ଅଛି ; (ଖ) କେନ୍ଦ୍ରାପଡ଼ା ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା କେତେ ସଂଖ୍ୟକ ନିର୍ମାଣ ଶ୍ରମିକମାନଙ୍କ ଆବେଦନ ବିଚାରଧୀନ ଅବସ୍ଥାରେ ପଡ଼ିରହିଛି ଓ ତାହା କେଉଁ ବାବଦରେ ଏବଂ କେବେ ସୁଦ୍ଧା ତାର ଫଇସଲା ହେବ ?

----

**Production well ନିର୍ମାଣ ସମ୍ପର୍କରେ**

2502 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ରାପଡା ବ୍ଲକର ପୁରୁଷୋତ୍ତପୁର ପଞ୍ଚାୟତର କୋରୁଆ ଗ୍ରାମ ଓ ଆୟେବା ପଞ୍ଚାୟତରେ ଗଣ୍ଡାକଥା ଗ୍ରାମରେ ପାନୀୟ ଜଳ ଉତ୍ସ (Production Well) ଅଭାବରୁ ଗ୍ରାମବାସୀମାନେ ପାନୀୟ ଡାଳ ଯୋଗାଣରୁ ବଞ୍ଚିତ ହୋଇଥିବା ସରକାର ଅବଗତ କି, ଯଦି ହଁ, ତେବେ ଚଳିତ ବର୍ଷରେ ଏହି ଦୁଇଟି ଗ୍ରାମରେ ଦୁଇଟି Production Well ନିର୍ମାଣ ନିମନ୍ତେ ବିଚାର କରିବେ କି ?

----

**NREGS ପାଣ୍ଠିଦ୍ୱାରା ପାର୍କ, ପୋଖରୀ ଓ ମହାପୋଖରୀ ପ୍ରକଳ୍ପ ନିର୍ମାଣ ସମ୍ପର୍କରେ**

2503 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କେନ୍ଦ୍ରାପଡା ଜିଲ୍ଲାରେ ବିଭିନ୍ନ ବ୍ଲକ ବିଶେଷ କରି କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ବ୍ଲକରେ NREGS ପାଣ୍ଠିରୁ ନିର୍ମାଣ କରାଯାଇଥିବା ପାର୍କ, ପୋଖରୀ ଓ ମହାପୋଖରୀ ପ୍ରକଳ୍ପଗୁଡିକ ରକ୍ଷଣାବେକ୍ଷଣ ଅଭାବରୁ କ୍ରମଶଃ ନଷ୍ଟ ହୋଇଯାଉଥିବା ସରକାର ଜାଣନ୍ତି କି, ଯଦି ହଁ, ଏହି କ୍ରମକ୍ଷୟିଷ୍ଣୁ ପ୍ରକଳ୍ପ ଗୁଡିକର ରକ୍ଷଣାବେକ୍ଷଣ ନିମନ୍ତେ ସରକାର ସ୍ୱତନ୍ତ୍ର ପାଣ୍ଠିର ବ୍ୟବସ୍ଥା କରିବେ କି ?

----

**MGNREGS ଯୋଜନାରେ କେନ୍ଦ୍ରାପଡା ଜିଲ୍ଲାକୁ ଅର୍ଥ ପ୍ରଦାନ ସମ୍ପର୍କରେ**

2504 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) କେନ୍ଦ୍ରାପଡା ଜିଲ୍ଲାର କେଉଁ କେଉଁ ବ୍ଲକମାନଙ୍କରେ ଉପଲବ୍ଧ MGNREGS ଅର୍ଥ ବିନିଯୋଗରେ ନିର୍ଦ୍ଧାରିତ ଶ୍ରମ ଭାର କମ୍ ହୋଇଥିବା ଓ ତାହା କେଉଁ କେଉଁ ବର୍ଷରେ ହୋଇଥିଲା ତାର ବିବରଣୀ ଦେବେ କି, (ଖ) ଶ୍ରମ ଭାର କମ୍ ବିନିଯୋଗ ହେତୁ ଏହି NREGS ଯୋଜାରେ କେନ୍ଦ୍ରାପଡା ଜିଲ୍ଲାକୁ ଅର୍ଥ ପ୍ରଦା କରାଯାଉନଥିବା ସତ୍ୟ କି?

----

**Mega Water Supply କାର୍ଯ୍ୟକ୍ରମ**

2505 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚାନ୍ଦବାଲି NAC ରେ କେବେସୁଦ୍ଧା Mega Water Supply କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ହେବ, ଏଥିପାଇଁ PHD Deptt. କେତେ ଟଙ୍କା ଖର୍ଚ୍ଚ କରୁଛନ୍ତି ?

----

**ଶ୍ରମିକଙ୍କ ତାଲିକା**

2506 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଚାନ୍ଦବାଲିରେ କେତେ ସଂଖ୍ୟକ Labour ଅଛନ୍ତି ଏବଂ କେଉଁ category ର କେତେ ଅଛନ୍ତି ତାର ଏକ ସବିଶେଷ ତଥ୍ୟ ଦେବେ କି ଏବଂ 2024-25, 2025-26 ରେ କେଉଁ କେଉଁ Labour କେଉଁ ଯୋଜନାରେ ଉପକୃତ ହୋଇଛନ୍ତି, ତାର ଏକ ତାଲିକା ପ୍ରଦାନ କରିବେ କି ?

----

**ଚାନ୍ଦବାଲି NAC କୁ ଅନୁଦାନ**

2507 **ଶ୍ରୀ ବ୍ୟୋମକେଶ ରାୟ (ଚାନ୍ଦବାଲି):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଅଟଳ ପାର୍କ ଏବଂ ଚାନ୍ଦବାଲି ହାଟ ପାଇଁ କେତେ ଟଙ୍କା ଚାନ୍ଦବାଲି NAC କୁ ମିଳିଛି ଏବଂ ଆଉ କେତେ ଟଙ୍କା ଦେବା ପାଇଁ Department ଯୋଜନା ରଖିଛି ?

----

**Strengthening rural local bodies**

2508 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- Under centrally sponsored schemes for strengthening rural local bodies, over Rs. 444 crore was reportedly released, what is the district-wise allocation and expenditure status as of January 2026, the reason of several Gram Panchayats reported delays in fund release, what steps the government has taken in this regard ?

----

**Total sanctioned budget on urban water infrastructure**

2509 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- What is the total sanctioned budget versus actual expenditure on urban water infrastructure from 2023-24 to 2025-26 and why has urban water scarcity persisted despite increasing allocations ?

----

**Number of Labour inspections**

2510 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- How many Labour inspections were conducted from July 2024 to January 2026 and how many violations were detected under labour safety laws, what penalties were imposed and how much was recovered ?

----

**PMGSY ସକାଶେ ହୋଇଥିବା ଖର୍ଚ୍ଚ**

2511 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅଣତାରକା ପ୍ରଶ୍ନ ସଂଖ୍ୟା ୧୬୭୪/ତା.୨୩.୦୯.୨୦୨୫ରିଖର ଉତ୍ତର ପ୍ରତି ଧ୍ୟାନ ଆକର୍ଷଣ ପୂର୍ବକ: PMGSY ସକାଶେ ବରାଦ ହୋଇଥିବା ୯୦୬.୯୯ କୋଟି ଟଙ୍କା ମଧ୍ୟରୁ ଆଜି ପର୍ଯ୍ୟନ୍ତ କେତେ ଶତାଂଶ ଖର୍ଚ୍ଚ ହୋଇଛି ଓ କେଉଁ କେଉଁ ପ୍ରକଳ୍ପ ପାଇଁ ଖର୍ଚ୍ଚ ହୋଇଛି?

----

**ବୃକ୍ଷ ରୋପଣ ପାଇଁ ବରାଦ ଅର୍ଥର ପରିମାଣ**

2512 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶା ଖଣି ନିଗମ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର କୋଡିସିଙ୍ଗା ମାଳି ଖଣି ଅଂଚଳରେ ବୃକ୍ଷରୋପଣ ପାଇଁ ଓଡିଶା ବନଉନ୍ନୟନ ନିଗମକୁ କେବେ କେତେ ଅର୍ଥ ଦେଇଥିଲେ ଓ କେତେ ଅଂଚଳରେ କେତେ ବୃକ୍ଷ ରୋପଣ ପାଇଁ ବରାଦ କରିଥିଲେ, ଆଜିର ଦିନରେ ଉକ୍ତ ବୃକ୍ଷ ରୋପଣର ସ୍ଥିତି କ'ଣ ରହିଛି ଓ ରୋପଣ କରାଯାଇଥିବା ବୃକ୍ଷ ମଧ୍ୟରୁ କେତେ ବୃକ୍ଷ କେଉଁ ବର୍ଷ ରୋପଣ କରାଯାଇଥିଲା ଜଣାଇବା ସାଙ୍ଗକୁ ଏ ପ୍ରକଳ୍ପ ଓଡିଶା ଖଣି ନିଗମକୁ କେବେ ହସ୍ତାନ୍ତର ହେବ ?

----

**ବିଲ୍ ପଇଠ ହୋଇନଥିବା ପ୍ରକଳ୍ପର ତାଲିକା**

2513 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) "ଆମ ଓଡିଶା ନବୀନ ଓଡିଶା" ଯୋଜନା ମାଧ୍ୟମରେ ରାଜ୍ୟର ବିଭିନ୍ନ ଗ୍ରାମ ପଂଚାୟତରେ କେତେ ସଂଖ୍ୟକ ପ୍ରକଳ୍ପ ନିର୍ମିତ ହୋଇଛି ଓ ସେଥିମଧ୍ୟରୁ କେତେ ପ୍ରକଳ୍ପ ସପକ୍ଷରେ କେବେ ବିଲ୍ ପଇଠ ହୋଇଛି, ଯେଉଁସବୁ ସମ୍ପୂର୍ଣ୍ଣ ପ୍ରକଳ୍ପ ସପକ୍ଷରେ ବିଲ୍ ପଇଠ ହୋଇନାହିଁ, ତା'ର ଏକ ଜିଲ୍ଲା ଓ ବ୍ଲକ୍ ୱାରୀ ତାଲିକା ପ୍ରଦାନ କରିବେ କି, ବକେୟା ଥିବା ବିଲ୍ କେବେ ସୁଦ୍ଧା ପଇଠ କରାଯିବ, (ଖ) "ମୋ ଘର" ଯୋଜନା ମାଧ୍ୟମରେ ରାଜ୍ୟର ବିଭିନ୍ନ ଗ୍ରାମ ପଂଚାୟତରେ କେତେ ସଂଖ୍ୟକ ଘର ନିର୍ମିତ ହୋଇଛି ଓ ସେଥିମଧ୍ୟରୁ କେତେ ଘର ସପକ୍ଷରେ କେବେ ସବ୍ ସିଡ୍ ପଇଠ ହୋଇଛି, ଯେଉଁ ସବୁ ସମ୍ପୂର୍ଣ୍ଣ ଘର ସପକ୍ଷରେ ସବ୍‌ସିଡ୍ ପଇଠ ହୋଇନାହିଁ, ତା'ର ଏକ ଜିଲ୍ଲା ଓ ବ୍ଲକ୍ ୱାରୀ ତାଲିକା ପ୍ରଦାନ କରିବେ କି, ବକେୟା ଥିବା ସବ୍‌ସିଡ୍ ରାଶି କେବେ ସୁଦ୍ଧା ହିତାଧିକାରୀଙ୍କୁ ପଇଠ କରାଯିବ ?

----

**Civil Work ବାବଦରେ ଖର୍ଚ୍ଚ**

2514 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଲିଗୁଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ K. Nuagaon Block ରେ RWSS ଅଫିସରେ Civil Work ମୋଟ୍ କେତେ ଟଙ୍କାର କାମ କି କି କାମ ଚାଲିଛି, ଏହିସବୁ କାମ ପାଇଁ tender ବିନା tender ରେ କରାଯାଇଛି, ଯଦି tender ହୋଇଛି ତେବେ tender ତଥ୍ୟ ପ୍ରଦାନ କରିବେ କି, ଯଦି tender ହୋଇନାହିଁ ତେବେ ରେକର୍ଡ (record) ତଥ୍ୟ ଦେବେ କି, (approved sanction copy), ଏହି ନିର୍ବାଚନ ମଣ୍ଡଳୀରେ ଗତ June 2024 ରୁ ଆଜିପର୍ଯ୍ୟନ୍ତ RWSS ମାଧ୍ୟମରେ ମୋଟ୍ କେତେ ଟଙ୍କା ଖର୍ଚ୍ଚରେ କେଉଁ କେଉଁ କାମ ସମସ୍ତ 4ଟି ଯାକ ବ୍ଲକରେ ଦିଆଯାଇଛି କେଉଁ ସ୍କିମରୁ ପଇସା ଦିଆଯାଇଛି କେତେ ଖର୍ଚ୍ଚ ହୋଇଛି ଓ କେତେ ବଳିଛି ?

----

**ତଥ୍ୟ ପ୍ରଦାନ**

2515 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- 2024 June 1 ତାରିଖରୁ ଅଦ୍ୟାବଧି କେତେଜଣ ଓଡିଆ ଶ୍ରମିକ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଇଛନ୍ତି, ନିର୍ମାଣ ଶ୍ରମିକମାନଙ୍କ ପାଇଁ ଥିବା କଲ୍ୟାଣ ପାଣ୍ଠିରେ କି କି ସରକାରୀ ସହାୟତା କେତେଜଣ ଶ୍ରମିକମାନଙ୍କୁ ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ଦିଆଯାଇଛି?

----

**ହାତୀ ମୃତ୍ୟୁ**

2516 **ଶ୍ରୀ ଚକ୍ରମଣି କହଁର (ବାଲିଗୁଡା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ମୋଟ କେତୋଟି ହାତୀ (elephant) ଗତ 20 ମାସ ମଧ୍ୟରେ ମୃତ୍ୟୁବରଣ କଲେଣି, Belghar (ବେଲଘର) ଅଞ୍ଚଳରେ ଗତ 5 ତାରିଖରେ ଯେଉଁ ହାତୀର ମୃତ ଦେହ ଉଦ୍ଧାର କରାଯାଇଥିଲା ସେହି ମୃତ୍ୟୁର କାରଣ ଜଣାପଡିଲାଣି କି, (ଖ) ବାଲିଗୁଡା ନିର୍ବାଚନ ମଣ୍ଡଳୀରେ June 1 2024 ରୁ ଆଜିପର୍ଯ୍ୟନ୍ତ କେତେ ଚାରା ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ବାଲିଗୁଡା ନିର୍ବାଚନ ମଣ୍ଡଳୀରେ ଚାରା କିଣାଯାଇଛି, କେତେ ଚାରା ରୋପଣ ହୋଇଛି ଓ ସେଗୁଡିକର maintenance କେଉଁ ସ୍କିମରେ ହୋଇଛି ?

----

**ପାଇପ୍ ପାଣି ଯୋଗାଣ**

2517 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବର୍ତ୍ତମାନସୁଦ୍ଧା ରାଜ୍ୟର ସର୍ବମୋଟ ଗ୍ରାମସଂଖ୍ୟା ମଧ୍ୟରୁ କେତୋଟି ଗ୍ରାମକୁ ପାଇପ୍ ପାଣି ଯୋଗାଣର ବ୍ୟବସ୍ଥା ହୋଇଛି, ଏହା ସମୁଦାୟ ଗ୍ରାମର କେତେ ପ୍ରତିଶତ, ବାକି ରହିଥିବା ଗ୍ରାମଗୁଡିକ କେଉଁ ଜିଲ୍ଲା ଅନ୍ତର୍ଗତ, ରହିଯାଇଥିବା ଗ୍ରାମଗୁଡିକର ଜନସାଧାରଣ କି ଉପାୟରେ ବିଶୁଦ୍ଧ ଜଳ ପାଇପାରୁଛନ୍ତି ଏବଂ କେତୋଟି ଗ୍ରାମ ପାରମ୍ପରିକ ପ୍ରକୃତି ସୃଷ୍ଟ ଜଳ ଉତ୍ସକୁ ବ୍ୟବହାର କରୁଛନ୍ତି?

----

**ଦାଦନ ଶ୍ରମିକ ରୋକିବା ପାଇଁ ପଦକ୍ଷେପ**

2518 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାହାର ରାଜ୍ୟକୁ ଶ୍ରମିକମାନେ ଆମ ରାଜ୍ୟରୁ କେଉଁ କାରଣ ପାଇଁ ଯାଉଛନ୍ତି, ଏହାକୁ ରୋକିବା ପାଇଁ ସରକାର କି ପଦକ୍ଷେପ କେବେଠାରୁ ଗ୍ରହଣ କରିଛନ୍ତି ଏବଂ କି ପ୍ରକାର ଫଳପ୍ରଦ ହୋଇଛନ୍ତି, ଦାଦନ ଶ୍ରମିକ ସଂଖ୍ୟା ହ୍ରାସ ଏବଂ ସେମାନଙ୍କର କଷ୍ଟ ନିବାରଣ ପାଇଁ ଗଠିତ ଟାସ୍କଫୋର୍ସ ସେମାନଙ୍କର ରିପୋର୍ଟରେ କି ପ୍ରକାର ପଦକ୍ଷେପ ନେବା ପାଇଁ ପ୍ରସ୍ତାବ ଦେଇଛନ୍ତି ?

----

**ଦରମା ପ୍ରଦାନ**

2519 **ଶ୍ରୀ ଅନନ୍ତ ନାରାୟଣ ଜେନା (ଭୁବନେଶ୍ୱର-ମଧ୍ୟ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- GA & PGPA Deptt. ନିର୍ଦ୍ଦେଶନାମା ଅନୁଯାୟୀ BMC ଭୁବନେଶ୍ୱରରେ Outsourcing ଜରିଆରେ କାର୍ଯ୍ୟରତ କେତେ ସଂଖ୍ୟକ କର୍ମଚାରୀଙ୍କୁ 25% ବର୍ଦ୍ଧିତ ମାସିକ ଦରମା ପ୍ରଦାନ କରାଯାଉଅଛି କି, ସେହି କର୍ମଚାରୀଙ୍କ ମାସିକ ଦରମା କେତେଥିଲାବେଳେ ବର୍ଦ୍ଧିତ ହାରରେ କେବେଠାରୁ କେତେ ପାଉଛନ୍ତି?

----

**ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀ ଗୁଡିକ ପୂରଣ କରିବା ସମ୍ପର୍କରେ**

2520 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି)ଃ**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମୁରିବାହାଲ ଓ ବଙ୍ଗୋମୁଣ୍ଡା ଗ୍ରାମ୍ୟ ନିର୍ମାଣ ଉପ ବିଭାଜନ ( RW Sub- Division ) କାର୍ଯ୍ୟାଳୟ ରେ କେବେ ଠାରୁ ସହକାରୀ ନିର୍ବାହୀ ଯନ୍ତ୍ରୀ (Assistant Executive Engineer ) ପଦବୀ ଖାଲି ପଡି ଅଛି, ସେହିପରି ତୁରେକେଲା ଗ୍ରାମ୍ୟ ନିର୍ମାଣ ଉପ ବିଭାଜନ ରେ ବର୍ତ୍ତମାନ କାର୍ଯ୍ୟରତ ସହକାରୀ ନିର୍ବାହୀ ଯନ୍ତ୍ରୀ ଚଳିତ ଫେବ୍ରୁଆରୀ ମାସ ଶେଷରେ ଅବସର ପ୍ରାପ୍ତ କରିବାକୁ ଯାଉଛନ୍ତି କି, ଯଦି ହଁ, ତେବେ, ମୁରିବାହାଲ, ବଙ୍ଗୋମୁଣ୍ଡା ଓ ତୁରେକେଲା ଗ୍ରାମ୍ୟ ନିର୍ମାଣ ଉପ-ବିଭାଜନ ରେ ଖଲି ଥିବା ପଦବୀ ଗୁଡିକୁ କେବେ ସୁଦ୍ଧା ପୂରଣ କରାଯିବ, ମୁରିବାହାଲ ଓ ତୁରେକେଲା ଗ୍ରାମ୍ୟ ନିର୍ମାଣ ଉପ-ବିଭାଜନ ଅଧୀନରେ ଜଣେ ଲେଖାଏଁ କନିଷ୍ଠ ଯନ୍ତ୍ରୀ ପଦବୀ ମଧ୍ୟ ଖାଲିପଡି ଅଛି, ଏଣୁ ନିର୍ବାଚନ ମଣ୍ଡଳୀରେ ଚାଲୁଥିବା କାର୍ଯ୍ୟ ଗୁଡିକ ଧାର୍ଯ୍ୟ ସମୟରେ ସମ୍ପୂର୍ଣ୍ଣ ହୋଇ ପାରୁନଥିବାରୁ ଯଥାଶିଘ୍ର ଖାଲିପଡିଥିବା ପଦବୀ ଗୁଡିକୁ ପୂରଣ କରିବାକୁ ସରକାର ପଦକ୍ଷେପ ଗ୍ରହଣ କରିବେ ?

----

**୧୬ ଗୋଟି ୱାର୍ଡ ରେ ରାସ୍ତା ଓ ନାଳ, ଗୃହ, ଜଳାଶୟ ଏବଂ ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟ ବାବଦରେ ଅର୍ଥ ପ୍ରଦାନ ସମ୍ପର୍କରେ**

2521 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି)ଃ**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବିଗତ ୫ ବର୍ଷରେ କଣ୍ଟାବାଞ୍ଜି ଏନ୍.ଏ.ସି. ର ୧୬ ଗୋଟି ୱାର୍ଡ ରେ ରାସ୍ତା ଓ ନାଳ, ଗୃହ, ଜଳାଶୟ ଏବଂ ଅନ୍ୟାନ୍ୟ ଉନ୍ନୟନ ମୂଳକ କାର୍ଯ୍ୟ ର ନିର୍ମାଣ/ମରାମତି/ ରକ୍ଷଣାବେକ୍ଷଣ ତଥା ସହର ର ସ୍ୱଚ୍ଛତା ଓ ସୌନ୍ଦର୍ଯ୍ୟକରଣ ପାଇଁ କେନ୍ଦ୍ରୀୟ ତଥା ରାଜ୍ୟ ସରକାରଙ୍କ କେଉଁ ଯୋଜନା/ ଅଣ-ଯୋଜନା ଅର୍ନ୍ତଗତ ବାର୍ଷିକ କେତେ ଅର୍ଥ ପ୍ରଦାନ କରାଯାଇଥିଲା, ସେମଧ୍ୟରୁ କେଉଁ ପ୍ରକଳ୍ପ ପାଇଁ କେତେ ଅର୍ଥ ଖର୍ଚ୍ଚ କରାଯାଇଛି, କେଉଁ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କିମ୍ବା ସମ୍ପୂର୍ଣ୍ଣ ହୋଇନାହିଁ ? ବର୍ତମାନ ସୁଦ୍ଧା ଯୋଜନା ୱାରୀ କେତେ ଅର୍ଥ ଏନ୍.ଏ.ସି. ରେ ଗଚ୍ଛିତ ଅଛି, (ଖ) ସେହିପରି, ବିଗତ ୫ ବର୍ଷରେକଣ୍ଟାବାଞ୍ଜି ବିଜ୍ଞାପିତ ଅଂଚଳ ପରିଷଦ ଦ୍ୱାରା Holding Tax,Water Tax, Market fees, Rent, Building Plan approval, Sanitation user charges ପରି ଅନ୍ୟାନ୍ୟ କେଉଁ Taxe and Non-tax / Fees, ଜରିଆରେ ବାର୍ଷିକ କେତେ ଅର୍ଥ ଆଦାୟ କରାଯାଇ, ବର୍ତ୍ତମାନ ପର୍ଯ୍ୟନ୍ତ କେଉଁ ବାବଦକୁ କେତେ ଅର୍ଥ ଖର୍ଚ୍ଚ କରାଯାଇଛି ?

----

**୨ ଗୋଟି ପ୍ରକଳ୍ପର ବୈଷୟିକ ମଞ୍ଜୁରୀ ପ୍ରଦାନ ଓ ତ୍ୱରାନ୍ୱିତ କରିବା ସମ୍ପର୍କରେ**

2522 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୨ ଗୋଟି ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଯଥା- MEGA PWS to Turekela (Thikhali Dam) 6 MEGA PWS to Turekela, Bangomunda and Muribahal (Tikhali Dam) କୁ ମିଶ୍ରଣ ( Merge ) କରାଯାଇଥିବା ଏବଂ ଏହି ମିଶ୍ରଣ ପ୍ରକଳ୍ପର ବୈଷୟିକ ମଞ୍ଜୁରି ରାଜ୍ୟ ସ୍ତରରେ ଅନୁମୋଦନ ଅପେକ୍ଷାରେ ଥିବାରୁ ପ୍ରକଳ୍ପ କାର୍ଯ୍ୟ ମେଇ ଯାଇଥିବା ତଥ୍ୟ ସତ୍ୟ ଅଟେ କି, ଯଦି ହଁ, ତେବେ କେବେ ସୁଦ୍ଧା ଉକ୍ତ ପ୍ରକଳ୍ପର ବୈଷୟିକ ମଞ୍ଜୁରି ପ୍ରଦାନ କରାଯାଇ ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରି ସମ୍ପୂର୍ଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ?

----

**DPR ପ୍ରସ୍ତୁତ କରାଯିବା ସମ୍ପର୍କରେ**

2523 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ)ଃ**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଲାଞ୍ଜିଗଡ ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ନାକରୁଣ୍ଡି ରୁ ସିଲେଟ୍ ରାସ୍ତାରେ ଥିବା ନଦି ଉପରେ ପ୍ରସ୍ତାବିତ ସେତୁର ବର୍ତ୍ତମାନ ସ୍ଥିତି କଣ ଏଥିପାଇଁ ଆକଳନ DPR ପ୍ରସ୍ତୁତ ଏବଂ ମଞ୍ଜୁର ହୋଇଛି କି ନାହିଁ, କେଉଁ ଯୋଜନାରେ ଏହା ହାତକୁ ନିଆଯାଇଛି ବା ନିଆଜିବା ତା ସହିତ ବର୍ତ୍ତମାନ ଆର୍ଥିକ ଅନୁଦାନ ସ୍ଥିତି କଣ ?

----

**BGBO ଯୋଜନା ବାବଦରେ ମଞ୍ଜୁର ହୋଇଥିବା ଅର୍ଥର ବିବରଣୀ**

2524 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ BGBO ଯୋଜନାରେ ଆଜିଦିନ ପର୍ଯ୍ୟନ୍ତ କେତେ ପରିମାଣର ଅର୍ଥ ଚଳିତ ଆର୍ଥିକ ବର୍ଷ ଏବଂ ଗତ 24-25 ଆର୍ଥିକ ବର୍ଷରେ ଖର୍ଚ୍ଚ ହୋଇଛି ତାହାର ଏକ ସବିଶେଷ ବିବରଣୀ ବ୍ଲକୱାରୀ ପ୍ରଦାନ କରିବେ କି ?

----

**ଅନ୍ତୋଦୟ ଯୋଜନାରେ ଗୃହ ନିର୍ମାଣ ସମ୍ପର୍କରେ**

2525 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଅନ୍ତୋଦୟ ଯୋଜନାରେ କେତେ ଜଣ ହିତାଧିକାରିଙ୍କୁ ଆଜିଯାଏଁ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି, ବର୍ତ୍ତମାନ ସୁଦ୍ଧା ସେହି ହିତାଧିକାରୀ ମାନଙ୍କୁ କେତେ କିସ୍ତି ଟଙ୍କା ପ୍ରଦାନ କରାଯାଇଛି ?

----

**ବନିକରଣ**

2526 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ଃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) କ୍ଷତି ପୂରଣ ବନୀକରଣ ପାଣ୍ଠି ପରିଚାଳନା (କାମ୍ପା) ଫଣ୍ଡ ରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବନୀକରଣ ପାଇଁ 2025-26 ରେ କେତେ ପରିମାଣରେ ଅର୍ଥ ରାଜ୍ୟକୁ ମିଳିଛି ଓ ରାଜ୍ୟ ସରକାରଙ୍କ ତରଫରୁ କେଉଁ କେଉଁ କାମ ପାଇଁ କେନ୍ଦ୍ରକୁ ପ୍ରସ୍ତାବ ଦିଆଯାଇଥିଲା ତାର ବିବରଣୀ ପ୍ରଦାନ କରିବା ସହ କାମ୍ପା ଫଣ୍ଡ ରେ କି କି ପ୍ରକଳ୍ପ କରିବା ପାଇଁ ପି.ସି.ସି.ଏଫ୍ ବନ୍ୟପ୍ରାଣୀ ଓ ମୁଖ୍ୟ ବନ ସଂରକ୍ଷକ ପ୍ରସ୍ତାବ ଦେଇଛନ୍ତି, ପ୍ରସ୍ତାବ ଗୁଡିକ କାର୍ଯ୍ୟକ୍ରମ ପାଇଁ କେତେ ଖର୍ଚ୍ଚ ହେବ, (ଖ) କୋରାପୁଟ ଜିଲ୍ଲାରେ ୨୦୨୪ ମସିହାରୁ ଆଜି ପର୍ଯ୍ୟନ୍ତ କରାଯାଇଥିବା କାର୍ଯ୍ୟ ଗୁଡିକ ମଧ୍ୟରେ ନୂଆ ନୂଆ ବୃକ୍ଷ ରୋପଣ, ପୁରୁଣା ରୋପିତ ବୃକ୍ଷ ଚାରାର ରକ୍ଷଣା ବେକ୍ଷଣ, ପଥ ପାର୍ଶ୍ୱବୃକ୍ଷ ରୋପଣ, ନୂତନ ଜଙ୍ଗଲ ସୃଷ୍ଟି, ବନ୍ୟ ଜନ୍ତୁ ସୁରକ୍ଷା ପାଇଁ ସୌରଶକ୍ତି ବ୍ୟବହାରରେ ସୋଲାର ଫେଜିଂ, ଜଙ୍ଗଲ ରାସ୍ତା ଗୁଡ଼ିକର ରକ୍ଷଣା ବେକ୍ଷଣ ଓ ଉନ୍ନତି କରଣ ସହ ଜଙ୍ଗଲ ଜାତ ଫସଲର ମଞ୍ଜି ସଂଗ୍ରହ ପାଇଁ ବିଭାଗ କି କି ବିଶେଷ ପଦକ୍ଷେପ ନେଇଛନ୍ତି ଓ କେଉଁ କାମ ପାଇଁ କେତେ ଅର୍ଥ ଖର୍ଚ୍ଚ କରିଛନ୍ତି?

----

**ଶ୍ରମିକ କଲ୍ୟାଣ ଯୋଜନା**

2527 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ଃ**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସରକାରଙ୍କ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଗୁଡିକ କଣ କଣ ଅଛି ଓ ଗତ 20 ମାସ ଭିତରେ କେତେ ଜଣ ନିର୍ମାଣ ଶ୍ରମିକ ମାନଙ୍କୁ ସରକାର କି କି ସହାୟତା ଓ କେତେ ପରିମାଣରେ ପ୍ରଦାନ କରିଛନ୍ତି, ସରକାର ନିର୍ମାଣ ଶ୍ରମିକ କଲ୍ୟାଣ ପାଣ୍ଠି ପାଇଁ କେତେ ଟଙ୍କାର ସେସ ଆଦାୟ କରିଛନ୍ତି କହିବେ କି, ଅଧୁନା ରାଜ୍ୟରେ କେତେ ସଂଖ୍ୟାରେ ସଙ୍ଗଠିତ ଶ୍ରମିକ ଓ କେତେ ସଂଖ୍ୟାରେ ଅଣସଙ୍ଗଠିତ ଶ୍ରମିକ ଅଛନ୍ତି ଓ ସରକାର ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ମହିଳା ଶ୍ରମିକ ମାନଙ୍କ ଭବିଷ୍ୟତ ସୁରକ୍ଷା ପାଇଁ କଣ ଯୋଜନା କରିଛନ୍ତି ?

----

**ଚାରା ବଣ୍ଟନ**

2528 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର)ଃ**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ୨୦୧୯-୨୦ରୁ ଏପର୍ଯ୍ୟନ୍ତ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀ ବର୍ତ୍ତମାନସୁଦ୍ଧା ବଣ୍ଟନ ହୋଇସାରିଛି ଓ କେତେ ଚାରା ଅନ୍ତର୍ଗତ କେଉଁ ପଞ୍ଚାୟତର କେଉଁ କେଉଁ ଜଙ୍ଗଲ ପାଇଁ କେତେ ଚାରା ରୋପଣ ହୋଇଛି ମୋଟ କେତେ ଏକର ଜମି ବ୍ୟବହୃତ ହେଲା ଓ ଏହାର ରକ୍ଷଣା ବେକ୍ଷଣ ଦାୟିତ୍ୱ ରେ କେଉଁ କେଉଁ ଅଧିକାରୀ ନିଯୋଜିତ ଅଛନ୍ତି, କେତେ ଟଙ୍କା ବାର୍ଷିକ ଖର୍ଚ୍ଚ ହେଉଛି ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି; (ଖ) ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀ ରେ କେଉଁ ଗ୍ରାମପଞ୍ଚାୟତ କେଉଁ ମୌଜାରେ କେତେ ନୂଆ ଜଙ୍ଗଲ ସୃଷ୍ଟି ହୋଇସାରିଛି ୨୦୧୯-୨୦ରୁ ଏପର୍ଯ୍ୟନ୍ତ ବର୍ଷୱାରୀ ସରକାର ତଥ୍ୟ ଉପସ୍ଥାପନ କରିବେ କି ?

----

**ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀର ପାଇପ ଜଳଯୋଜନା**

2529 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- କୋରାପୁଟ ଜିଲ୍ଲାର ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀର ଅନେକ ଗ୍ରାମପଞ୍ଚାୟତରେ ପାଇପ୍ ଜଳ ଯୋଜନା ଅସମ୍ପୂର୍ଣ୍ଣ କିମ୍ବା ଅଚଳ ଅବସ୍ଥାରେ ରହିଥିବାରୁ ଲୋକମାନେ ସୁରକ୍ଷିତ ପାନୀୟ ଜଳରୁ ବଞ୍ଚିତ ହେଉଛନ୍ତି ଓ ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀରେ କେତେ ପାଇପ୍ ଜଳ ଯୋଜନା ଅନୁମୋଦିତ ହୋଇଛି, କେତେ ସମ୍ପୂର୍ଣ୍ଣ ହୋଇଛି, କେତେ ଅସମ୍ପୂର୍ଣ୍ଣ କିମ୍ବା ଅଚଳ ଅବସ୍ଥାରେ ଅଛି ଏବଂ ସେଗୁଡ଼ିକୁ କେବେ ସୁଦ୍ଧା ସଚଳ କରାଯିବ?

----

**କ୍ଷତି ପୂରଣ ବ୍ୟବସ୍ଥାରେ ଲାଗୁ ହୋଇଥିବା ନିୟମ କାର୍ଯ୍ୟକାରୀ**

2530 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ)ː**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରୁ ପ୍ରତିବର୍ଷ ହଜାର ହଜାର ଶ୍ରମିକ ଅନ୍ୟ ରାଜ୍ୟକୁ ପ୍ରବାସ କରୁଥିବା ସତ୍ତ୍ୱେ ସେମାନଙ୍କୁ ସୁରକ୍ଷା, ନିବନ୍ଧନ ଓ ଦୁର୍ଘଟଣା/ମୃତ୍ୟୁ ସମୟରେ କ୍ଷତିପୂରଣ ବ୍ୟବସ୍ଥାରେ ଲାଗୁ ହୋଇଥିବା ନିୟମ କାର୍ଯ୍ୟକାରୀ ହେଉ ନଥିବା ସତ୍ୟ କି, ବିଗତ ବର୍ଷରେ କେତେ ପ୍ରବାସୀ ଶ୍ରମିକ ପଞ୍ଜୀକୃତ ହୋଇଛନ୍ତି, କେତେ ଦୁର୍ଘଟଣା/ମୃତ୍ୟୁ ଘଟଣାରେ କ୍ଷତିପୂରଣ ଦିଆଯାଇଛି ଏବଂ କେତେ ମାମଲା ବାକି ରହିଛି?

----

**PSU ୱାରୀ ଅଡିଟ ଆପତ୍ତି**

2531 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ)ː**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟର ସରକାରୀ ଉଦ୍ୟୋଗ ଗୁଡ଼ିକରେ CAG ଅଡିଟ୍ ଓ ଆଭ୍ୟନ୍ତରୀଣ ଅଡିଟ୍‌ରେ ଗୁରୁତର ଆପତ୍ତି ଉଠୁଥିବା ସତ୍ତ୍ୱେ ଅନେକ ମାମଲା / ଦୀର୍ଘଦିନ ଧରି ବିଚାରାଧିନ ଅଛି, ବିଗତ ୫ ବର୍ଷରେ PSU ୱାରି ଭାବେ କେତେ ଅଡିଟ୍ ଆପତ୍ତି ଉଠିଛି, କେତେ ଆପତ୍ତି ନିରାକରଣ ହୋଇଛି ଓ କେତେ ଅବଶିଷ୍ଟ ରହିଛି, ଏହାର ଦାୟିତ୍ୱ ନିର୍ଣ୍ଣୟ କରି କେତେ ଅଧିକାରୀଙ୍କ ବିରୋଧରେ ଆର୍ଥିକ/ଶାସନାତ୍ମକ କାର୍ଯ୍ୟାନୁଷ୍ଠାନ ନିଆଯାଇଛି?

----

**ଶ୍ରମିକ ପଞ୍ଜିକରଣ ପାଇଁ ଲକ୍ଷ୍ୟ**

2532 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା)ː**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡ଼ିଶା ଅସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ (OUWSSB) ଦ୍ୱାରା ବାର୍ଷିକ ୪ ଲକ୍ଷ ଶ୍ରମିକ ପଞ୍ଜିକରଣ କରିବାର ଯେଉଁ ଲକ୍ଷ୍ୟ ରଖାଯାଇଛି, ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା କେତେ ଶ୍ରମିକଙ୍କୁ ପଞ୍ଜିକୃତ କରାଯାଇଛି ଏବଂ ବାଲେଶ୍ୱର ଜିଲ୍ଲାରେ ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ କେତେଜଣ ଅସଂଗଠିତ ଶ୍ରମିକଙ୍କୁ 'ସୁରକ୍ଷା ପୋର୍ଟାଲ'ରେ ଅନ୍ତର୍ଭୁକ୍ତ କରାଯାଇଛି ?

----

**ବାତ୍ୟା ପ୍ରତିରୋଧ ରାସ୍ତା ନିର୍ମାଣ ପାଇଁ ଅର୍ଥ ମଞ୍ଜୁର**

2533 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା)ː**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପ୍ରତିବର୍ଷ ବାତ୍ୟା କିମ୍ବା ବନ୍ୟା ସମୟରେ ସମୁଦ୍ର ଉପକୂଳବର୍ତ୍ତୀ ଗ୍ରାମ ଗୁଡ଼ିକର ନଷ୍ଟ ହୋଇଯାଉଥିବା ରାସ୍ତାଗୁଡ଼ିକର ନିର୍ମାଣ ପାଇଁ ବାତ୍ୟା ପ୍ରତିରୋଧ ରାସ୍ତା (Cyclone Resilient Road) ନିର୍ମାଣ ଉପରେ ସରକାର ଗୁରୁତ୍ୱ ଦେଉଥିବା ବେଳେ ଚଳିତ ୨୦୨୫-୨୬ ଆର୍ଥିକ ବର୍ଷରେ ବସ୍ତା ନିର୍ବାଚନ ମଣ୍ଡଳୀର କେଉଁ ରାସ୍ତାକୁ ଏଥିରେ ଅନ୍ତର୍ଭୁକ୍ତ କରାଯାଇ କେତେ ଅର୍ଥ ମଞ୍ଜୁର ହୋଇଛି ଏବଂ ସେହି ରାସ୍ତା ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ଜଣାଇବେ କି ?

----

**ଅଧିକ ପ୍ରଦୂଷିତ ଥିବା ନଦୀ ଜଳ**

2534 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା)ː**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (SPCB) ର ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ ଓଡ଼ିଶାର କେଉଁ ନଦୀଗୁଡ଼ିକର ଜଳ ଅଧିକ ପ୍ରଦୂଷିତ ଏବଂ ସେଗୁଡ଼ିକର BOD (Biochemical Oxygen Demand) ମାତ୍ରା କେତେ, ତାହାର ଏକ ଜିଲ୍ଲା ଓ ନଦୀ ଭିତ୍ତିକ ତାଲିକା ପ୍ରଦାନ କରିବେ କି, (ଖ) ବାଲେଶ୍ୱର ଜିଲ୍ଲାର ମୁଖ୍ୟ ନଦୀ ଯଥା ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଏବଂ ଜଳକା ଇତ୍ୟାଦି ନଦୀର ପ୍ରଦୂଷଣ ସ୍ଥିତି କଣ ଅଛି ଏବଂ ଗତ ୨ବର୍ଷ ମଧ୍ୟରେ ଏହି ନଦୀଗୁଡ଼ିକର ଜଳର ଗୁଣବତ୍ତାରେ କଣ ପରିବର୍ତ୍ତନ ଆସିଛି ଓ ସେ ବାବଦରେ ସରକାରଙ୍କ ପଦକ୍ଷେପ ସମ୍ବନ୍ଧରେ ଜଣାଇବେ କି ?

----

**Number of villages in Gumma Block**

2535 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି)ː**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) The Number Of Villages In Gumma Block That Have Been Fully Covered Under The Jal Jeevan Mission (JJM) As Of Date, (b) Whether The Government Is Aware That Gumma Block, Being A Predominantly Tribal And Remote Hilly Area, Frequently Faces Acute Shortage Of Drinking Water During The Summer Months, Particularly In Tribal Villages, are What Is The Present Status Of The Mega Piped Water Supply Project For Gumma Block, Including The what Total Sanctioned Budget And The Expected Date Of Completion, How Many Tube Wells In The Block Are Currently NonFunctional, And What Immediate Steps Have Been Taken By The Government For Their Repair And Restoration ?

----

**Steps taken to appoint Regular JE and ME in Kashinagar NAC**

2536 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି)ː**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (a) Whether The Government Is Aware That Due To The Non-Posting Of Regular Junior Engineer (JE) And Municipal Engineer (ME) In Kashinagar NAC,Gajapati District For Several Years, Development Works Have Been Adversely Affected, (b) Whether It Is A Fact That The Present ME Is Giving More Time To Block Duties Instead Of NAC Work, of So, What Steps Are Being Taken By The Government To Appoint Regular JE And ME In Kashinagar NAC To Ensure Smooth Implementation Of Development Works ?

----

**Protect the Crops and Livelihood of the Farmers**

2537 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି)ː**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (A) Whether The Government Is Aware That For The Past Several Years, A Group Of Four Wild Elephants Has Been Entering Villages During The Crop Season In Kashinagar Block And Causing Severe Damage To Agricultural Crops In Kidigam Panchayat, Budura Panchayat, Khandava Panchayat, Siali Panchayat, Goribandha And Partada Panchayat, (b) Despite Repeated Complaints From The Farmers, No Action Has Been Taken So Far. So What Specific Measures Have Been Taken By The Government To Prevent Such Incidents And To Protect The Crops And Livelihood Of The Farmers, Whether The Government Proposes To Provide Compensation To The Affected Farmers And Implement Permanent Solutions To Address This Issue ?

----

**Drink Farm Tap ଯୋଜନାରେ ପାନୀୟ ଜଳ ଯୋଗାଣ**

2538 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ː**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଚଳିତ ଗ୍ରୀଷ୍ମଋତୁକୁ ଆଖିଆଗରେ ରଖି ରାଜ୍ୟରେ ପାନୀୟ ଜଳ ସୁବିଧା ନିମନ୍ତେ ସରକାର କେଉଁକେଉଁ ପୂର୍ବତୟାରୀମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି, (ଖ) ରାଜ୍ୟରେ ବର୍ତ୍ତମାନ କେଉଁକେଉଁ ଜିଲ୍ଲା, ବ୍ଲକ ଓ ସହର/ଗ୍ରାମ ଅଞ୍ଚଳକୁ Drink From Tap ଯୋଜନାରେ ପାନୀୟ ଜଳ ଯୋଗାଇ ଦିଆଯାଉଛି, ଏହାର ଜିଲ୍ଲାୱାରୀ ଓ ବ୍ଲକ ୱାରୀ ତଥ୍ୟ ଉପସ୍ଥାପନ କରିବେ କି, ଆଦ୍ୟାବଧି ରାଜ୍ୟରେ ମୋଟ କେତେ ଅଞ୍ଚଳକୁ ଏହି ଯୋଜନାରେ ପାନୀୟ ଜଳ ଯୋଗାଣ ସୁବିଧା ଦିଆଯାଇଛି ଓ କେତେ ଅଞ୍ଚଳ ଏପର୍ଯ୍ୟନ୍ତ ବାକି ରହିଛି, ବାକି ଥିବା ଅଞ୍ଚଳମାନଙ୍କୁ କେବେ ସୁଦ୍ଧା ବୌଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ସରକାରଙ୍କ ନିର୍ଦ୍ଧାରିତ ସମୟସୀମା କଣ, ବିଗତ ଦୁଇ ବର୍ଷ ମଧ୍ୟରେ କେତେ ଜିଲ୍ଲା, ବ୍ଲକ ଓ ଗ୍ରାମ/ ସହର ଅଞ୍ଚଳକୁ ଏହି ଯୋଜନାରେ ସମ୍ମିଳିତ କରାଯାଇଛି, ଆଗାମୀ ଗ୍ରୀଷ୍ମଋତୁରେ ପାନୀୟ ଜଳ ସଙ୍କଟକୁ କିପରି ପ୍ରତିହତ କରିବା ପାଇଁ ସରକାରଙ୍କ ପ୍ରସ୍ତୁତ Road Map କଣ?

----

**ନିବନ୍ଧିତ ଶ୍ରମିକମାନଙ୍କ ଠାରୁ ଗ୍ରହଣ କରାଯାଉଥିବା ଅଂଶଦାନ**

2539 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା)ː**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶାରେ କର୍ମଚାରୀ ରାଜ୍ୟ ବୀମା ଯୋଜନା ଅନ୍ତର୍ଗତ Employees' State Insurance Corporation (ESIC) ଅଧୀନରେ ନିବନ୍ଧିତ ଶ୍ରମିକମାନଙ୍କ ଠାରୁ ପ୍ରତିବର୍ଷ ଗ୍ରହଣ କରାଯାଉଥିବା ଅଂଶଦାନର ମୋଟ ପରିମାଣ କେତେ, ଉକ୍ତ ଅଂଶଦାନରୁ ରାଜ୍ୟ ସରକାରଙ୍କ ଅଂଶ କେତେ ଏବଂ କେନ୍ଦ୍ର ସରକାରଙ୍କୁ କେତେ ପ୍ରଦାନ କରାଯାଉଛି, ରାଜ୍ୟରେ ଅବସ୍ଥିତ ESI ଚିକିତ୍ସାଳୟ ଓ ନିବନ୍ଧିତ ଚିକିତ୍ସା ସଂସ୍ଥାମାନଙ୍କ ମାଧ୍ୟମରେ ଶ୍ରମିକ ଓ ସେମାନଙ୍କ ପରିବାରଙ୍କ ସ୍ୱାସ୍ଥ୍ୟ ସେବା ପାଇଁ ବିଗତ ଦୁଇ ବର୍ଷରେ କେତେ ଅର୍ଥ ବ୍ୟୟ କରାଯାଇଛି, ବିଗତ ଦୁଇ ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ କଲ୍ୟାଣ ନିମନ୍ତେ ଓଡ଼ିଶା ରାଜ୍ୟକୁ କେତେ ଅନୁଦାନ ପ୍ରଦାନ କରିଛନ୍ତି ଏବଂ ରାଜ୍ୟ ସରକାର ଦ୍ୱାରା ESIC କୁ କେତେ ଅର୍ଥ ଅନୁଦାନ ଦିଆଯାଇଛି, ରାଜ୍ୟରେ ଅବସ୍ଥିତ ESI ଚିକିତ୍ସାଳୟମାନଙ୍କର ଉନ୍ନତି, ସେବା ବିସ୍ତାର ଏବଂ ESIC ମେଡିକାଲ୍ କଲେଜ ସ୍ଥାପନା ପାଇଁ ସରକାର କୌଣସି ପଦକ୍ଷେପ ଗ୍ରହଣ କରିଛନ୍ତି କି?

----

**ସୁନ୍ଦରଗଡ ଜିଲ୍ଲାରେ ଜରୁରୀକାଳୀନ ପାଣି ବ୍ୟବସ୍ଥା**

2540 **ଶ୍ରୀ ସାରଦା ପ୍ରସାଦ ନାୟକ (ରାଉରକେଲା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସାରା ରାଜ୍ୟ ସହିତ ସୁନ୍ଦରଗଡ ଜିଲ୍ଲାରେ ଗ୍ରୀଷ୍ମ ଋତୁର ଆଗମନ ସହିତ ସମ୍ଭାବ୍ୟ ଜଳଭାବ ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାର କୌଣସି ପୂର୍ବତୟା ପ୍ରତିରୋଧମୂଳକ ଓ ପରିଚାଳନାତ୍ମକ ପଦକ୍ଷେପ ଗ୍ରହଣ କରୁଛନ୍ତି କି, ବିଶେଷକରି ସୁନ୍ଦରଗଡ ଜିଲ୍ଲାରେ ପାଣି ଯୋଗାଣ ସୁନିଶ୍ଚିତ କରିବା, ଜଳ ସଂରକ୍ଷଣ, ଭୂଗର୍ଭ ଜଳ ପୁନର୍ଭରଣ ଏବଂ ଜରୁରୀକାଳୀନ ପାଣି ବ୍ୟବସ୍ଥା ପାଇଁ କୌଣସି ଜିଲ୍ଲାଭିତ୍ତିକ କାର୍ଯ୍ୟଯୋଜନା ପ୍ରସ୍ତୁତ କରାଯାଇଛି କି?

----

**ନୂତନ ଜଙ୍ଗଲ ସୃଷ୍ଟି ପାଇଁ ଅନୁଦାନ**

2541 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସରକାର ଙ୍କ ଦ୍ୱାରା ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ଗତ ଆର୍ଥିକ ବର୍ଷ 2023-24,2024-25,2025-26 ବର୍ଷ ରେ କେତେ ଅନୁଦାନ ଦିଆ ଯାଇଛି ଜିଲ୍ଲା ୱାରୀ ଦେବେ କି, ରାୟଗଡା ଜିଲ୍ଲା ରେ କେଉଁ କେଉଁ ଅଂଚଳ ରେ ଏହି ବର୍ଷ ଗୁଡିକ ରେ ନୂତନ ଜଙ୍ଗଲ ସୃଷ୍ଟି ପାଇଁ କେତେ ଅନୁଦାନ ଦିଆଯାଇଛି ?

----

**ଗୁଣୁପୁରରେ ହୋଇଥିବା ଶୌଚାଳୟ ନିର୍ମାଣ କାର୍ଯ୍ୟ**

2542 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡା ଜିଲ୍ଲାର ଗୁଣୁପୁର ମୁନିସିପାଲିଟି ଆର୍ଥିକ ବର୍ଷ 2022 ରୁ 2025 ପର୍ଯ୍ୟନ୍ତ କେତୋଟି ଓ କେଉଁ କେଉଁ ସ୍ଥାନ ରେ କେତେ ଟଙ୍କା ର ଶୌଚାଳୟ ନିର୍ମାଣ କରିଛନ୍ତି, ସେଥିରୁ ନୂତନ bus stand ରେ ଶୌଚାଳୟ ନିର୍ମାଣ କେତେ ଟଙ୍କା ଅନୁଦାନ ରେ ହୋଇଥିଲା ବର୍ତ୍ତମାନ ସେହି ଶୌଚାଳୟ ଗୁଡିକ ର ସ୍ଥିତି କଣ, ଗୁଣୁପୁର ମୁନିସିପାଲିଟି ର sanitation ରେ ଥିବା କର୍ମଚାରି ଙ୍କ ହେରାଫେରୀ ଓ ଦୈନିକ ଉଠା ଦୋକାନ ଙ୍କ ଟିକସ ଆଦାୟ ବିଷୟ ରେ କୌଣସି ଅଭିଯୋଗ ସରକାର ପାଇଛନ୍ତି କି ?

----

**ରାୟଗଡାରେ କାର୍ଯ୍ୟରତ ପାଇପ ଜଳ ପ୍ରକଳ୍ପ**

2543 **ଶ୍ରୀ ସତ୍ୟଜିତ୍ ଗମାଙ୍ଗ (ଗୁଣୁପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡା ଜିଲ୍ଲାର ସମସ୍ତ ଗ୍ରାମ ପଂଚାୟତ କୁ ପାନୀୟ ଜଳ ଯୋଗାଣ ପାଇଁ କେତୋଟି ପାଇପ ଜଳ ପ୍ରକଳ୍ପ କାର୍ଯ୍ୟରତ ଅଛି, Tubewell ସାହାଯ୍ୟ ରେ ଯେଉଁ ପଂଚାୟତ ର ଗାଁ ଗୁଡିକୁ ଜଳ ଯୋଗାଇ ଦିଆଯାଉଛି ସେହି ପଂଚାୟତ କୁ କେବେ ସୁଦ୍ଧା ପାଇପ ସାହାଯ୍ୟ ରେ ଯୋଗେଇବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି, Tubewell ର repair and maintenance ପାଇଁ ଗତ 2023- 24,24-25 ଓ 25-26 ଆର୍ଥିକ ବର୍ଷରେ କେତେ ଅନୁଦାନ ବରାଦ କରାଯାଇଛି ?

----

**ଆର୍ଥିକ ସହାୟତା**

2544 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ବ୍ଲକ୍ ଓ ପଞ୍ଚାୟତ ପାଛ୍ଚା ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟ ଯୋଜନା ଜରିଆରେ ବାର୍ଷିକ ହାରାହାରି କେତେ ଆର୍ଥିକ ସହାୟତା ଦିଆଯାଇଛ, ସେଥିମଧ୍ୟରୁ କେତେ ଅର୍ଥ କେଉଁ ଯୋଜନା ବାବଦକୁ ଖର୍ଚ୍ଚ ହେଉଛି, ବିଶେଷକରି ଭିତ୍ତିଭୂମି ସାମାଜିକ କଲ୍ୟାଣ, ପଞ୍ଚାୟତି ବ୍ୟବସ୍ଥା ବାବଦରେ କେତେ ଅର୍ଥ ଖର୍ଚ୍ଚ ଅଟେ ?

----

**ଶ୍ରମିକଙ୍କୁ କ୍ଷତି ପୂରଣ ପ୍ରଦାନ**

2545 **ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜଗାଙ୍ଗ ପୁର ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ତ ଶିଳ୍ପ ମାନଙ୍କରେ ଗତ 5 ବର୍ଷରେ ମୋଟ କେତୋଟି ଦୁର୍ଘଟଣା ଘଟିଅଛି ଓ ସେଥିରେ କେତେ ଜଣ ଶ୍ରମିକ ମୃତ୍ୟୁ ବରଣ କରିଛନ୍ତି, କେତେ ଜଣ ଶ୍ରମିକ ବିକଳାଙ୍ଗ ହୋଇଛନ୍ତି, ମୃତ୍ୟୁ ବରଣ କରିଥିବା ଓ ବିକଳାଙ୍ଗ ହୋଇଥିବା ଶ୍ରମିକ ମାନଙ୍କୁ କି ପ୍ରକାର କ୍ଷତିପୂରଣ ଦିଆଯାଇଛି ତାହାର ଏକ ତାଲିକା Industry Wise ଦେବେ କି ଦୁର୍ଘଟଣା ଘଟିଥିବା ଶିଳ୍ପ ମାନଙ୍କ ବିରୁଦ୍ଧରେ କି ପଦକ୍ଷେପ ନେଇଛନ୍ତି ?

----

**ପାର୍କିଂ ସମସ୍ୟା**

2546 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜଧାନୀ ଭୁବନେଶ୍ୱରେ ପାର୍କିଂଙ୍ଗ ବ୍ୟବସ୍ଥା ନଥାଇ ସପିଂଙ୍ଗ ମଲ, କଲ୍ୟାଣ ମଣ୍ଡପ, ବ୍ୟବସାୟିକ ପ୍ରତିଷ୍ଠାନକୁ ଅନୁମତି ଦିଆଯାଇଥିବାରୁ ଲୋକେ ଗାଡି ମୋଟର ରାସ୍ତାରେ ରଖିବାଯୋଗୁଁ ପାର୍କିଂ ସମସ୍ୟା ସୃଷ୍ଟି ହେଉଥିବାରୁ ଏହି ଅବସ୍ଥାର ପୁନଃ ସମୀକ୍ଷାପାଇଁ ବ୍ୟବସ୍ଥା କରିବେ କି ?

----

**ବସ୍ତିକୁ ମୌଳିକ ସୁବିଧା ପ୍ରଦାନ**

2547 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଟଣୀ ସହରରେ କେତୋଟି ବସ୍ତିରେ କେତେ ପରିବାର ବାସବାସ କରୁଛନ୍ତି ପ୍ରକାଶ କରି ସେହି ବସ୍ତିମାନଙ୍କରେ ପାନୀୟଜଳ, ପରିମଳ ଓ ଆଲୋକୀକରଣ ଓ ରାସ୍ତା ସଂଯୋଗ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

**ପ୍ରାପ୍ୟ ପ୍ରଦାନ ପାଇଁ ପଦକ୍ଷେପ**

2548 **ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କିଶୋରନଗର ପଞ୍ଚାୟତ ସମିତିରେ work file ର କାର୍ଯ୍ୟାଦେଶ, estimate payment received by JE payment received by labourers, detail measurement with signature of JE, AEE ର ତଥ୍ୟ ଉପସ୍ଥାପନ କରିବେକି, UD Question No. No2867, dtd. ୨.12.2025 ଉତ୍ତର ପରିପ୍ରେକ୍ଷୀରେ payment ହୋଇଛି ବୋଲି ଉଲ୍ଲିଖିତ ହେଇଛି, Construction of CC rpad at Jharbandhili-6 lakh, construction of CC road from Jharbandhlili to Bhima Bhoi Matha-6 lakh, BNRUB building Block office-15 lakh, repairing of block office staff qrs. - 10 lakh, electrification of Dhaurapali Kalyan Mandap-4 lakh ?

----

**ବିବରଣୀ ପ୍ରଦାନ**

2549 **ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- SAQ No.312 dtd.09.12.25 ରେ ଉତ୍ତର ପରିପ୍ରେକ୍ଷୀରେ କିଶୋରନଗର ବ୍ଲକରେ 2024-25 Sl. No.247, BGBO କାମ Construction of Bhoga mandap at Maheswari Temple କାମଟି Executant Finalise ନଥିବା ଯୋଗୁଁ ଆରମ୍ଭ ହୋଇ ନଥିବା ଜଣେଇଛନ୍ତି, ଏହି କାର୍ଯ୍ୟଟି ସରକାର ଏବଂ Developmental wise ମାଧ୍ୟମରେ ହେଉଛି ନା କାହାର Sponsorship ମାଧ୍ୟମରେ ହେଉଛି ଜଣେଇବେ କି, ଏହି ପ୍ରଶ୍ନର ଉତ୍ତରରେ କାର୍ଯ୍ୟଗୁଡିକ କେଉଁଠି ହେଉଛି, କେତେ ଟଙ୍କାର ହେଉଛି ଏବଂ କେତେ ଟଙ୍କା ଖର୍ଚ୍ଚ ହେଲାଣି ନଜଣାଇ, ଗୃହକୁ ଅସମ୍ପୂର୍ଣ୍ଣ ତଥ୍ୟ ଦେବା ସତ୍ୟ କି ?

----

### ନଳକୂପ ଖନନ

2550 **ଶ୍ରୀ ବିଶ୍ୱରଞ୍ଜନ ମଲ୍ଲିକ୍ (ବରୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଯାଜପୁର ଜିଲ୍ଲାରେ ଗତ ୦୧.୦୭.୨୦୨୪ ରିଖ ରୁ ୩୧.୧୨.୨୦୨୫ ଭିତରେ କେଉଁ କେଉଁ ବ୍ଲକରେ କେତୋଟି Tube Well Sanction ହେଇଛି ଏବଂ ସେଥିମଧ୍ୟରୁ କେଉଁ ବ୍ଲକ୍ ରେ କେତୋଟି ଖୋଳା ହୋଇ କାର୍ଯ୍ୟ ଶେଷ ହୋଇଛି?

----

### ଶ୍ରମ କାର୍ଡ ପ୍ରଦାନ

2551 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ନିର୍ବାଚନ ମଣ୍ଡଳୀ ଅଧିନ ଖଳିସାହି ଠାରେ ଥିବା ଶ୍ରମ ବିଭାଗ ସ୍ୱତନ୍ତ୍ର ସ୍ୱାସ୍ଥ୍ୟକେନ୍ଦ୍ର ରେ ବିଡି ଶ୍ରମିକ ମାନଙ୍କ ସୁରକ୍ଷା ପାଇଁ କଣ ପଦକ୍ଷେପ ନିଆଯାଇଛି ସୂଚନା ଦେବେ କି, ବିଡି ଶ୍ରମିକ ମାନଙ୍କୁ ଶ୍ରମ କାର୍ଡ ବୀମାଭୁକ୍ତ କରିବା ଆବାସ ଯୋଜନାରେ ସାମିଲ ପାଇଁ କଣ ପଦକ୍ଷେପ ନିଆଯାଇଛି କିମ୍ବା ଅଧିକ ପଦକ୍ଷେପ ନିଆ ଯିବାର ବ୍ୟବସ୍ଥା କରାଯିବ କି ?

----

### ରାସ୍ତା ନବୀ କରଣ

2552 **ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ (ଖଣ୍ଡପଡା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖଣ୍ଡପଡା ସହରାଞ୍ଚଳ ସ୍ଥିତ ସୁନାମୁହିଁ ପାର୍କ ଠାରୁ ସଂଯୋଗ କରୁଥିବା ଗୋଳା ପୋଖରୀ ରାସ୍ତା ର ବଡ ହାମରା (ଯୋଗିଆ ପଲ୍ଲୀ) ପର୍ଯ୍ୟନ୍ତ ରାସ୍ତାର ନବୀକରଣ ଓ ପୁନଃରୁଦ୍ଧାର ପାଇଁ ଆର୍ଥିକ ମଞ୍ଜୁରୀ ସହିତ କାର୍ଯ୍ୟ ପାଇଁ ପଦକ୍ଷେପ ନିଆଯିବକି ଜଙ୍ଗଲ ବିଭାଗ ପକ୍ଷରୁ ଏକ ନିୟମିତ ରାସ୍ତା ନିର୍ମାଣ ପାଇଁ ପଦକ୍ଷେପ ନେବେ କି?

----

### ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ଗୃହ ଯୋଗାଣ

2553 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ କେଉଁ ଜିଲ୍ଲାରେ କେତେ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ କେତେ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ଅନ୍ତ୍ୟୋଦୟ ଗୃହ ଯୋଜନାରେ କେତେ ଗୃହ ଯୋଗାଇ ଦିଆଯାଇଛି କି ?

----

### Rain Shed ନିର୍ମାଣ

2554 **ଶ୍ରୀ ସାରଦା ପ୍ରସନ୍ନ ଜେନା (ବାଲିକୁଦ-ଏରସମା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ କଳିଙ୍ଗ ନଗରସ୍ଥିତ K-7, BDA Park ରେ ବହୁସଂଖ୍ୟାରେ ବରିଷ୍ଠ ନାଗରିକମାନେ Morning Wolk ଓ Evening walk କରୁଥିବା ଦୃଷ୍ଟିରୁ ବର୍ଷା ପାଣିରୁ ରକ୍ଷା ପାଇବା ନିମନ୍ତେ ପାର୍କ ଭିତରେ ଥିବା ଚଲାରାସ୍ତା ଉପରେ Rain Shed ନଥିବା ତଥ୍ୟ ପାଖରେ ଅଛି କି ଯଦି ଉତ୍ତର ହଁ ହୁଏ ତେବେ ଏହି Rain Shed ଗୁଡିକ କେବେ ସୁଦ୍ଧା ନିର୍ମାଣ କରିବେ ?

----

### ପାନୀୟ ଜଳ ଯୋଗାଣ

2555 **ଶ୍ରୀ ମାଧବ ଧଡା (ସୋରୋ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବିଧାନସଭା ଅଣତାରକା ପ୍ରଶ୍ନ ସଂଖ୍ୟା.2812 ତାରିଖ 09.12.2025 ର ଉତ୍ତର ଅନୁଯାୟୀ ସୋରୋ ନିର୍ବାଚନ ମଣ୍ଡଳୀ ର ପାନୀୟ ଜଳ ସମସ୍ୟା ର ସମାଧାନ ମାର୍ଚ୍ଚ 2026 ସୁଦ୍ଧା ସବୁ ଘରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇଦିଆଯିବ ର ପ୍ରତିଶ୍ରୁତି ମନ୍ତ୍ରୀ ଗୃହରେ ଜଣାଇଥିଲେ ମାତ୍ର field ରିପୋର୍ଟ ରେ ଅନେକ ଘର ପାନୀୟ ଜଳ ରୁ ବଞ୍ଚିତ ଅଛନ୍ତି କେତେ ଗୋଟି ଘର ପାନୀୟ ଜଳ ରୁ ବଂଚିତ ଅଛନ୍ତି ଗ୍ରା(କ) ବିଧାନସଭା ଅଣତାରକା ପ୍ରଶ୍ନ ସଂଖ୍ୟା.2812 ତାରିଖ 09.12.2025 ର ଉତ୍ତର ଅନୁଯାୟୀ ସୋରୋ ନିର୍ବାଚନ ମଣ୍ଡଳୀ ରୁ ପାନୀୟ ଜଳ ସମସ୍ୟା ର ସମାଧାନ ମାର୍ଚ୍ଚ 2026 ସୁଦ୍ଧା ସବୁ ଘରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦିଆଯିବାର ପ୍ରତିଶ୍ରୁତି ସରକାର ଜଣାଇଥିଲେ, ମାତ୍ର field ରିପୋର୍ଟ ରେ ଅନେକ ଘର ପାନୀୟ ଜଳ ରୁ ବଞ୍ଚିତ ଅଛନ୍ତି କେତେ ଗୋଟି ଘର ପାନୀୟ ଜଳ ରୁ ବଂଚିତ ଅଛନ୍ତି ଗ୍ରାମପଞ୍ଚାୟତ ୱାରୀ ଗ୍ରାମ ୱାରୀ ତଥ୍ୟ ପ୍ରଦାନ କରିବେ କି, (ଖ ) ସୋରୋ ନିର୍ବାଚନ ମଣ୍ଡଳୀ ର uncovered ପଡା କୁ ସୋଲାର pump ମାଧ୍ୟମ ରେ ପାନୀୟ ଜଳ ଯୋଗାଇବା ପାଇଁ ପଦକ୍ଷେପ ନେବେ କି କେତେ ଗୋଟି ପଡ଼ା uncovered ତାହାର ତଥ୍ୟ ଗ୍ରାମପଞ୍ଚାୟତ ୱାରୀ ଗ୍ରାମ ୱାରୀ ତଥ୍ୟ ପ୍ରଦାନ କରିବେ କି ଏବଂଆଗାମୀ ଗ୍ରୀଷ୍ମ ଋତୁ କୁ ଲକ୍ଷ୍ୟ କରି ପାହାଡିଆ ଅଞ୍ଚଳ ରେ କଣ ପଦକ୍ଷେପ ଗ୍ରହଣ କରିବେ ?ମପଞ୍ଚାୟତ ୱାରୀ ଗ୍ରାମ ୱାରୀ ତଥ୍ୟ ପ୍ରଦାନ କରିବେ କି?
(ଖ ) ସୋରୋ ନିର୍ବାଚନ ମଣ୍ଡଳୀ ର uncovered ପଡା କୁ ସୋଲାର pump ମାଧ୍ୟମ ରେ ପାନୀୟ ଜଳ ଯୋଗାଇବା ପାଇଁ ପଦକ୍ଷେପ ନେବେ କି କେତେ ଗୋଟି ପଡ଼ା uncovered ତାହାର ତଥ୍ୟ ଗ୍ରାମପଞ୍ଚାୟତ ୱାରୀ ଗ୍ରାମ ୱାରୀ ତଥ୍ୟ ପ୍ରଦାନ କରିବେ କି ଏବଂଆଗାମୀ ଗ୍ରୀଷ୍ମ ଋତୁ କୁ ଲକ୍ଷ୍ୟ କରି ପାହାଡିଆ ଅଞ୍ଚଳ ରେ କଣ ପଦକ୍ଷେପ ଗ୍ରହଣ କରିବେ ତାହାର ସମସ୍ତ ତଥ୍ୟ ପ୍ରଦାନ କରିବେ କି?

----

### ଶ୍ରମିକଙ୍କୁ ସହାୟତା ପ୍ରଦାନ

2556 **ଶ୍ରୀ ମାଧବ ଧଡା (ସୋରୋ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ସୋରୋ ନବାଚନ ମଣ୍ଡଳୀ ରେ ଦୁଇଗୋଟି ବ୍ଲକ ସୋରୋ ଓ ବାହାନଗା ବ୍ଲକ କାର୍ଯ୍ୟାଳୟ ରେ ଦୁଇଗୋଟି ବ୍ଲକ ଦାୟିତ୍ୱ ରେ ଥିବା ଶ୍ରମ ଅଧିକାରୀ ଙ୍କ ସପ୍ତାହ ରେ ନିର୍ଦ୍ଦିଷ୍ଟ ଦିନ ମାନଙ୍କ ରେ ସେବା ପ୍ରଦାନ ପାଇଁ ବିଭାଗ ପଦକ୍ଷେପ ନେବେ କି, ଯାହାଦ୍ୱାରା କି ବାଲେଶ୍ୱର ରେ ଜିଲ୍ଲା କାର୍ଯ୍ୟଳୟ ବ୍ଲକ ଦାୟିତ୍ୱ ରେ ଥିବା ଶ୍ରମ ଅଧିକାରୀ ନିରୀହ ଓ ନିରକ୍ଷର ସାଧାରଣ ଶ୍ରମିକ ସରକାରୀ ସହାୟତା ପାଇଁ ଦଲାଲ (ମଧ୍ୟସ୍ଥି ) ର ଶିକାର ହେଉଥିବା ର ଖବର ବିଭାଗ ନଜରରେ ଅଛି କି, ଯଦି ହଁ ତେବେ ତୁରନ୍ତ ବ୍ଲକ ରେ ନିର୍ଦ୍ଦିଷ୍ଟ ଦିନ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେବେ କି, ଏବଂ (ଖ ) ଏହି ଦୁଇଗୋଟି ବ୍ଲକ ଦାୟିତ୍ୱ ରେ ଥିବା ଶ୍ରମ ଅଧିକାରୀ ଗତ 2 ବର୍ଷ ମଧ୍ୟରେ କେତେ ଥର field ତଦନ୍ତ କରି ଶ୍ରମିକ card ରୁ ବଞ୍ଚିତ ଥିବା ସଠିକ ଶ୍ରମିକ ମାନଂକୁ ନିଜର ଶ୍ରମିକ card ପ୍ରଦାନ କରିଛନ୍ତି ଏବଂ ଶ୍ରମିକ ମାନଙ୍କ ର ସରକାରୀ ସହାୟତା ପ୍ରଦାନ କରିଛନ୍ତି?

----

### ନିର୍ମାଣଧିନ ଅବସ୍ଥାରେ ଥିବା ମେଗା ପାନୀୟ ଜଳ ପ୍ରକଳ୍ପ

2557 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ ଜିଲ୍ଲାରେ କେତୋଟି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ସମାପ୍ତ ହେବା ସହ କେତୋଟି ନିର୍ମାଣଧିନ ଅବସ୍ଥାରେ ରହିଛି ଓ ଏଥିରୁ କେତୋଟି ଧାର୍ଯ୍ୟ ସମୟ ମଧ୍ୟରେ ସମ୍ପ୍ରାପ୍ତ ନ ହୋଇ କେଉଁ କାରଣବଶତଃ ପଡି ରହିଛି, ସବିଶେଷ ବିବରଣୀ ସହ ପ୍ରଦାନ କରିବା ସହ ଏହାର କେବେ ସୁଦ୍ଧା ସମାପ୍ତି ହେବ ?

----

### ଭଦ୍ରକ ପୌରପାଳିକା ତରଫରୁ ହୋଇଥିବା ଆୟ ଏବଂ ବ୍ୟୟର ପରିମାଣ

2558 **ଶ୍ରୀ ସୀତାଂଶୁ ସେଖର ମହାପାତ୍ର (ଭଦ୍ରକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଗତ ୩ ବର୍ଷ ଅବଧିରେ ଭଦ୍ରକ ପୌରପାଳିକା ତରଫରୁ ମୋଟ କେତେ ଆୟ ଏବଂ ବ୍ୟୟ ହୋଇଛି, ପରିଚ୍ଛନ୍ନତା/ସାନିଟେଶନ ବାବଦ କେତେ ଖର୍ଚ୍ଚ କରାଯାଇଛି, ଏହି ଅବଧିରେ ପୌରପାଳିକାର ସମସ୍ତ ଶାଖା (Sections) ଯଥା ଜଳସେବା, ବିଦ୍ୟୁତ ଆଲୋକ ୱେଷ୍ଟ ମ୍ୟାନେଜମେଣ୍ଟ, ବିଲିଂ, ହୋଲିଂ ଟ୍ୟାକ୍ସ, Development Works ଇତ୍ୟାଦି - ଅଧୀନ କେଉଁ କେଉଁ କାର୍ଯ୍ୟ ସମ୍ପାଦିତ ହୋଇଛି ?

----

### ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ପଦକ୍ଷେପ

2559 **ଶ୍ରୀ ବିଶ୍ୱରଞ୍ଜନ ମଲ୍ଲିକ୍ (ବରୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଯାଜପୁର ଜିଲ୍ଲାରେ କେତୋଟି Megha Pipe Water Supply Project ଚାଲୁଅଛି ଓ କେଉଁ Project ରେ କେଉଁ ବ୍ଲକ୍ ସାମିଲ ଅଛି, ସେହି Project ଗୁଡିକର Agreement Value କେତେ ଥିଲା ଓ କେବେ ଆରମ୍ଭ ହୋଇ ଏବଂ କେବେ ଶେଷ ହେବାର ଥିଲା, ଆରମ୍ଭରୁ ୩୧.୦୩.୨୦୨୪ ପର୍ଯ୍ୟନ୍ତ କେତେ ଭାଗ (%) କାର୍ଯ୍ୟ ହୋଇଥିଲା ଏବଂ ୦୧.୦୪.୨୦୨୪ ରୁ ୩୧.୧୨.୨୦୨୫ ପର୍ଯ୍ୟନ୍ତ କେତେ ହୋଇଛି ତାହାର Project Wise ତଥ୍ୟ ପ୍ରଦାନ କରିବା ସହିତ ସେଗୁଡିକ କେବେ ସୁଧା ସରିବ?

----

### Total Number of PMGSY Road for Gumma Block

2560 **ଶ୍ରୀ ରୁପେଶ କୁମାର ପାଣୀଗ୍ରାହୀ (ପାରଳାଖେମୁଣ୍ଡି):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (A) The Total Number Of PMGSY (Pradhan Mantri Gram Sadak Yojana) Road Projects Currently Sanctioned For Gumma Block Of Gajapati District, (B) Out Of These Projects, How Many Have Exceeded Their Original Completion Deadlines, And What Are The Specific Reasons For Such Delays (Such As Forest Clearance Issues, Contractor Negligence, Etc.), and The Total Budget Allocation Made For Maintenance Of Rural Roads In Gumma Block For The Financial Year 2025-26, What Steps Have Been Taken By The Government During The Current Year To Construct A New Community Building Or Administrative Block For The Panchayat Samiti Office In Gumma ?

----

**ବକେୟା ପ୍ରାପ୍ୟ ପ୍ରଦାନ**

2561 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ସରକାରୀ ଉଦ୍ୟୋଗ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟ ସରକାରଙ୍କ କେତୋଟି ସରକାରୀ ଉଦ୍ୟୋଗ ରହିଛି; ସେଥିରେ ନିୟୋଜିତ ସରକାରୀ ଅଧିକାରୀ ଓ ଅନ୍ୟ କର୍ମଚାରୀଙ୍କ (supplied Agency ସହ) ସଂଖ୍ୟା କେତେ; ନିଗମ ଗୁଡ଼ିକର ESIC code, year, କେତେ ଜଣ ସାମିଲ ହୋଇଛନ୍ତି; ସରକାରୀ ଉଦ୍ୟୋଗୁଡିକରେ ନିଗମର ସମସ୍ତ କର୍ମଚାରୀଙ୍କ ପଦବୀ କଣ ଅସ୍ଥାୟୀ; ଠିକାସଂସ୍ଥାଙ୍କ ଦ୍ୱାରା ନିୟୋଜିତ ନା ସରକାରଙ୍କ ନିୟମିତ କର୍ମଚାରୀ ଦ୍ୱାରା ନିଗମ ପରିଚାଳନା କରାଯାଏ ସ୍ୱଷ୍ଟୀକରଣ ରଖିବେ କି; ଅନେକ ନିଗମରେ ଅବସରପରେ ଅନେକ ପଦବୀ ଖାଲି ପଡୁଥିବା କାରଣରୁ ନୂଆଁ ନିଯୁକ୍ତି ପାଇଁ ସରକାର କେବେ ପ୍ରକ୍ରିୟା ଆରମ୍ଭ କରିଛନ୍ତି; ବହୁଦିନ ବୋଲି ଯେଉଁ ମାନେ Contractual ରେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ଅତ୍ୟନ୍ତ ପକ୍ଷେ ଅଭିଜ୍ଞତାକୁ ପାଥେୟ କରି ନିୟମିତ କରିବେ କି, (ଖ) ସମସ୍ତ ନିଗମର ସର୍ଭିସ ରୁଲରେ ବକେୟା ଦରମା ପାଇଁ ଭିନ୍ନ ଭିନ୍ନ ନିୟମ ରହିଛି କି?

----

**କାର୍ଯ୍ୟକରୁଥିବା କୁଶଳୀ / ଅର୍ଦ୍ଧକୁଶଳୀଙ୍କ ତଥ୍ୟ**

2562 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆମ ରାଜ୍ୟରୁ ପୋଡ଼ଶୀ ରାଜ୍ୟକୁ ରୋଜଗାର ଅନେଷ୍ୱଣ ଉଦ୍ଦେଶ୍ୟରେ ବିଶେଷ କରି ମାଲକାନଗିରି ଓ କୋରାପୁଟ ଜିଲ୍ଲାରୁ ଯାଇଛନ୍ତି ସେପରି ଆମ ରାଜ୍ୟକୁ ଅନ୍ୟ ରାଜ୍ୟର କେତେ କୁଶଳୀ/ଅର୍ଶ କୁଶଳୀ/ଅଣକୁଶଳୀ ଆସି ବିଭିନ୍ନ କାର୍ଯ୍ୟ କରୁଛନ୍ତି ତାହାର ତଥ୍ୟ ପ୍ରଦାନ କରିବେ କି; ଆମ ରାଜ୍ୟର ଶ୍ରମିକ ମାନେ ନିଜ ରାଜ୍ୟରେ ରହି କର୍ମଜିବୀ ହେବା ପାଇଁ ସରକାରଙ୍କ କି ରୋଡମ୍ୟାପ ପ୍ରସ୍ତୁତ କରିଛନ୍ତି ?

----

**ବର୍ଷା ଜଳ ଓ ନାଳ ପାଣି ନିଷ୍କାସନ ଡ୍ରେନର କାର୍ଯ୍ୟ**

2563 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲିମେଳା ଏନ.ଏ.ସି, Sunabeda Municipality, Koraput Municipality ରେ ଅନୁମୋଦିତ ପଦବୀ କେତେ, ଆବଶ୍ୟକତ ପଦବୀ କେତେ, କେତେ ଖାଲି ପଡ଼ିଛି, ଆଉଟ୍ Sourcing ପଦବୀ କେତେ ରହିଛି ; କାର୍ଯ୍ୟ ସୁଚାରୁ ପାଇଁ କେବେ ସୁଦ୍ଧା ଖାଲି ପଦବୀ ପୂରଣ କରିବେ, କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସଂସ୍ଥାରେ ଅନିୟମିତ କାର୍ଯ୍ୟ ପାଇଁ ପଦବୀ ପୂରଣ ପାଇଁ ନିୟମାନୁଯାୟୀ କେଉଁ ଅଧିକାର ମାନ ରହିଛି, (ଖ) ବାଲିମେଳା ଅଫିସର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ କରିବା ଦିଗରେ ବିଳମ୍ବର କାରଣ କଣ, ବାଲିମେଳା ଏନ.ଏ.ସି ରେ ବର୍ଷା ଜଳ ଓ ନାଳ ପାଣି ନିଷ୍କାସନ ଡ୍ରେନର କାର୍ଯ୍ୟ ଅଗ୍ରଗତି ବର୍ତ୍ତମାନ କେଉଁ ସ୍ତରରେ ଅଛି, ସର୍ଭେ / ଡିପିଆର/ଡିଜାଇନ କେଉଁ ସଂସ୍ଥା କେତେ ଅର୍ଥ ବିନିମୟରେ ରିପୋର୍ଟ ପ୍ରସ୍ତୁତ କରି ହସ୍ତାନ୍ତର କରିସାରିଛନ୍ତି କି, କେବେ ସୁଦ୍ଧା ଟେଣ୍ଡର ଡକାଯାଇ କାର୍ଯ୍ୟ ଆରମ୍ଭ ହେବ, drain ଟାଉନ ପ୍ଲାନିଙ୍ଗରେ ସାମିଲ ହୋଇଛି କି, ଟାଉନ planning କାର୍ଯ୍ୟକାରୀ ହେବାର ସମୟ ସୀମା କଣ ?

----

**ନୂତନ ଗୃହ ନିର୍ମାଣ**

2564 **ଶ୍ରୀ ମଙ୍ଗୁ ଖିଲ (ଚିତ୍ରକୋଣ୍ଡା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) Balimela NAC, Sunabeda Municipality, Koraput Municipality ରେ ଅନୁମୋଦିତ ପଦବୀ କେତେ, ଆବଶ୍ୟକତା ପଦବୀ କେତେ, କେତେ ଖାଲି ପଡ଼ିଛି, ଆଉଟ୍ Sourcing ପଦବୀ କେତେ ରହିଛି ; କାର୍ଯ୍ୟ ସୁଚାରୁ ପାଇଁ କେବେ ସୁଦ୍ଧା ଖାଲି ପଦବୀ ପୂରଣ କରିବେ; କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସଂସ୍ଥାରେ ଅନିୟମିତ କାର୍ଯ୍ୟ ପାଇଁ ପଦବୀ ପୂରଣ ପାଇଁ ନିୟମାନୁଯାୟୀ କେଉଁ ଅଧିକାରମାନ ରହିଛି, (ଖ)- ବାଲିମେଳା ଅଫିସର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ କରିବା ଦିଗରେ ବିଳମ୍ବ ର କାରଣ କଣ; ବାଲିମେଳା ଏନ.ଏ.ସି ରେ ବର୍ଷା ଜଳ ଓ ନାଳ ପାଣି ନିଷ୍କାସନ ଡ୍ରେନର କାର୍ଯ୍ୟ ଅଗ୍ରଗତି ବର୍ତ୍ତମାନ କେଉଁ ସ୍ତରରେ ଅଛି, ସର୍ଭେ / ଡିପିଆର/ଡିଜାଇନ କେଉଁ ସଂସ୍ଥା କେତେ ଅର୍ଥ ବିନିମୟରେ ରିପୋର୍ଟ ପ୍ରସ୍ତୁତ କରି ହସ୍ତାନ୍ତର କରିସାରିଛନ୍ତି କି, କେବେ ସୁଦ୍ଧା ଟେଣ୍ଡର ଡକାଯାଇ କାର୍ଯ୍ୟ ଆରମ୍ଭ ହେବ, drain ଟାଉନ ପ୍ଲାନିଙ୍ଗରେ ସାମିଲ ହୋଇଛି କି; ଟାଉନ planning କାର୍ଯ୍ୟକାରୀ ହେବାର ସମୟ ସୀମା ପ୍ରଦାନ କରିବେ କି ?

----

**Street light ଲଗାଇବା ସମ୍ପର୍କରେ**

2565 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ସହରରେ ପୁରୀ ମହାନଗର ନିଗମ ଦ୍ୱାରା ବିଭିନ୍ନ ଜାଗାରେ Street Light repairing ଏବଂ upgradation ପାଇଁ କେଉଁ ସଂସ୍ଥାକୁ ନିଯୁକ୍ତ କରାଯାଇଛି ; କେଉଁ କେଉଁ ଅଞ୍ଚଳ ପାଇଁ ଏବଂ 2024-25 ଓ 2025-26 ଆର୍ଥିକ ବର୍ଷରେ ସମୁଦାୟ କେତେ ଟଙ୍କାର ଚୁକ୍ତି କରାଯାଇଛି ; ଏବଂ କେଉଁ ୱାର୍ଡରେ କେତେ ମୂଲ୍ୟର ଖର୍ଚ୍ଚ ଉକ୍ତ ସଂସ୍ଥା ଓ ମହାନଗର ନିଗମ ଦ୍ୱାରା କରାଯାଇଛି?

----

**ରାସ୍ତା ମରାମତି**

2566 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ୨୦୨୪ - ୨୫ ଓ ୨୦୨୫ - ୨୬ ଆର୍ଥିକ ବର୍ଷରେ ପୁରୀ ମହାନଗର ନିଗମ ଜରିଆରେ ପୁରୀ ସହରର କେଉଁ କେଉଁ ୱାର୍ଡ଼ରେ କେଉଁ ରାସ୍ତାର ମରାମତି ଓ ଉନ୍ନତିକରଣ କରାଯାଇଛି ଏବଂ କେତେ ଆର୍ଥିକ ଅନୁଦାନରେ କରାଯାଇଛି, ବିଶେଷକରି ୧ ଲକ୍ଷରୁ ୧ କୋଟି ଭିତରେ କେଉଁ କେଉଁ କାର୍ଯ୍ୟ କରାଯାଇଛି?

----

**ଟିକସ ପ୍ରଦାନ**

2567 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଟଣୀ ନିର୍ବାଚନ ମଣ୍ଡଳୀର ଗ୍ରାମାଞ୍ଚଳରେ ନିର୍ମିତ ଗୋଦାମଘର, ଆପାର୍ଟମେଣ୍ଟ,ଡୁପ୍ଲେକ୍ସ ଆଦିରୁ ସମ୍ପୃକ୍ତ ଅଞ୍ଚଳର ଗ୍ରାମ ପଞ୍ଚାୟତକୁ ଟିକସ ପ୍ରଦାନ ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

**ବରପୁତ୍ରଙ୍କ ପ୍ରତିମୂର୍ତ୍ତୀ ରକ୍ଷଣା ବେକ୍ଷଣ**

2568 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ଗ୍ରାମାଞ୍ଚଳରେ ଥିବା ବରପୁତ୍ର ମାନଙ୍କର ପ୍ରତିମୂର୍ତ୍ତୀ ଗୁଡ଼ିକର ରକ୍ଷଣା ବେକ୍ଷଣ, ପରିଷ୍କାର ପରିଚ୍ଛନ୍ନ କରି ତାଙ୍କର ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବରେ ଶ୍ରଦ୍ଧାଞ୍ଜଳି ଅର୍ପଣ ପାଇଁ ଗ୍ରାମ ପଞ୍ଚାୟତକୁ ଦାୟିତ୍ୱ ପ୍ରଦାନ ପାଇଁ ସରକାରଙ୍କ ପ୍ରସ୍ତାବ ଥିଲେ ତାହାର କାର୍ଯ୍ୟକାରୀତା ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

**Housing for all Policy**

2569 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- According to the state's Housing for All Policy, there is a shortfall of approximately 4,10,000 housing units statewide, with 2,00,000 units needed specifically in urban area; Against this demand, only 2,00,710 houses have been sanctioned under PMAY-U and RAY schemes combined and the Govt. had extended the PMAY-U completion deadline to December 31, 2025 for only those houses sanctioned by March 2022; For constituencies like Satyabadi with emerging urban centers, what accelerated implementation strategy is the Govt. adopting post-December 2025 to address the remaining 2,10,000+ housing units; Will the Govt. Jestablish dedicated state-level or district-level PMAY-U implementation teams with authority to expedite land acquisition, statutory clearances and beneficiary disbursements and what performance benchmarks will be publicly reported quarterly?

----

## Status of Sacred Grove Demarcation

2570 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- A Private Company Group's recent land acquisition near Gandhamardhan Hills (Bargarh-Balangir) sparked concerns about mining potential (207 million tons of bauxite); The Gandhamardhan Hills were declared a Biodiversity Heritage Site in 2023 under the previous Government, yet the Forest Department later issued suitability certificates; The current Government, has explicitly committed that 'not an inch of land from Gandhamardhan will be given for mining purposes.' Will the Govt. provide a categorical commitment that Puri district's sacred groves and coastal biodiversity heritage sites will similarly be protected from mining forest clearances and what is the status of sacred grove demarcation and legal protection in Satyabadi block ?

----

## ରାସ୍ତା ଓ ପୋଲ ତାଲିକା

2571 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ସୁନ୍ଦରଗଡ଼ ଜିଲ୍ଲାରେ ୨୦୨୦ ମସିହାରୁ ଆଜି ପର୍ଯ୍ୟନ୍ତ କେଉଁ କେଉଁ ରାସ୍ତା ଓ ପୋଲ ନିର୍ମାଣ ହୋଇଛି ସେଗୁଡିକର ସମ୍ପୂର୍ଣ୍ଣ ତାଲିକା, ପ୍ରକଳ୍ପ ନିମନ୍ତେ କେତେ ଅର୍ଥ ବ୍ୟୟ କରାଯାଇଛି ଓ ଏହାର ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଜଣାଇବେ କି ; ଜିଲ୍ଲାର କେଉଁ କେଉଁ ରାସ୍ତା ବିଭାଗ ଅଧିନକୁ ଆସିବାର ପ୍ରସ୍ତାବ ରହିଛି ଓ ଏଥିନିମନ୍ତେ ସରକାର କି ପଦକ୍ଷେପ ଗ୍ରହଣ କରିଛି ?

----

## ଶ୍ରମ ବିଭାଗର ଜନସଚେତନତା କାର୍ଯ୍ୟକ୍ରମ

2572 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କ) ରାଜ୍ୟରେ ୨୦୨୦ ମସିହାରୁ ଏଯାବତ୍ ଏହି ବିଭାଗ ପକ୍ଷରୁ ବିଭିନ୍ନ ଜନମଙ୍ଗଳକାରୀ ଯୋଜନାର ପ୍ରଚାର, ପ୍ରସାର, ଜନସଚେତନତା ପାଇଁ କେଉଁ କେଉଁ ସରକାରୀ/ବେସରକାରୀ ଅନୁଷ୍ଠାନ/ବ୍ୟକ୍ତିବିଶେଷ/ସଂସ୍ଥା (ଏନଜିଓ) ଆଦିଙ୍କୁ ନିୟୋଜିତ କରାଯାଇଛି ଓ ଏଥିନିମନ୍ତେ ବାର୍ଷିକ କେତେ ଅର୍ଥ ବ୍ୟୟ ବରାଦ କରାଯାଇଛି ଏବଂ ସେଥିରୁ କେତେ ଅର୍ଥ କେଉଁ କେଉଁ ସରକାରୀ/ବେସରକାରୀ ଅନୁଷ୍ଠାନ/ବ୍ୟକ୍ତିବିଶେଷ/ସଂସ୍ଥା (ଏନଜିଓ) ଆଦିଙ୍କୁ ପ୍ରଦାନ କରାଯାଇଛି?

----

## ହାତୀ କୋରିଡର ନିର୍ମାଣ

2573 **ଶ୍ରୀ ପ୍ରଦୀପ କୁମାର ସାହୁ (ବେଗୁନିଆ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଚଳିତ ମାସରେ ବେଗୁନିଆ ନିର୍ବାଚନ ମଣ୍ଡଳୀରେ 4 ଜଣଙ୍କ ଜୀବନ ହାତୀ ଆକ୍ରମଣରେ ଚାଲିଯିବା କଥା ସରକାରଙ୍କ ଦୃଷ୍ଟିକୁ ଆସିଛି କି, ଏତଦ୍ ବ୍ୟତୀତ ବହୁ ଲୋକ କ୍ଷୟକ୍ଷତି ହୋଇଛନ୍ତି, ଘରଦ୍ୱାରା ଭାଙ୍ଗିବା ଧାନ ଫସଲ ନଷ୍ଟ କରିବା ଓ ପନିପରିବା ଚାଷ ମଧ୍ୟ ଉଜୁଡିଯାଇଛି, ତମାମ ଅଞ୍ଚଳରେ ହାତୀ ରହିବା ଫଳରେ ବିଜୁଳି କାଟ ହେତୁ ସନ୍ଧ୍ୟା ହେଲେ ଜନସାଧାରଣ ଯାତାୟତ ବନ୍ଦ ଏବଂ ଛାତ୍ରଛାତ୍ରୀଙ୍କ ପଢାପଢି ତଥା ପରୀକ୍ଷା ଉପରେ କୁପ୍ରଭାବ ପଡୁଛି ଏତଦ୍ ବ୍ୟତୀତ ରୋଗୀ ଓ ବୃଦ୍ଧାବୃଦ୍ଧ ମଧ୍ୟ ଆଲୋକ ପାଇଁ ନାହିଂନଥିବା ହଇରାଣ ହେଉଛନ୍ତି, ହାତୀ ଏବଂ ବାରାହା ଯୋଗୁଁ ଚାଷୀକୁଳ ହତାଶ ହୋଇ ପଡିଛନ୍ତି, ଯାହାପାଇଁ ଚାଷୀକୁଳ ବହୁ କ୍ଷତି ସହିବାକୁ ପଡୁଛି, ସରକାର ଏଥିପ୍ରତି ଦୃଷ୍ଟି ଦେଇ ଏକ ହାତୀ କୋରିଡର ନିର୍ମାଣ କରିବେ କି ?

----

## Elephant Corridor

2574 **ଶ୍ରୀ ରୋହିତ ଯୋଶେଫ ତିର୍କି (ବୀରମିତ୍ରପୁର):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- How many on going schemes by Central Government as well as State Government in Birmitrapur Constituency, how many elephant corridor exists within this constituency, how many Vana Rakshak vehicle exists, what are the cost utilise for maintenance ?

----

## ଜଳସାଥିମାନଙ୍କ ଚାକିରୀ ସ୍ଥାୟୀ କରିବାକୁ ପଦକ୍ଷେପ

2575 **ଶ୍ରୀ ବାବୁ ସିଂ ( ଏକାମ୍ର-ଭୁବନେଶ୍ୱର):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବିଭିନ୍ନ ବିଜ୍ଞାପିତ ଅଞ୍ଚଳରେ ନିଯୁକ୍ତି ପାଇଥିବା ଜଳସାଥି ମାନଙ୍କର ଚାକିରି ନିୟମିତ କରିବା ପାଇଁ ସରକାର କିଛି ଯୋଜନା କରିବେ କି ?

----

## ଶ୍ରମିକଙ୍କୁ ସହାୟତା

2576 **ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଗତସିଂହପୁର ନିର୍ବାଚନ ମଣ୍ଡଳୀର କେତେ ସଂଖ୍ୟାରେ ଶ୍ରମିକ ଶ୍ରେଣୀର ପରିବାର ପଞ୍ଜିକୃତ ହୋଇଛନ୍ତି, ସେଥିରୁ ବିଗତ ତିନି ବର୍ଷରେ କେତେ ସଂଖ୍ୟାର ପରିବାରକୁ କେଉଁ ଯୋଜନାରୁ କେଉଁ ପ୍ରକାର ସହାୟତା ଦିଆଯାଇଛି ଏବଂ ଆଗାମୀ ଆର୍ଥିକ ବର୍ଷରେ କେତେ ସଂଖ୍ୟାର ପରିବାରକୁ କେଉଁ ପ୍ରକାର ସହାୟତା ଦେବାକୁ ଲକ୍ଷ୍ୟ ରଖାଯାଇଛି?

----

## ରାସ୍ତା ମରାମତି

2577 **ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଉଦଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କପ୍ତିପଦାଠାରୁ ଶରତ ରାସ୍ତାଟି ବର୍ତ୍ତମାନସୁଦ୍ଧା ନିର୍ମାଣ କରାଯାଇଥିଲେ ମଧ୍ୟ ତାହା ନିମ୍ନମାନରେ କରାଯାଇଛି ରାସ୍ତାଟି 4/5 ଟି ସ୍ଥାନରେ ଦବିଯାଇଛି ଯେଉଁ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ତାର ଏକ ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହିତ ପୁନଃ ନିର୍ମାଣ ପାଇଁ ବ୍ୟବସ୍ଥା କରିବେ କି ?

----

## ଖାଲି ପଡିଥିବା କନିଷ୍ଠ ଯନ୍ତ୍ରୀ ପଦବୀ ସଂଖ୍ୟା

2578 **ଶ୍ରୀ ସନ୍ତୋଷ ଖଟୁଆ (ନୀଳଗିରି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟର ବିଭିନ୍ନ ବ୍ଲକରେ ବର୍ତ୍ତମାନ କେତେ ସଂଖ୍ୟକ କନିଷ୍ଠ ଯନ୍ତ୍ରୀ (IE) ପଦବୀ ମଞ୍ଜୁରୀପ୍ରାପ୍ତ ଏବଂ ସେଥିମଧ୍ୟରୁ କେତେ ପଦବୀ ଖାଲି ପଡ଼ିଛି, (ବ୍ଲକ୍ ୱାରୀ ତଥ୍ୟ ପ୍ରଦାନ କରିବେ କି), (ଖ) ଖାଲି ପଡ଼ିଥିବା କନିଷ୍ଠ ଯନ୍ତ୍ରୀ ପଦବୀ ଗୁଡ଼ିକୁ ପୂରଣ କରିବା ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ଏହି ନିଯୁକ୍ତି ପ୍ରକ୍ରିୟା କେବେ ସୁଦ୍ଧା ଶେଷ ହେବ, ଏବଂ (ଖ) ନୀଳଗିରି ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ବ୍ଲକ ଗୁଡ଼ିକରେ କନିଷ୍ଠ ଯନ୍ତ୍ରୀଙ୍କ ଅଭାବ ଯୋଗୁଁ ଅନେକ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ସରକାର ଅବଗତ ଅଛନ୍ତି କି, ଯଦି ହଁ, ତେବେ ସେଠାରେ ଅତିରିକ୍ତ ଯନ୍ତ୍ରୀ ନିଯୁକ୍ତ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ଅଛି କି ?

----

## ଜଳଯୋଗାଣ ସଂଯୋଗ

2579 **ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରେଢ଼ାଖୋଲ ସହର କୁ ମହାନଦୀରୁ ପିଇବା ପାଣି ଯୋଗାଇ ଦେବା ପାଇଁ ହୋଇଥିବା ପାଇପ ଜଳ ପ୍ରକଳ୍ପ ଦ୍ୱାରା ବର୍ତ୍ତମାନ ସୁଦ୍ଧା କେଉଁ କେଉଁ ୱାର୍ଡର କେତେ ଘରକୁ ଜଳ ଯୋଗାଣ ସଂଯୋଗ ହୋଇ ଅଛି ଏବଂ ସହର ର କେଉଁ ଅଞ୍ଚଳ ବାସିନ୍ଦା ଏହି ପ୍ରକଳ୍ପର ସୁବିଧାରୁ ବଂଚିତ ହୋଇଛନ୍ତି, ସମୟରେ ସହର ବାସୀଙ୍କୁ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଇଦେବା ପାଇଁ ସରକାରଙ୍କର କଣ ଯୋଜନା ରହି ଅଛି ଏବଂ ଏହା କେବେ କାର୍ଯ୍ୟକାରୀ ହେବ?

----

## ପରିବେଶ ସର୍ତ୍ତାବଳୀ ଆଧାରରେ ଲଘୁ ଖଣିଜ ପଦାର୍ଥ ଉତ୍ତୋଳନ

2580 **ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟସ୍ତରୀୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ ତରଫରୁ ଲଘୁ ଖଣିଜ ପଦାର୍ଥ ଉତ୍ତୋଳନ ନିମନ୍ତେ ଯେଉଁ ସବୁ ସର୍ତ୍ତାବଳୀ ଆଧାରରେ ଅନୁମତି ପ୍ରଦାନ କରିଥାନ୍ତି ସଂପୃକ୍ତ ସର୍ତ୍ତାବଳୀ ଖଣି ପଟ୍ଟାଦାର ଅନୁପାଳନ କରୁଛନ୍ତି କି ନାହିଁ ସେ ସମ୍ପର୍କରେ ସରଜମିନ୍ ତଦନ୍ତ, ସମୀକ୍ଷା ଏବଂ ଅନୁଧ୍ୟାନ ତଥା ତର୍ଜମା କରିବାର ଦାୟିତ୍ୱ କେଉଁ କେଉଁ ବିଭାଗର କେଉଁ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି ତାହା କହିବେ କି, ବିଗତ ୫ ବର୍ଷ ମଧ୍ୟରେ କେଉଁ କେଉଁ ପଟ୍ଟାଦାର SEIAA ଦ୍ୱାରା ଜାରି କରାଯାଇଥିବା ସର୍ତ୍ତ ଉଲ୍ଲଘଂନ କରି ଖଣିଜ ଉତ୍ତୋଳନ କରିଛନ୍ତି ଓ କେଉଁ ବିଭାଗର କେଉଁ ଅଧିକାରୀ କେଉଁ ଜିଲ୍ଲାର କେତୋଗୋଟି ଖଣି ପରିଦର୍ଶନ କରି ରିପୋର୍ଟ ଦାଖଲ କରିଛନ୍ତି, କେଉଁ ପଟ୍ଟାଦାର ସର୍ତ୍ତ ଉଲ୍ଲଘଂନ କରି ଖଣିଜ ଉତ୍ତୋଳନ ଓ ପରିବହନ କରିଥିଲେ ମଧ୍ୟ SEIAA କର୍ତ୍ତୃପକ୍ଷଙ୍କ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା?

----

### ମଞ୍ଜୁର ଓ ଖାରଜର ଜିଲ୍ଲାୱାରୀ ବିବରଣୀ

2581 **ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡ଼ିଶାର ଆଦିବାସୀ ପ୍ରବଳ ଅଞ୍ଚଳଗୁଡ଼ିକରେ ଜଙ୍ଗଲ ଅଧିକାର ଆଇନ (FRA) ସଠିକ୍ ଭାବେ କାର୍ଯ୍ୟାନ୍ୱୟନ ନହେବାରୁ ଜଙ୍ଗଲ ଉପରେ ନିର୍ଭରଶୀଳ ଲୋକଙ୍କ ଜୀବିକା ପ୍ରଭାବିତ ହେଉଛି, ତେବେ କେତେ Individual ଓ Community Forest Rights ଦାବି ଆସିଛି, କେତେ ମଞ୍ଜୁର ଓ କେତେ ଖାରଜ ହୋଇଛି?

----

### ବେଳା ଭୂମିର ବିକାଶ

2582 **ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) କେଉଁ କମ୍ପାନୀଙ୍କ ଗହୀର ମଥା ସାମୁଦ୍ରିକ ଅଭୟାରଣ୍ୟ ମଧ୍ୟରେ ଜମି ଦିଆଯାଇଛି, ଏହାର ଉଦ୍ଦେଶ୍ୟ କଣ ଉକ୍ତ ଜମିର ସଂଖ୍ୟା (ପରିମାଣ) ଓ ମୂଲ୍ୟକେତେ, (ଖ)ଏକ ଘରୋଇ କମ୍ପାନୀ କିଣିଥିବା 300 ଏକର ସମୁଦ୍ର ବେଳା ଭୂମିରେ କଣ ପ୍ରତିଷ୍ଠା କରାଯାଇଛି ଉକ୍ତ ଜମି କେତେ ଏବଂ କେତେ ଟଙ୍କାରେ ବିକ୍ରୟ ହୋଇଛି, ପରିବେଶ ଅନୁମତି କେବେ ମିଳିଥିଲା ?

----

### ବସ୍ତାରେ ବର୍ଜ୍ୟବସ୍ତୁ ପୃଥକୀକରଣ କେନ୍ଦ୍ର ଗୃହ ନିର୍ମାଣ

2583 **ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ସ୍ୱଚ୍ଛ ଭାରତ ଅଭିଯାନରେ ବସ୍ତା ନିର୍ବାଚନ ମଣ୍ଡଳୀରେ କେତେଗୋଟି ଏବଂ କେଉଁଠାରେ ବର୍ଜ୍ୟବସ୍ତୁ ପୃଥକୀକରଣ କେନ୍ଦ୍ର ଗୃହ ନିର୍ମାଣ ହୋଇଛି ଓ ସେ ବାବଦରେ ସମୁଦାୟ କେତେ ଅର୍ଥ ଖର୍ଚ୍ଚ ହୋଇଛି ଏବଂ ଏବେ ସେହି କେନ୍ଦ୍ର ଗୁଡିକରେ ବର୍ଜ୍ୟବସ୍ତୁ ପୃଥକୀକରଣ କାର୍ଯ୍ୟ କରାଯାଉଛି କି ?

----

### Contamination levels recorded unsafe drinking Water

2584 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- A recent CAG audit flagged unsafe drinking water quality in Bhubaneswar, Berhampur and Sambalpur, what were the contamination levels recorded (parameter-wise) how many samples failed safety standards and how many households were affected, the reason of water testing labs were found non-functional despite budget allocations ?

----

### ଡ୍ରେନେଜ ଓ ସ୍ୱେରେଜ ବ୍ୟବସ୍ଥା

2585 **ଶ୍ରୀ ସାଗର ଚରଣ ଦାସ (ଭାବନୀପାଟଣା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ବିଧାନସଭାର ଅଣତାରକା ପ୍ରଶ୍ନ ସଂଖ୍ୟା.୧୬୨୬, ତାରିଖ 23.୦୭.2025 ର ଉତ୍ତର ଅନୁଯାୟୀ ସୋରୋ ମ୍ୟୁନିସିପାଲିଟିର ସମସ୍ତ ୱାର୍ଡ ପାଇଁ ଡ୍ରେନେଜ ଓ ସ୍ୱେରେଜର ସୁ ବ୍ୟବସ୍ଥା ପାଇଁ ଏକ Technical Team ଦ୍ୱାରା Field Survey କରି DPR ( Drainage Master Plan) ବିଭାଗର ହସ୍ତଗତ ହୋଇଅଛି ଏବଂ ବିଭାଗର ସକ୍ରିୟ ବିଚାରଧୀନ ଅଛି, ବିଭାଗ ଉକ୍ତ Drainage Master Plan କାର୍ଯ୍ୟ ଟେଣ୍ଡର ପ୍ରକ୍ରିୟାକୁ ଯିବ ଏବଂ କେବେ କାର୍ଯ୍ୟ ଆରମ୍ଭ ହେବ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମାପ୍ତ ହେବ, (ଖ) ବିଧାନସଭାର ଅଣତାରକା ପ୍ରଶ୍ନ ସଂଖ୍ୟା.୨୩୪, ତାରିଖ 02.12.2025 ର ଉତ୍ତର ଅନୁଯାୟୀ ସୋରୋ ମ୍ୟୁନିସିପାଲିଟି ର ଅବସ୍ଥିତ ବଡ ପୋଖରୀର ଉନ୍ନତିକରଣ ପାଇଁ ଯଥା ଶୀଘ୍ର DPR ପ୍ରସ୍ତୁତ କରାଯାଇ ବିଭାଗକୁ ପ୍ରେରଣ ପାଇଁ ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରାଯାଇଛି, ତେବେ କେବେ ସୁଦ୍ଧା DPR ବିଭାଗର ହସ୍ତଗତ ହେବ ଏବଂ ବିଭାଗ ଉକ୍ତ ବଡ ପୋଖରୀ କାର୍ଯ୍ୟ ପ୍ରକ୍ରିୟାକୁ ଯିବ ଏବଂ କେବେ ସୁଦ୍ଧା କାର୍ଯ୍ୟ ଆରମ୍ଭ ହେବ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସମାପ୍ତ ହେବ ?

----

### ପୋଖରୀ ପୁନଃରୁଦ୍ଧାର

2586 **ଶ୍ରୀ ପବିତ୍ର ସାଉଁନ୍ତା (ଲକ୍ଷ୍ମୀପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର କେଉଁ ବ୍ଲକର କେଉଁ ଗ୍ରାମ ପଞ୍ଚାୟତର କେଉଁ ଗ୍ରାମରେ ପଞ୍ଚାୟତ ପୋଖରୀ ଥିବାବେଳେ ତନ୍ମଧ୍ୟରୁ କେଉଁ ଗୁଡ଼ିକ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି, ଏହାକୁ ପୁନରୁଦ୍ଧାର ପୂର୍ବକ ମାଛଚାଷ ଓ ବ୍ୟବହାର ଉପଯୋଗୀ କରିବାକୁ ପଦକ୍ଷେପ ଗ୍ରହଣ କରିବେ କି, (ଖ) ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର କେଉଁ କେଉଁ ଗ୍ରାମରେ ମଶାଣୀ ପାଇଁ କେତେ ଜାଗା ସ୍ଥିରୀକୃତ ହୋଇଛି ଏହି ଜାଗାକୁ ଆବଦ୍ଧ କରି ରଖିବା ସହ ପ୍ରତ୍ୟେକ ମଶାଣୀରେ ଶବଦାହ ପିଣ୍ଡି ଓ ଶବବାହକ ଆଶ୍ରୟସ୍ଥଳୀ ନିର୍ମାଣ ସହ ବୃକ୍ଷରୋପଣ କରିବାକୁ କି ପଦକ୍ଷେପ ଗ୍ରହଣ କରାଯାଉଛି ?

----

### କାର୍ଯ୍ୟଦେଶର ବିଷଦ ବିବରଣୀ ପ୍ରଦାନ

2587 **ଶ୍ରୀ ନଳିନୀ କାନ୍ତ ପ୍ରଧାନ (ଆଠମଲ୍ଲିକ):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଆଠମଲ୍ଲିକ୍ ପଞ୍ଚାୟତ ସମିତିର କାର୍ଯ୍ୟଗୁଡିକର workfile ଯେଉଁଥିରେ କାର୍ଯ୍ୟାଦେଶ,Estimate, Payment reviewed by J.E, payment to work vendor for material, Payment to labourers with detailed measurement ପ୍ରଦାନ କରିବେ କି, 5th SFC-20-21 & 21-22- Const. of Kalyan mandap at New Shiva Temple at Bamur-10.00 lakh, SBM (Uramin) - Const. of (C.C. at Bamur G-P.-6.00 lakh, 824962115- Const. of Building - Improvement of G.P. office at Bamur- 5.00 Lakh, 5th SFC - G/A Develop 20-21-Imp, of weekly market at Bamur - 10.00 lakh ?

----